

ଗୁରୁଗ୍ରାମରେ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



'ମେଟ୍ରୋ ଇନ ଦିନୋ'ରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି ଆଦିତ୍ୟ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୭ | Vol. 22 No-107 | 17 JULY 2025 THURSDAY, BHUBANESWAR | ଗୁରୁବାର, ୧୭ ଜୁଲାଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ବିଜେଡିର ବିକ୍ଷୋଭ

# ଲୋୟର ପିଏମ୍‌ଜି ରଣକ୍ଷେତ୍ର





ଭୁବନେଶ୍ୱର,୧୬।୭ (ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ କଲେଜ ଶିକ୍ଷାବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ବୁଧବାର ଲୋୟର ପିଏମ୍‌ଜି ପାଲଟିଲା ରଣକ୍ଷେତ୍ର। ଲୋୟର ପିଏମ୍‌ଜିରେ ପୋଲିସ ଓ ବିଜେଡି କର୍ମୀ ମୁହାଁମୁହିଁ। ବିଜେଡିର ପ୍ରତିବାଦବେଳେ ପୋଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ହଜାର ହଜାର ବିଜେଡି କର୍ମୀ ଲୋକସେବା ଭବନ ଘେରାଉ କରିବାକୁ ଯିବାବେଳେ ସେମାନଙ୍କୁ

- ପୋଲିସ-ବିଜେଡି କର୍ମୀ ମୁହାଁମୁହିଁ, ଧସ୍ତାଧସ୍ତି
- ପୋଲିସର ପାଣିମାଡ଼, ଲୁହବୁହା ଗ୍ୟାସ୍ ପ୍ରୟୋଗ
- ଶତାଧିକ ବିଜେଡି କର୍ମୀଙ୍କୁ ଅଟକ ରଖିଲା ପୋଲିସ
- ରବର ବୁଲେଟ୍ ଫାୟାରରେ ବହୁ ନେତା ଆହତ
- ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧୀଦଳ ନେତାଙ୍କ ନିନ୍ଦା
- ରବର ବୁଲେଟ୍ ଫାୟାର ହୋଇନାହିଁ: ପୋଲିସ କମିଶନର
- ବାଲେଶ୍ୱରରେ ବିଜେଡିର ୮ ଘଣ୍ଟିଆ ବନ୍ଦ ପାଳନ

ପୋଲିସ ଅଟକାଇଥିଲା। ଏହାସହ ଆନ୍ଦୋଳନକାରୀଙ୍କୁ ଅଟକାଇବା ପାଇଁ ପୋଲିସ ପାଣିମାଡ଼ ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଏପରିକି ରବର ବୁଲେଟ୍ ଫାୟାରରେ ବହୁ ବିଜେଡି ନେତା ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ଏହାକୁ ଅସ୍ୱୀକାର କରିଛନ୍ତି ପୋଲିସ • ପୃଷ୍ଠା ୫ ଦେଖନ୍ତୁ

## ଅସ୍ତିତ୍ୱ ବଞ୍ଚାଇବା ପାଇଁ ଆନ୍ଦୋଳନ : ବିଜେପି



ଭୁବନେଶ୍ୱର, ୧୬।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ମୃତା ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଯାହା ଆବଶ୍ୟକ ପଡିବ, ତାହା କରିବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ। ଏହି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋଦ ନିଜେ ଦୁଇ ଥର ଯାଇ ଘଟଣାର ତଦାରଖ କରିଛନ୍ତି। ଯେଉଁମାନେ • ପୃଷ୍ଠା ୫ ଦେଖନ୍ତୁ

## ଏଫ୍‌ଏମ୍ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲା

# ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ



ଭୁବନେଶ୍ୱର,୧୬।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି। ଏ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡିଏସ୍‌ପି ଇମନ କଲ୍ୟାଣ ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବାବେଳେ ତାଙ୍କୁ କ୍ରାଇମବ୍ରାଞ୍ଚ ଇନ୍‌ସ୍‌ପେକ୍ଟର ପାଞ୍ଚାଳି ରାଉତ ସହଯୋଗ କରିବେ। ଏବେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛି ପଡୁଛି। ବିରୋଧୀମାନେ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିଥିବାବେଳେ ସଂପୃକ୍ତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୧୬।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ଏହାର ପ୍ରତିବାଦରେ ଗୁରୁବାର କଂଗ୍ରେସ ଓ ଅନ୍ୟ ୯ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମନ୍ତ୍ରିମଣ୍ଡଳର ସଦସ୍ୟ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି। ବିଶେଷକରି ଛାତ୍ରୀ ମୃତ୍ୟୁ ଘଟଣା ତଥା ବନ୍ଦ ପାଳନକୁ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ...

### ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୬।୭(ଭାସ୍କର ନ୍ୟୁଜ): କେତେକ ସରକାରୀ କାର୍ଯ୍ୟପାଇଁ ଆସନ୍ତା ୨୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ବଜ୍ରାଘାତରେ ୨ ମହିଳା ମୃତ

କେନ୍ଦୁଝର,୧୬।୭(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ବିଞ୍ଜବାହାଳ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟିବା ଫଳରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସଂପର୍କରେ ଶାଶୂ ଓ ବୋହୂ। ଶାଶୂ ରୁକ୍ମଣୀ ନାୟକ ଓ ବୋହୂ ଲବଣୀ ନାୟକ ବିଲରେ କାମ କରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଦୁଇଜଣଯାକ ବିଲରେ ଟଳି ପଡ଼ିଥିଲେ।

### ୩ କଲରାପତରିଆ ବାଘଛାଲ ଜବତ, ୭ ଗିରଫ

ବାରିପଦା,୧୬।୭(ଭାସ୍କର ନ୍ୟୁଜ): ୩ଟି କଲରାପତରିଆ ବାଘଛାଲ ବିକ୍ରି ପାଇଁ ମୂଲଚାଲ ଚାଲିଥିବାବେଳେ ଏସଟିଏଫ୍ ଏହାକୁ ଜବତ କରିବା ସହ ୭ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ଭିତରେ ଜଣେ ସରକାରୀ ଶିକ୍ଷକ ରହିଛନ୍ତି। ସେ ଏହାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ତାଙ୍କୁ ପଚରାଉଚୁରା କରାଯାଉଛି। ଏହି ବାଘଛାଲ ସ୍ମଗଲିଂ ର୍‍ୟାକେଟ ପଛରେ ଆଉ କିଏ ରହିଛନ୍ତି ସେ ନେଇ ତଦନ୍ତ କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୮୨,୬୩୪.୪୮
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୬।୭।୨୦୨୫ ର ମତାମତ

ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ ସତ୍ତ୍ୱେ ଓଡ଼ିଶାରୁ ମାଓବାଦ ବିଲୋପ ସମ୍ଭବ କି ?




### ଆଜିର ପ୍ରସଙ୍ଗ

ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ନ୍ୟାୟ ବଦଳରେ ରାଜନୀତି କରିବା ଗ୍ରହଣୀୟ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବିଜେଡ଼ିର କାମ ସରିଗଲା ପରେ
କଂଗ୍ରେସର ଆଜି ପାଳି,
ଯାଙ୍କ କରାମତି ଥାଉ କି ନ ଥାଉ
ସର୍କାରଙ୍କୁ ଦେବେ ଗାଳି ।
ସୌମ୍ୟାଶ୍ରୀ ପଡ଼ିଲା ବଳି,
ତାଙ୍କୁ ନେଇ ଯେଉଁ ରାଜନୀତି ହୁଏ
ଦେଖ ହୁଏ କେଉଁଭଳି ?

# ଆଜି ଓଡ଼ିଶା ବନ୍ଦ

## କଂଗ୍ରେସ ସହ ୭ ଦଳ ସାମିଲ



ଭୁବନେଶ୍ୱର,୧୬।୭(ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ ଗୁରୁବାର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏଫଏମ୍ କଲେଜର ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ଛାତ୍ରୀଙ୍କ ସହ ଘଟିଥିବା ଅମାନବୀୟ ଘଟଣାରେ ନିଜର ସୁରକ୍ଷା ନ ମିଳିବାରୁ ଛାତ୍ରୀଜଣକ ନିଜ ଦେହରେ ନିଆଁ ଲଗାଇଥିଲେ। ଏହି ଘଟଣା ନେଇ ଛାତ୍ରୀଜଣକ ପ୍ରଶାସନଠାରୁ ଆରମ୍ଭ କରି ବିଜେପି ସରକାରଙ୍କ ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟପାଇଁ ନିବେଦନ କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଏହାର ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଛି। ଏଥିପାଇଁ ପୋଲିସ ପକ୍ଷରୁ ସୁରକ୍ଷା ନିମନ୍ତେ ବ୍ୟାପକ ବ୍ୟବସ୍ଥା

**ସଜାଗ ରହିବାକୁ ସବୁ ଜିଲ୍ଲାପାଳଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ**

କରାଯାଇଛି। ଭୁବନେଶ୍ୱର ଓ କଟକକୁ ଡ୍ରୋନ୍ ଓ ଏଆଇ କ୍ୟାମେରା ଜଗିବ ବୋଲି କୁହାଯାଇଛି। ସବୁ ଛକ, ବଜାର ଓ ସରକାରୀ କାର୍ଯ୍ୟାଳୟ ନିକଟରେ ପୋଲିସ ମୁତୟନ ରହିବେ। ଖିଲାପକାରୀଙ୍କ ଉପରେ ନଜର ରଖିବା ପାଇଁ ସାଦା ପୋଷାକରେ ମଧ୍ୟ ପୋଲିସ ମୁତୟନ ହେବେ। ପୋଲିସ କମିଶନର ଏସ.ଦେବଦତ୍ତ ସିଂ କହିଛନ୍ତି ଯେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯାଉ। ଆଇନକୁ କୌଣସି ନେତା ବା କର୍ମୀ ହାତକୁ ନିଅନ୍ତୁ ନାହିଁ । ଲୋକସେବା ଭବନ, ବିଧାନସଭା, ରାଜୀବ ଭବନ ଓ ବିଭିନ୍ନ ଭିଭିଆଇପିଙ୍କ ବାସଭବନ ନିକଟରେ ସୁରକ୍ଷା କଡ଼ାକଡ଼ି ହେବ। ରେଲରୋକବେଳେ ହିଂସାର ପନ୍ଥା ଆପଣାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୩ ପ୍ରସ୍ତାବକୁ ଅନୁମୋଦନ

# ସମୃଦ୍ଧ ସହର ଯୋଜନାକୁ ମଞ୍ଜୁରି



- ଆଦର୍ଶ ବିଦ୍ୟାଳୟର ମାସିକ ରେଣ୍ଟ ଛାଡ଼
- ବିଶ୍ୱବିଦ୍ୟାଳୟ ଆଇନରେ ପରିବର୍ତ୍ତନକୁ ମଞ୍ଜୁରି
- ରାଇରଙ୍ଗପୁରରେ ହେବ ନୂତନ ପୋଲିସ ଜିଲ୍ଲା
- ଜରୁରିକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା ସଂପ୍ରସାରଣକୁ ଅନୁମୋଦନ

ଭୁବନେଶ୍ୱର,୧୬।୭(ଭାସ୍କର ନ୍ୟୁଜ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ୧୧ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ, ଶକ୍ତି, ରାଜସ୍ୱ, ଗୃହନିର୍ମାଣ, ଗଣଶିକ୍ଷା ବିଭାଗର ଏହିସବୁ ପ୍ରସ୍ତାବକୁ ପାରିତ କରାଯାଇଛି। ସମୃଦ୍ଧ ସହର ଯୋଜନାକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ୪୮୭୯.୩୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିଭଳି ବୈଠକରେ ଆଦର୍ଶ ବିଦ୍ୟାଳୟର ମାସିକ ରେଣ୍ଟକୁ ଛାଡ଼ କରାଯାଇଛି। ଆଉ ଛାତ୍ରଛାତ୍ରୀମାନଙ୍କୁ ଦେୟ ଦେବାକୁ ପଡ଼ିବ ନାହିଁ। ଏଥିପାଇଁ ୫ ବର୍ଷରେ ୩୫୦ କୋଟି ଟଙ୍କା ବ୍ୟୟ କରାଯିବ। ଛାତ୍ରଛାତ୍ରୀମାନେ ପୂର୍ବରୁ ମାସିକ ୨ହଜାର ଟଙ୍କା ରେଣ୍ଟ ଦେଉଥିଲେ। ସେହିପରି ବୈଠକରେ ବିଶ୍ୱବିଦ୍ୟାଳୟ ଆଇନରେ ପରିବର୍ତ୍ତନକୁ ମଞ୍ଜୁରି ଦିଆଯାଇଛି। ସ୍ଥାୟୀ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଭାରପ୍ରାପ୍ତ କୁଳପତିଙ୍କୁ କ୍ଷମତା ପ୍ରଦାନ କରାଯିବ। ସେହିପରି ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ବିଭାଜନ କରି ରାଇରଙ୍ଗପୁରକୁ • ପୃଷ୍ଠା ୫ ଦେଖନ୍ତୁ






କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି, କେନ୍ଦୁଝର ଦ୍ୱାରା ଜୁଲାଇ ୧୪ ଓ ୧୫ ତାରିଖ ଦୁଇ ଦିବସୀୟ ସାଧାରଣ ସଂପତ୍ତି ପରିଚାଳନା ନିମନ୍ତେ ନିର୍ବାଚିତ ପଞ୍ଚାୟତ ମହିଳା ପ୍ରତିନିଧିମାନଙ୍କର ନେତୃତ୍ୱ ବିକାଶ ଶିବିର କେନ୍ଦୁଝରଗଡଠାରେ ଅନୁଷ୍ଠିତ ହୋଇଯାଇଛି । ବାଂଶପାଳ ବ୍ଲକ ୨୧ଟି ଗ୍ରାମ ପଞ୍ଚାୟତର ୨୧ ଜଣ ମହିଳା ପ୍ରତିନିଧି ସକ୍ରୀୟ ଅଂଶଗ୍ରହଣ କରିଥିଲେ । ସାଧାରଣ ସଂପତ୍ତିର ରକ୍ଷଣାବେକ୍ଷଣ ପାଇଁ ଦୀର୍ଘ ୬ ମାସ ଧରି ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ କାଳ ମଧ୍ୟରେ ସାଧାରଣ ସଂପତ୍ତିର ଚିହ୍ନଟିକରଣ କରିବା, ପଞ୍ଚାୟତ ମଧ୍ୟରେ ଥିବା ସାଧାରଣ ସଂପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଇତ୍ୟାଦି ବିଷୟରେ ଅଭିଜ୍ଞ ତାଲିମଦାତାମାନେ ତାଲିମ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଦିବସରେ ପ୍ରତ୍ୟେକ ପଞ୍ଚାୟତ ପ୍ରତିନିଧି ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ଉତ୍ତରୀୟ, ମାନପତ୍ର, ସାଧାରଣ ସଂପତ୍ତି ପରିଚାଳନାର ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଇଥିଲା । ମହିଳା ପ୍ରତିନିଧିମାନଙ୍କର ମହିଳା ସଂଗଠନ ଗଠନ କରାଯାଇଥିଲା ଓ ଆଗାମୀ ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ଏକ ଦୀର୍ଘମିଆଦୀ ଖସଡା ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପରିବେଶବିତ ଭକ୍ତବତ୍ସଳ ମହାନ୍ତି, ଆମ୍ବାର ଏପିଡି ପଦ୍ମାବତୀ ମହାକୁଡ,ଏଫ୍‌ଇଏସ୍ ର ବରିଷ୍ଠ କର୍ମକର୍ତ୍ତା ବିରଞ୍ଚି ପାଇକରାୟ ଯୋଗଦେଇ ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ । ସୁଶ୍ରୀ ବର୍ଷାରାଣୀ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୁନାମୀ ମାଝୀ,ବିଜୟଲକ୍ଷ୍ମୀ ମହାନ୍ତି,ସୂର୍ଯ୍ୟସିଂ ସୋରେନ,ସାସ୍ୱତିକ ତ୍ରିପାଠୀ ସହଯୋଗ କରିଥିଲେ ।

# ଗୋବା ହତ୍ୟା ମାମଲାରେ ଆଉ ୩ କୋର୍ଟଚାଲାଣ



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମରେ ଗତ ୧ ତାରିଖରେ ସଂଘବଦ୍ଧ ଆକ୍ରମଣ କରି ତୋଫାନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା ଏଥିସହ ଅନ୍ୟ ୪ ଜଣଙ୍କୁ ଆକ୍ରମଣ ହୋଇଥିଲା । ଏହି ମାମଲାରେ ସମ୍ପୃକ୍ତ ଆଉ ୩ ଜଣଙ୍କୁ ଛତ୍ରପୁର ଥାନା ପୋଲିସ ଗିରଫ କରିଛି । ଗିରଫମାନେ ହେଲେ ଗୋବା ଗାଁର ସମ୍ବିତ ସାହୁ, ବିଭୂତି ସ୍ୱାଇଁ ଓ କେଦାର ସ୍ୱାଇଁ । ଏମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ପୂର୍ବରୁ ଉକ୍ତ ମାମଲାରେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏ ସମ୍ପର୍କରେ ଗଞ୍ଜାମ ଅତିରିକ୍ତ ଏସପି ରଂଜିତ କୁମାର ପୃଷ୍ଟି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୂର୍ବରୁ ଗୋବା ଗାଁରେ କୋଠ ସମ୍ପତ୍ତି ଓ ପୂର୍ବ ଗୋଷ୍ଠୀ ବିବାଦକୁ ନେଇ ହୋଇଥିବା ୩ଟି ମାମଲାରେ ଏମାନେ ସମ୍ପୃକ୍ତ ଅଛନ୍ତି ଏବଂ ପୋଲିସ ଏ ସମ୍ପର୍କରେ ଚାର୍ଜସିଟ ଦାଖଲ କରିଥିବା ସୂଚନା ଦିଆଯାଇଛି । ଏହି ତଦନ୍ତ ଅବ୍ୟାହତ ରହିଛି ଏବଂ ଏହି ମାମଲାରେ ଆଉ କେହି ସମ୍ପୃକ୍ତ ଅଛନ୍ତି ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି । ହତ୍ୟାରେ ବ୍ୟବହୃତ ଗୋଟିଏ ଠେଙ୍ଗା ପୂର୍ବରୁ ଜବତ ହୋଇଥିବା ବେଳେ ଏମାନଙ୍କ ଠାରୁ ଆଉ ୨ଟି ଠେଙ୍ଗା ପୋଲିସ ଜବତ କରିଛି । ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ ।

# ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବ




ନିଆଳି (ଭାସ୍କର ନ୍ୟୁଜ): ଦିଲ୍ଲୀ ସ୍ଥିତ ଧୃତ ଟ୍ରାନ୍ସମିସନ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଚୟନ ପ୍ରକ୍ରିୟା ରେ କୃତକାର୍ଯ୍ୟ ହୋଇଥିବା ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ପତ୍ରକଣା ଠାରେ ଥିବା ଆପେକ୍ସ ଆଇଟିଆଇର ୨୦ ଜଣ ଛାତ୍ରଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବା ଉପଲକ୍ଷେ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଯାଇଛି । ଆଇଟିଆଇର ଅଧ୍ୟକ୍ଷ ଇଞ୍ଜିନିୟର ଶ୍ରୀସନ୍ନ୍ୟାସୀ ଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରାଚୀ ଗବେଷକ ବାବା ହଂସନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମ୍ପାନୀରେ ନିଷ୍ଠାପର ଭାବେ କାର୍ଯ୍ୟ କରି ଓଡ଼ିଶାର ନାମ ଉଜ୍ଜ୍ୱଳ କରିବା ନିମନ୍ତେ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷାବିତ ସୁବୋଧ ପ୍ରଧାନ,ସଂକଳ୍ପ ଅନୁଷ୍ଠାନର ସଭାପତି ଚକ୍ରଧର ପ୍ରଧାନ, ପ୍ରଶାସନିକ ଅଧିକାରୀ ମିହିରକାନ୍ତ ମହାପାତ୍ର, ଦିଗନ୍ତ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଏ ଜୟଲକ୍ଷ୍ମୀ, ଛାତ୍ରାବାସ ପରିଚାଳକ ଜୟକୃଷ୍ଣ ଚମ୍ପତି ପ୍ରମୁଖ ଯୋଗ ଦେଇ ପରୀକ୍ଷା ଶେଷ ହେବା ପୂର୍ବରୁ ଚାକିରୀ ପାଇଥିବା ୨୦ ଜଣ ଛାତ୍ର ଙ୍କୁ ଅଭିନନ୍ଦନ ଜଣାଇବା ସହ ବର୍ତ୍ତମାନ ସମୟରେ ଆଇଟିଆଇ ପାଠ ହିଁ ରୋଜଗାରର ଏକମାତ୍ର ମାଧ୍ୟମ ବୋଲି ମତ ଦେଇଥିଲେ । ଅତିଥିମାନେ ୨୦ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ । ଶେଷରେ ଉପାଧ୍ୟକ୍ଷ ଇଞ୍ଜିନିଅର ବିପ୍ଳବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଇଂ. ମଦନ ମାଝି, ସୌମ୍ୟରଞ୍ଜନ ଶତପଥି, ସୁଧୀର କୁମାର ଜେନା, ବିଶ୍ୱରଂଜନ ବେହେରା, ଉପେନ୍ଦ୍ର ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଓଟିଏମ୍ ହାଇସ୍କୁଲରେ ଚାରାରୋପଣ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭକ୍ତ ସମାଜ ସମ୍ପାଦକ ଶରତ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ସ୍ଥାନୀୟ ଓଟିଏମ କଲୋନୀସ୍ଥିତ ପିଏମଶ୍ରୀ ଓଟିଏମ୍ ହାଇସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧାରାବାହିକ ପ୍ରବଚକ ବାବା ସତ୍ୟାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରି ନିଜ ପିଲାମାନଙ୍କ ଲାଳନପାଳନ କଲାଭଳି ଚାରା ଗୁଡ଼ିକର ଦାୟିତ୍ୱ ନେବାପାଇଁ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ପାରମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଚାରାରୋପଣ ସମ୍ପର୍କିତ ଶପଥପାଠ କରାଯାଇଥିଲା । ଭକ୍ତ ସମାଜର ସନ୍ତୋଷ କୁମାର ଧର,ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଶ୍ୱକଲ୍ୟାଣ ଦାସ,ବିମଳ କୁମାର ବେଉରା, ଶିକ୍ଷାବିତ୍ ଜିତେନ୍ ରାଉତ,ଅର୍ଜୁନ ପଣ୍ଡା,ସାମ୍ବାଦିକ ସତ୍ୟବ୍ରତ ଦାସ, ଦୀପକ ମଙ୍ଗରାଜ, ନାରାୟଣ ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



# ଶିକ୍ଷା ଓ ଅନୁସନ୍ଧାନ: ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟସେବାର ଉତ୍କର୍ଷ କେନ୍ଦ୍ର



ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ
(କୁଳପତି)

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶରେ ଅଗ୍ରଣୀ ଭୂମିକା ନେଇଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ୧୯ ବର୍ଷରେ ପଦାର୍ପଣ କରିଛି । ଉତ୍କୃଷ୍ଟ ବୃତିଗତ ଉଚ୍ଚଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନର ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ଗଢ଼ି ତୋଳିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ରହିଛି ଦୀର୍ଘ ୩ ଦଶନ୍ଧିର ସମୃଦ୍ଧ ପରମ୍ପରା । ୧୯୯୬ ମସିହାରେ ଏକ ନମ୍ର ପ୍ରୟାସରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି । ଗୁଣାତ୍ମକ ଶିକ୍ଷା ଓ ଅଭିନବ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଇ ସୋଆ ସମାଜର ହିତ ନିମନ୍ତେ ଅବିରତ କାର୍ଯ୍ୟ କରି ଚାଲିଛି । ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା । ୧୯୯୬ ମସିହାରେ ଏକ ଇଞ୍ଜିନିୟରିଂ କଲେଜର ସ୍ଥାପନାରୁ ସୋଆର ଯାତ୍ରା ଆରମ୍ଭ ହୋଇଥିଲା । ଆଜି ଏହି କଲେଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ନାମରେ ବିଖ୍ୟାତ । ସୋଆରେ ପ୍ରାୟ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ଟି ଦେଶରୁ ପ୍ରାୟ ୪୦୦ ବିଦେଶୀ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ ଯେଉଁମାନେ ନିଜର ଭବିଷ୍ୟତ ଗଢିବା ପାଇଁ ସୋଆକୁ ଚୟନ କରିଛନ୍ତି । ସେହିପରି ସୋଆରେ ୧୨ ହଜାରରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ନାରୀ ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଅଧିକ ମହତ୍ୱ ଓ ଗୁରୁତ୍ୱ ଦେଉଥିବା ସୋଆର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୫୨ ପ୍ରତିଶତରୁ ଅଧିକ ହେଉଛନ୍ତି ଛାତ୍ରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ୪୨ ପ୍ରତିଶତରୁ ଅଧିକ ମହିଳା କାର୍ଯ୍ୟରତ । ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ କେବଳ ଏହି ଶିକ୍ଷାନୁଷ୍ଠାନର ବିଦ୍ଧାଣୀ ନୁହଁନ୍ତି ବରଂ ଶିକ୍ଷା କ୍ଷେତ୍ରର ଏଭଳି ଜଣେ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ । ଛୋଟ ପଦକ୍ଷେପରୁ ଏକ ବିଶାଳ ଅନୁଷ୍ଠାନ ଗଢ଼ିବାରେ ପ୍ରଫେସର ନାୟକଙ୍କର ଯାତ୍ରା କେବଳ ପ୍ରେରଣାଦାୟୀ ନୁହେଁ ବରଂ ଆମ ସମାଜ ପାଇଁ ଏକ ବିଶାଳ ଉଦାହରଣ ସୃଷ୍ଟି କରିଛି । ଉତ୍କର୍ଷ ମାନର ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ସୋଆ ପକ୍ଷରୁ ବାରଟି ବୃତିଗତ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି । ସୋଆର ଆଇନ ଶିକ୍ଷା ପ୍ରଦାନକାରୀ ଅନୁଷ୍ଠାନ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) ଏନ୍‌ଆଇଆରଏଫ୍ ର୍ୟାଙ୍କିଙ୍ଗସ୍ ୨୦୨୪ରେ ଦେଶର ୯ମ ଶ୍ରେଷ୍ଠ ଲ' କଲେଜର ମାନ୍ୟତା ପାଇଛି । ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍ ) ଏନ୍‌ଆଇଆରଏଫ୍ ର୍ୟାଙ୍କିଙ୍ଗସ୍ ୨୦୨୪ରେ ୯ମ ଶ୍ରେଷ୍ଠ ଡେଂଟାଲ୍ କଲେଜ ଭାବେ ସ୍ଥାନୀତ ହୋଇଛି । ନ୍ୟାସନାଲ୍ ଆସେସ୍‌ମେଂଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ (ନାକ୍) ଦ୍ୱାରା ସୋଆକୁ ୨୦୨୨ରେ ସର୍ବାଧିକ ଗ୍ରେଡ୍ ଏ ++ ସହ ପୁନଃ ସ୍ୱୀକୃତି ପ୍ରଦାନ କରାଯାଇଛି । ସୋଆକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନକାରୀ ସଂସ୍ଥା କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲଡ ୟୁନିଭର୍ସିଟି ର୍ୟାଙ୍କିସ୍ ଦ୍ୱାରା ମଧ୍ୟ ମାନ୍ୟତା ମିଳିଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ କଲେଜ ଗୁଡିକ ଦ୍ୱାରା ୩୧ଟି ଅଣ୍ଡର ଗ୍ରାଜୁଏଟ୍ ଏବଂ ୭୯ଟି ପୋଷ୍ଟ ଗ୍ରାଜୁଏଟ୍, ୧୫ଟି ପୋଷ୍ଟ ମାଷ୍ଟର, ପିଏଚ୍‌ଡି ଓ ପୋଷ୍ଟ ଡକ୍ଟରାଲ୍ ପ୍ରୋଗ୍ରାମ୍ ପ୍ରଦାନ କରାଯାଉଛି । ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆରେ ୧୮ଟି ଗବେଷଣା କେନ୍ଦ୍ରରେ ୨୭ଟି ବିଭିନ୍ନ ବିଷୟବସ୍ତୁକୁ ନେଇ ଗବେଷଣା କରାଯାଉଛି । ସେହିପରି ସୋଆ ପକ୍ଷରୁ ଭୁବନେଶ୍ୱର ଠାରେ ସମ୍ ଅଲ୍‌ଟିମେଟ ମେଡିକେୟାର ନାମରେ ଏକ ସ୍ୱତନ୍ତ୍ର ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାର୍ଟରନାରୀ କେୟାର ହସ୍ପିଟାଲ ୨୦୨୦ରେ ଆରମ୍ଭ କରାଯାଇଛି । ଏହା ଲୋକମାନଙ୍କୁ ଅତ୍ୟାଧୁନିକ ଓ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି । ଏହି ୫୭୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପୂର୍ବ ଭାରତରେ ଏକ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନକାରୀ ଅନୁଷ୍ଠାନ ଭାବେ ଗଢି ଉଠିଛି । ଉଭୟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ସମ୍ ଅଲ୍‌ଟିମେଟ୍ ମେଡିକେୟାରକୁ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍ ର ମାନ୍ୟତା ମିଳିଛି ।



ସ୍ୱାସ୍ଥ୍ୟସେବାକୁ ଅଧିକ ତ୍ୱରାନିତ୍ୱ କରିବା ଲକ୍ଷ୍ୟରେ ନିକଟରେ ସୋଆ ପକ୍ଷରୁ ଭୁବନେଶ୍ୱର - କଟକ ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଫୁଲନଖରା ଠାରେ ୧୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ଆରମ୍ଭ କରାଯାଇଥିବା ବେଳେ ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ଠାରେ ୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ-୩ ପ୍ରତିଷ୍ଠା କରାଯାଇଛି । ୨୦୨୦ ମସିହାରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଓଡିଶା ସରକାରଙ୍କ ସହଯୋଗରେ ଏହି ପରିସ୍ଥିତିର ମୁକାବିଲା ନିମନ୍ତେ ସୋଆ ପକ୍ଷରୁ ୫ଟି କୋଭିଡ୍ ହସ୍ପିଟାଲ ରାଜ୍ୟରେ ଆରମ୍ଭ କରାଯିବା ସହ ଏହାର ଡାକ୍ତର, ନର୍ସ ଓ ପାରାମେଡିକ ଅବିରତ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଅନେକ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ ।

# ପେନ୍‌ସନରଙ୍କ ନାଯ୍ୟ ଦାବି ପୂରଣ ପାଇଁ ମୌନ ଶୋଭାଯାତ୍ରା




ବ୍ରହ୍ମପୁର(ଭାସ୍କର ନ୍ୟୁଜ) କେନ୍ଦ୍ର ତଥା ଓଡିଶା ସରକାରଙ୍କ ପେନ୍‌ସନରମାନଙ୍କ ଦାବୀପୂରଣରେ ଉଦାସୀନତା ଯୋଗୁଁ କେନ୍ଦ୍ରୀୟ ମହାସଂଘ ଡ଼ାକରାରେ ହେଉଥିବା ଦାବୀଦିବସ ଉପଲକ୍ଷେ ଗଂଜାମ ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ଏକ ବିରାଟ ମୌନ ଶୋଭାଯାତ୍ରା TPSODL କାର୍ଯ୍ୟାଳୟଠାରୁ ବାହାରି ନୂଆ BDA ଓ ପୁରୁଣା BDA କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କମାପଲ୍ଲୀ ଛକ, ମାଛ ବଜାର ଓ ପରିବାବଜାର ଦେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଠାରେ ପହଂଚିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୪ ଶହରୁ ଅଧିକ ପେନ୍ସନର ମୁହଁରେ ମାସ୍କ ପରିଧାନ କରି ଓ ସଂଗଠନର ଟୋପି ପରିଧାନ କରି ଦାବୀ ଗୁଡ଼ିକ ଲେଖାଯାଇଥିବା ଶହ ଶହ ପ୍ଲାକାର୍ଡ ଧରି ନୀରବରେ ପଦଯାତ୍ରା କରିଥିଲେ । ଓ ପରେ ପରେ କେନ୍ଦ୍ର ସଂଗଠନର ୮ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମାନନୀୟ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓ ଓଡ଼ିଶାର ୯ ଦଫା ସମ୍ବଳିତ ଦାବିପତ୍ର ମାନନୀୟ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗଠନର ଉପଦେଷ୍ଟା କେ.ନନ୍ଦେଶୁ ସେନାପତି, ସମ୍ପାଦକ ସଂକର୍ଷଣ ପାତ୍ର, ଉପସଭାପତି ଇ.ସତ୍ୟନାରାୟଣ ଗୁପ୍ତା, ଯୁଗ୍ମ ସମ୍ପାଦକ ମହର୍ଷି ସିଂ, ସହ ସମ୍ପାଦକ ଡି.ଗୁରୁମୂର୍ତ୍ତୀ ପାତ୍ର, ନଳିନୀ କାନ୍ତ ମିଶ୍ର, କେ.କୃଷ୍ଣ ମୂର୍ତ୍ତି , ନାରାୟଣ ପଣିଗ୍ରାହୀ, ବିଜୟ କୁମାର ବେହେରା, ପଞ୍ଚାନନ ଗନ୍ତାୟତ ,ନାରାୟଣ ପାଣିଗ୍ରାହୀ, ଶ୍ରୀବତ୍ସ ପ୍ରଧାନ କମିଶନରଙ୍କ ଅନୁପସ୍ଥିତିଯୋଗୁଁ ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୯ ଦଫା ଦାବୀ ୧.କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ପ୍ରଦାନ ୨.ପି.ଜି.ପି.ଏ. ବିଭାଗର ପୁନଃ ସ୍ଥାପନ, ୬୫ ବର୍ଷରୁ ଅତିରିକ୍ତ ପେନସନ ଲାଗୁକରିବା, ପେନସନ ନିର୍ଦ୍ଧାରଣରେ ଥିବା ତ୍ରୁଟିକୁ ଦୂର କରିବା, ଦେୟର ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ ମାସକୁ ହ୍ରାସ କରିବା, N.P.S. ଓ U.P.S. ବଦଳରେ ପୁରୁଣା ପେନ୍ସନ ଯୋଜନାକୁ ଚାଲୁ ରଖିବା, କେନ୍ଦ୍ର ଅନୁରୂପ ସର୍ବନିମ୍ନ ୯୦୦୦ ଟଙ୍କା ସମସ୍ତ ରାଜ୍ୟ ପେନ୍ସନରଙ୍କୁ ପ୍ରଦାନ କରିବା । କରୋନା ସମୟର ୧୮ ମାସର ଅଟକ ରଖିଥିବା DAକୁ ପ୍ରଦାନ କରିବା, ଆମବସ୍ ଭଳି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବସରେ ରିହାତି ବ୍ୟବସ୍ଥା ଓ ରେଳ ଟିକିଟରେ ପୂର୍ବ ଭଳି ୪୦% ଓ ୫୦% ରିହାତି ଦେବା, ରାଜ୍ୟ ସଂଗଠନର କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱରଠାରେ ଏକ ସରକାରୀ ବାସଗୃହ ପ୍ରଦାନ କରିବା । କେନ୍ଦ୍ରସ୍ତରର ୮ ଦଫା ଦାବୀ ଅର୍ଥ ଆଇନ ୨୦୨୫ ସଂଶୋଧିତ ଚତୁର୍ଥ ପରିଚ୍ଛେଦକୁ ଅବିଳମ୍ବେ ପ୍ରତ୍ୟାହାର କରିବା, ଅଷ୍ଟମ ବେତନ କମିଶନ ତୁରନ୍ତ ଗଠନ କରାଯାଇ ପ୍ରତି ପାଞ୍ଚ ବର୍ଷରେ ଦରମା ଓ ପେନସନ ସଂଶୋଧନ କରିବା, କେସ୍‌ଲେସ ସ୍ୱାସ୍ଥ୍ୟବୀମା ଯୋଜନ ଲାଗୁକରିବା, ଶ୍ରମିକ କର୍ମଚାରୀ ବିରୋଧୀ ୪ ଗୋଟି ଶ୍ରମ କାର୍ଡ଼କୁ ପ୍ରତ୍ୟାହାର କରିବା, ପି.ଏଫ.ଆଇ.ଅର.ଡି.ଏ. ଆଇନ ପ୍ରତ୍ୟାହାର କରାଯାଇ NPS ଓ UPS ଯୋଜନାକୁ ବାତିଲ କରି ପୁରୁଣା ପେନସନ ଯୋଜନା ଲାଗୁକରିବା, କରୁଣା ସମୟର ୧୮ ମାସର ମହଙ୍ଗା ଭତ୍ତା ଦେବା, ପୂର୍ବଭଳି ବରିଷ୍ଠ ନାଗରିକ ଓ ପେନ୍‌ସନରଙ୍କୁ ରେଳଯାତ୍ରାରେ ରିହାତି ଚାଲୁ କରିବା ଓ କମ୍ୟୁଟେସନ ଦେୟର ଅବଧି ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ ମାସକୁ ହ୍ରାସକରିବା ପାଇଁ ଉପସ୍ଥାପନ କରିଥିଲେ । ବି.ରାଙ୍ଗା ପାତ୍ର, ଏ.ତୁମ୍ବେଶ୍ୱର ରେଡ୍ଡୀ, ସେଫଳି ଦାସ, ଟି.ଯୋଗେଶ୍ୱର ରାଓ, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଡି. ସୁଦର୍ଶନ ରାଓ , ଦେବରାଜ ଖୁଣ୍ଟିଆ, ଦଣ୍ଡପାଣି ସାବତ, ଘନଶ୍ୟାମ ଦୋରା, ଦଣ୍ଡପାଣି ରେଡ୍ଡୀ, ସୁବାଷ ଚନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ରନାଥ ପାତ୍ର ପଟ୍ଟନାୟକ,ନୀଳମାଧବ ଷଡଙ୍ଗୀ, ଦେବଦତ୍ତ ଚୌଧୁରୀ ସହଯୋଗ କରିଥିଲେ । ଏହିକାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଙ୍ଗଠିତ ହୋଇଥିବାରୁ ସମସ୍ତ ବନ୍ଧୁଙ୍କୁ ଉପଦେଷ୍ଟା କେ.ନନ୍ଦେଶୁ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରହସନ ପାଲଟିଛି ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଦୀର୍ଘ ଦିନ ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ନୂତନ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଫଳରେ କାର୍ଡଟିଏ ପାଇଁ ବର୍ଷ ବର୍ଷ ଧରି ବାଟ ଚିହିଁଥିବାର ଆଶା ସଂଚାର ହୋଇଥିଲା । ମାତ୍ର ଇତିମଧ୍ୟରେ ପ୍ରାୟ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ ମାତ୍ର ୨୬୫ ଟି ନୂତନ କାର୍ଡ ବଣ୍ଟନ ହୋଇଥିବା ବେଳେ ସଦସ୍ୟ ୫୦୯ଜଣ ହିତାଧିକାରୀ ରହିଛନ୍ତି ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଫଳରେ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା ଏକ ପ୍ରକାର ପ୍ରହସନ ପାଲଟିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ମିଳିଥିବା ସୂଚନା ମୁତାବକ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଦିଆଯିବା ନେଇ ଘୋଷଣା କରିବା ଦୀର୍ଘ ମାସ ବିତିଗଲାଣି । ଫଳରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଶତାଧିକ ଉପଭୋକ୍ତା କାର୍ଡ ଖଣ୍ଡିଏ ପାଇବା ନିମନ୍ତେ ଅପେକ୍ଷା କରିଥିଲେ । ଖାଲି ସେତିକି ନୁହେଁ, କାର୍ଡ ଜରିଆରେ 'ଆୟୁଷ୍ମାନ ଭାରତ'ଭଳି ସ୍ୱାସ୍ଥ୍ୟ ଯୋଜନାର ଲାଭ ଉଠାଇବା ଆଶାରେ ଥିଲେ ଶତାଧିକ ହିତାଧିକାରୀ । ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାତ୍ର ୨୬୫ଟି କାର୍ଡ ବଣ୍ଟନ ହୋଇଛି, ସେଥିମଧ୍ୟରେ ଆଳଙ୍ଗପୁର ୧୫ଟି, ଆଳସାହି ୩୨ଟି, ଅସ୍ତରଙ୍ଗ ୩୩ଟି, ଛୁରିଆନା ୧୭ଟି, କେନ୍ଦ୍ରାପଟି ୨୮ଟି, କୋରଣା ୧୩ଟି, ମାଣ୍ଡୁକି ୫ଟି, ନଗର ୩୮ଟି, ନଇଗୁଆଁ ୧୪ଟି, ନୂଆଗଡ ୧୪ଟି, ପାଟଳଦା ୨୪ଟି, ସରିପୁର ୯ଟି, ଶିଶୁଅ ୧୩ଟି ଓ ତାଳଦା ୧୦ଟି କାର୍ଡ ବଣ୍ଟନ ହୋଇଥିବା ବେଳେ ସେଥିରେ ମୋଟ ୫୦୯ଜଣ ହିତାଧିକାରୀ ସାମିଲ ହୋଇଛନ୍ତି । କାର୍ଡ ବଣ୍ଟନ ପୂର୍ବରୁ ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତରେ ପ୍ରାୟ ୯ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାମିଲ ପାଇଁ ଲକ୍ଷ୍ୟ ଥିଲା । ସମ୍ପୃକ୍ତ ହିତାଧିକାରୀ ଇକେୱାଇସି ପରେ କାର୍ଡ ଦିଆଯିବ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା । ଫଳରେ ଡହ ଡହ ଖରାରେ ଲୋକେ ଇକେୱାଇସି ପାଇଁ ବ୍ଲକ ଅଫିସରେ ଭିଡ଼ ଜମାଇଥିଲେ । ମାତ୍ର ବଣ୍ଟନ କିଛି ମାସ ପରେ ଏହି ପ୍ରକ୍ରିୟା ଏକରକମ ବାଟବଣା ହୋଇଥିବା ସୂଚନା ମିଳିଛି ।

# ବିଦ୍ୟୁତ୍ ସମସ୍ୟା ଓ ନିରାକରଣ ସମ୍ବନ୍ଧୀୟ ଆଲୋଚନାଚକ୍ର

ଜଳେଶ୍ୱର(ଭାସ୍କର ନ୍ୟୁଜ): ଟିପିଏନଓଡିଏଲର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଜଳେଶ୍ୱର ଉପଭୋକ୍ତା ମଞ୍ଚର କର୍ମକର୍ତ୍ତା ଓ ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଏସଡିଓ, ନାମ୍ପୋ, ଏବଂ ଜଳେଶ୍ୱର ୧ ଓ ୨ ସେକସନର ସେକ୍ସନ ଅଫିସରମାନଙ୍କ ସହିତ ଜଳେଶ୍ୱର ବିଜୁଳି ବିଭାଗର ବିଭିନ୍ନ ଅବ୍ୟବସ୍ଥା ଓ ଏହାର ନିରାକରଣ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରତିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ଉପଭୋକ୍ତା ମଞ୍ଚର ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଇଂ ଶ୍ରୀମନ୍ତ ଘୋଷ, ଉପଦେଷ୍ଟା ସିତାଂଶୁ ସେନାପତି, କମଳ ଚକ୍ରବର୍ତ୍ତୀ, ଦିଲ୍ଲୀପ କୁମାର ଗିରି, ବନମାଳୀ ଧଳ,ଡକ୍ଟର ଅଜିତକୁମାର ମହାନ୍ତି, ଦିପ୍ତିମାନ ଆଚାର୍ଯ୍ୟ, ଶଙ୍କରଲାଲ ଦେ, ବ୍ରଜ ବଲ୍ଲଭ ସାହୁ ପ୍ରମୁଖ ଉପସ୍ଥିତ ରହି ଅଘୋଷିତ ବିଜୁଳି କାଟ, ଲୋ-ଭୋଲଟେଜ, ବିପଦ ସଙ୍କୁଳ ଅବସ୍ଥାରେ ଥିବା ତାର ଗୁଡ଼ିକ କେବୁଲ୍ କରିବା, ଜଳେଶ୍ୱର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ବିଦ୍ୟୁତ ସରବରାହ ଜାରି ରଖିବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ବିଦ୍ୟୁତ ବିଭାଗର ଏସଡିଓ ବିଦ୍ୟାଧର ପଣ୍ଡା, ୧ ନମ୍ବର ସେକ୍ସନ ଅଫିସର ତୁଷାର ରଞ୍ଜନ ସାହୁ, ୨ ନମ୍ବର ସେକ୍ସନ ଅଫିସର ଗଦାଧର ଭୂୟାଁ ଉପସ୍ଥିତ ଥିଲେ । ଶେଷରେ ସଭାର ସଭାପତି ଭାସ୍କର ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୋ-ପ୍ରଜନନ ଶିବିରରୁ ସଫଳତା



କେନ୍ଦୁଝର(ଭାସ୍କର ନ୍ୟୁଜ): ଦୁଧିଆଳୀ ଗାଈ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏକ ଅଭିନବ ସାମୂହିକ ପ୍ରଜନନ ଶିବିର ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡେଣୁଆଁ ଗ୍ରାମରେ ନିକ୍ରା ପ୍ରକଳ୍ପ ତରଫରୁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଅଧିକ କ୍ଷୀର ଉତ୍ପାଦନ ସହ ଏକ ସମୟରେ ପ୍ରଜନନ କରିଥିବା ଗାଈ ଓ ନୂତନ ଭାବେ ଜନ୍ମ ଗ୍ରହଣ କରିଥିବା ବାଛୁରୀମାନଙ୍କ ଯତ୍ନ ନେବାରେ ସୁବିଧା ହେବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବୈଜ୍ଞାନିକା ଡ଼ଃ ଲିପ୍ସା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । ଉକ୍ତ ଶିବିରରେ ୫୦ଟି ଗାଈ ଏବଂ ୨୫ଟି ବାଛୁରୀଙ୍କୁ ଚିକିତ୍ସା କରାଯାଇଥିଲା । ଏହି ଶିବିର ଅନୁଷ୍ଠିତ ବେଳେ ଡେଣୁଆଁ ଗ୍ରାମର ଚାଷୀ ଡମ୍ବରୁଧର ମହାନ୍ତ ଓ ଚଞ୍ଚଳଲତା ମହାନ୍ତ ପ୍ରମୁଖ ସହାୟତା କରିଥିଲେ । ଏହି ସାମୁହିକ ପ୍ରଜନନ ଶିବିର ପୂର୍ବରୁ ୧୯ଟି ଗାଈଙ୍କୁ ନେଇ ଏକ ସାମୁହିକ ପ୍ରଜନନକରଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପ୍ରକ୍ରିୟାରେ ଜିପିଜି ଆଚରଣକୁ ଅନୁସରଣ କରାଯାଇଥିଲା । ଏହି ପ୍ରକ୍ରିୟାରେ ପ୍ରଥମ ଦିନରେ ଗାଈରିଚ୍ ଇଞ୍ଜେକ୍ସନ,ସପ୍ତମ ଦିନରେ ପିଜିଏଫ୍ଟୁ ଆଲ୍ଫା ଓ ନବମ ଦିନରେ ପୁନର୍ବାର ଗାଈରିଚ୍ ଇଞ୍ଜେକ୍ସନର ପ୍ରୟୋଗ କରାଯାଇଥିଲା । ନବମ ଦିନରେ ଗାଈରିଚ୍ ଇଞ୍ଜେକ୍ସନ ଦେବା ପରେ କୃତ୍ରିମ ପ୍ରଜନନ କରଣ ପ୍ରକ୍ରିୟା କରାଯାଇଥିଲା । ପ୍ରକାଶଯୋଗ୍ୟ ଯେ, ଏହି ପ୍ରକ୍ରିୟାରେ ଗତ ଅପ୍ରେଲ ୨୫ ରୁ ମଇ ୫ ତାରିଖ ମଧ୍ୟରେ ୧୯ଟି ବାଛୁରୀ ଜନ୍ମ ହୋଇଥିଲେ । ଏଥିମଧ୍ୟରୁ ୯ଟି ମାଈ ବାଛୁରୀ ଓ ୧୦ଟି ଅଣ୍ଡିରା ବାଛୁରୀ ଜନ୍ମ ହୋଇଥିଲେ । ଉକ୍ତ ଶିବିରରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼ଃ ସୁକାନ୍ତ କୁମାର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା କେନ୍ଦୁଝର ଜିଲ୍ଲାର ଚାଷୀ ଭାଇମାନେ ଅଧିକା ଲାଭବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଶିବିରରେ ପ୍ରାୟ ଶତାଧିକ ଚାଷୀ ଯୋଗଦେଇ ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାଦ୍ୱାରା ବହୁ ଗାଈଚାଷୀ ଲାଭବାନ ହେବା ସହ କୃଷି ବିଜ୍ଞାନ କେନ୍ଦ୍ରର ଏହି ପ୍ରୟାସକୁ ଅନ୍ୟ ଚାଷୀମାନଙ୍କ ପାଖରେ ପହଁଚାଇବା ପାଇଁ ମତ ରଖିଥିଲେ ।

# ବଢୁଛି ପରିବା ଦର, ଶହେ ଛୁଇଁଲା ବାଇଗଣ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଶ୍ରାବଣ ପାଇଁ ଆମିଷ ଆଡକୁ ଚାହିଁ ହେଉନି । ପରିବା ବଜାର ଗଲେ ବି କିଣିବାକୁ ମନ ବଳୁନି । ପରିବା ଦର ଶୁଣି ଗ୍ରାହକଙ୍କୁ ଡର ମାଡୁଛି । ପ୍ରମୁଖ ପରିବା ବାଇଗଣର ଭାଉ ବହୁତ ଉପରେ । ଶହେ ଛୁଇଁଛି ବାଇଗଣ । ବାକି ପରିବା ଦର ୭୦ଟଙ୍କା ଉପରେ । ପୁରୀ ଜିଲ୍ଲା ଅସ୍ତରଙ୍ଗ ପରିବା ବଜାର ରେ ଏଭଳି ସ୍ଥିତି ଲୋକଙ୍କ ଚିନ୍ତା ବଢ଼ାଇଲାଣି । ପ୍ରାୟ ୨୦ଦିନ ହେଲା ପରିବା ଦର ଧୀରେ ଧୀରେ ବଢ଼ି ଚାଲିଛି । ୫୦ରୁ ବଢ଼ି ବଢ଼ି ବାଇଗଣ ବାଇଗଣ ୨ ଦିନ ହେଲା ୧ଶହ ଟଙ୍କାରେ ପହଞ୍ଚିଲାଣି । ୧ଶହରେ ରହିବ କି ଆହୁରି ବଢିବ ତାହା ମଧ୍ୟ କହିହେବ ନାହିଁ । ଭଲ ବାଇଗଣ ଶହେ ଟଙ୍କାରେ ବିକ୍ରି ହେଉଥିବା ବେଳେ ପୋକରା ଶୁଖିଲା ବାଇଗଣ ୮୦ଟଙ୍କାରେ ବିକ୍ରି ହେଉଛି । ତାହାକୁ ମଧ୍ୟ ଲୋକ କିଣି ନେଉଛନ୍ତି । ସେହିଭଳି ପୋଟଳ, କଲରା, ଭେଣ୍ଡି ଓ ଜହ୍ନି କେଜି ପ୍ରତି ୭୦ଟଙ୍କା ରହିଛି । ଟମାଟୋ, କାକୁଡି, ଗାଜର ଆଦି ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି । କଞ୍ଚା ଲଙ୍କା କେଜି ୨୩୦ଟଙ୍କା ରହିଛି । ହଜାରେ ଟଙ୍କାରେ ବି ପରିବା ବ୍ୟାଗ ପୁରୁନାହିଁ । ଦର ଶୁଣି ଗରାଖ ଙ୍କ ଚିନ୍ତା ବଢୁଛି । କେହି କେହି ଅଢେଇ ଶହ, ଅଧକେଜି ଆଦି ନେଉଥିବା ବେଳେ ଅନେକ ଫେରି ଯାଉଛନ୍ତି ।



ଏପରି ସ୍ଥିତି ଯୋଗୁଁ ଅସ୍ତରଙ୍ଗ ପରିବା ବଜାରଟି ଖାଁ ଖାଁ ହୋଇପଡିଛି । ଖାଉଟି ଈଶ୍ୱର ମହାରଣା କହିଛନ୍ତି, ଶ୍ରାବଣ ପାଇଁ ପରିବାରରେ କେହି ଆମିଷ ଖାଉନାହାନ୍ତି । ପରିବା ହିଁ ଏବେ ଭରସା । ହେଲେ ଦର ଶୁଣି କିଣିବାକୁ ଇଚ୍ଛା ହେଉନି । ୫ଶହ ଟଙ୍କାରେ ପରିବା ନେଲେ ୨ ଦିନ ଯାଉନି । ମଧ୍ୟବିତ୍ତ ପରିବାର ପାଇଁ ଏହା ବୋଝ ଭଳି ହୋଇ ପଡିଛି । ଆମିଷ ଓ ପରିବାକୁ ଛାଡି ମଟର, ଡାଲି, ସୋୟାବଡି ଖାଇବାକୁ ବାଧ୍ୟ ବୋଲି ଶ୍ରୀ ମହାରଣା କହିଛନ୍ତି । କେବଳ ଖାଉଟି ନୁହେଁ, ପରିବା ଦରକୁ ନେଇ ଅସ୍ତରଙ୍ଗ ବେପାରୀ ଚିନ୍ତାରେ । ବେପାର ଅନେକ ପରିମାଣରେ କମିଛି । ପଚା ବାହାରିଲେ ଅଧିକ କ୍ଷତି ହେଉଥିବା ବେପାରୀ ରବି ବରାଳ କହିଛନ୍ତି ।ଅସ୍ତରଙ୍ଗ ପରିବା ମାର୍କେଟକୁ ସ୍ଥାନୀୟ ଅଞ୍ଚଳର ବେଣୀପୁର, ଓସ୍ତପୁର, ନଇଗୁଆଁ, ଖଣ୍ଡାସାହି, ବେଗୁନିଆବସ୍ତି, ଝାରିଆ, ପୋଟଳ ଛକ, ଶିଶୁଅ, କନ୍ତପହଁରା ଅଞ୍ଚଳରୁ ପରିବା ଆସିଥାଏ । ଯାହା ବର୍ଷା ଯୋଗୁଁ ନଷ୍ଟ ହୋଇ ଯାଉଥିବାରୁ ଚାହିଦା ମୁତାବକ ପରିବା ମିଳୁନି । ଯାହା ବାହାର ସ୍ଥାନରୁ ଆସୁଛି, ଏଣୁ ଦର ବଢୁଛି । ଏବେ ଶ୍ରାବଣ ଆରମ୍ଭ ହୋଇଯିବାରୁ ଅନେକ ଲୋକ ଆମିଷ ଛାଡି ନିରାମିଷ ଖାଉଥିବାରୁ ପରିବା ର ଚାହିଦା ଆହୁରି ବଢିଛି ।



କଟକ(ଭାସ୍କର ନ୍ୟୁଜ): ଆସନ୍ତା ୨୧ ତାରିଖ ସୋମବାର ଦିନ ଜଷ୍ଟିସ୍ ମାନସ ରନ ପାଠକ ଓଡିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିବେ । ଜୁଲାଇ ୨୧ ତାରିଖ ସକାଳ ୧୦ ଘଟିକା ସମୟରେ ଓଡିଶା ହାଇକୋର୍ଟର ଓଲ୍ଡ ବିଲ୍ଡିଙ୍ଗ୍‌ର ନିଉ କନ୍‌ଫରେନ୍ସ ହଲ୍‌ରେ ଏହି ଶପଥ ଗ୍ରହଣ ଅନୁଷ୍ଠିତ ହେବ । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ପାଠକଙ୍କୁ ଶପଥ ପାଠ କରାଇବେ । ଜଷ୍ଟିସ୍ ପାଠକଙ୍କ ଶପଥ ଗ୍ରହଣ ସମ୍ପର୍କରେ ଆଜି ହାଇକୋର୍ଟ ଡେପୁଟି ରେଜିଷ୍ଟ୍ରାର୍ (ଆଡ୍‌ମିନି ଏଣ୍ଡ ପ୍ରୋଟୋକଲ୍) ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଥାଉକି ୧୯୬୫ ମସିହା ଅଗଷ୍ଟ ୨୮ ତାରିଖରେ ଗୌହାଟୀରେ ଜନ୍ମ ଗ୍ରହଣ କରିଥିବା ଜଷ୍ଟିସ୍ ପାଠକ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ଅଧୀନ ବେଙ୍ଗାଲୁରୁର ସେଣ୍ଟର୍ ଯୋଶେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲ.ଏଲ.ବି. ଡିଗ୍ରୀ ହାସଲ କରିଥିଲେ । ୧୯୯୦ ମସିହାରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବରେ ନିଜର ନାମ ପଞ୍ଜିକୃତ କରିଥିଲେ ।

### ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପରେ ତେଜୁଛି ଆନ୍ଦୋଳନ

# ସବୁଠି ବିରୋଧୀଙ୍କ ହଲ୍ଲାବୋଲ ସାଙ୍ଗକୁ ବିକ୍ଷୋଭ

## ବିଜେଡିର ପୋଲିସ ସହ ଧସ୍ତାଧସ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବିଜେଡି ଲୋକସେବା ଭବନ ଘେରାଉ କରିଛି । ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ନ୍ୟାୟିକ ତଦନ୍ତ ଦାବି କରିଛି ବିଜେଡି । ଜୟଦେବ ଭ୍ବନ ନିକଟରେ ବିଜେଡି ବିଧାୟକ ହୋହଲା କରିଛନ୍ତି । ପୋଲିସ ସହ ଧସ୍ତା ଧସ୍ତି ହୋଇଛି । ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସୌଭିକ ବିଶ୍ୱାଳ ବିଜେଡି କର୍ମୀଙ୍କ ସହ ଆସୁଥିବା ବେଳେ ଜୟଦେବ ଭବନ ନିକଟରୁ ଉଠାଇ ନେଇଛି ପୋଲିସ । ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଏକ ସ୍ପର୍ଶକାତର ଘଟଣା । ପ୍ରଶାସନିକ ଅଧିକାରୀ, କଲେଜ ଅଧକ୍ଷ ଏବଂ ସାଂସଦଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ମାଗିଥିଲେ ପୀଡିତା । ନ୍ୟାୟ ମାଗି ବିଫଳ ହେବାରୁ ଚରମ ପଦକ୍ଷେପ ନେଇଥିଲେ । ଏହା ଗୋଟିଏ ଘଟଣା ନୁହେଁ, ଗୋପାଳପୁର ଘଟଣା ସମସ୍ତେ ଜାଣିଛନ୍ତି । ରାଜ୍ୟବାସୀଙ୍କ ମନ ଆନ୍ଦୋଳିତ ହୋଇଛି । ସାରା ଓଡିଶାରେ ଜୋରଦାର ଆନ୍ଦୋଳନ ହେବ । ଭବିଷ୍ୟତରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ସୌମ୍ୟଶ୍ରୀ ଘଟଣାରେ ବିଜେଡ଼ି, କଂଗ୍ରେସ ଏକାଠି ହେବ କି ନାହିଁ ସମୟ କହିବ । ଦଳର ସୁପ୍ରିମୋ ଏ ନେଇ ନିଷ୍ପତି ନେବେ । ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଯାହା ପଦକ୍ଷେପ ନେବାକୁ ପଡ଼ିବ ନିଆଯିବ । ବର୍ତ୍ତମାନ ଏକାକୀ ଆମ ଦଳ ଆନ୍ଦୋଳନକୁ ଆଗକୁ ନେବ ବୋଲି ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି । ବିଜେଡି ପରେ ସୌମ୍ୟାଶ୍ରୀ ପ୍ରସଙ୍ଗରେ ବାମଦଳଗୁଡିକ ଆନ୍ଦୋଳନ କରିଛନ୍ତି ।

## ଆନ୍ଦୋଳନ ବେଳେ ୭ ପୋଲିସ ଆହତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ପକ୍ଷରୁ ଲୋକସେବା ଭବନ ଉଦ୍ୟମ ବେଳେ ଧସ୍ତାଧସ୍ତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ ସିଂ । ବୁଧବାର ଲୋୟର ପିଏମଜିରେ ବିଜେଡି ର ପ୍ରତିବାଦ ବେଳେ ୭ ଜଣ ପୋଲିସ କର୍ମୀ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପ୍ରତିବାଦ ସମୟରେ ପୋଲିସ ଓ ବିଜେଡି ନେତା ମୁହାଁମୁହିଁ ହୋଇଥିଲେ । ଏହାରି ଭିତରେ ବିଜେଡି ନେତାଙ୍କ ସହ ପୋଲିସ ବି ଆହତ ହୋଇଛନ୍ତି । ପୋଲିସ କମିଶନର ସୁରେଶ ଦେବ ଦତ ସିଂହ ଆହତ ପୋଲିସ କର୍ମୀଙ୍କୁ କ୍ୟାପିଟାଲ ହସ୍ପିଟାଲ ରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଅନ୍ୟପକ୍ଷରେ ପୋଲିସ୍ କମିଶନର କହିଛନ୍ତି ଯେ ଆନ୍ଦୋଳନକାରୀଙ୍କ ଉପରେ କୌଣସି ରବର ବୁଲେଟ୍ ଫାୟାର ହୋଇନି । ୫ଟି ଟିୟର ଗ୍ୟାସ ଏବଂ ପାଣି ମାଡ଼ କରାଯାଇଛି । ଲୋକସେବା ଭବନ ଆଡ଼କୁ ଧକ୍କେଇ ପଶିବା ବେଳେ ସାମାନ୍ୟ ବଳ ପ୍ରୟୋଗ କରାଯାଇଛି । କିଛି ବ୍ୟକ୍ତି ଙ୍କୁ ପୋଲିସ ନିଜ ହେପାଜତକୁ ନେଇଛି । ଡ୍ରୋନ ସହାର୍ଯ୍ୟରେ ଯେଉଁ ମାନେ ବ୍ୟାରିକେଡ଼ ଭାଙ୍ଗି ଧକ୍କେଇ ପଶିବାକୁ ଚେଷ୍ଟା କରୁଥିଲେ ସେମାନଙ୍କୁ ନଜର ରଖାଯାଇଛି ।

**ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ ଏବେ ରାଜ୍ୟରେ ବିରୋଧୀଙ୍କ ହଲ୍ଲାବୋଲ ଚାଲିଥିବା ବେଳେ ସବୁଠି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ମୃତାଙ୍କୁ ନ୍ୟାୟ ଦେବା ଦାବିରେ ଏପରି ପରିସ୍ଥିତି ଉପୁଜିଛି । ବୁଧବାର ଲୋୟର ପିଏମ୍‌ଜିରେ ବିଜେଡି ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ ସେଠାରେ ପୋଲିସ-ବିଜେଡି ନେତା ଧସ୍ତାଧସ୍ତି ହୋଇଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ, ଶେଷରେ ପୋଲିସ ଟିୟର ଗ୍ୟାସ୍, ପାଣିମାଡ଼ ଓ ରବର ବୁଲେଟ୍ ଚାଳନା କରିଥିଲା । ଅପରପକ୍ଷରେ କଂଗ୍ରେସ ମଧ୍ୟ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ଏଥିରେ ବାମପନ୍ଥୀ ୭ ସଂଗଠନ ସାମିଲ୍ ହୋଇଛନ୍ତି । ଯାହାକୁ ନେଇ ଏବେ ସାରା ରାଜ୍ୟରେ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି ।**



## ଓଡ଼ିଶା ବନ୍ଦ ଡାକରା ସଫଳ ନିମନ୍ତେ ନଗର କଂଗ୍ରେସର ପ୍ରସ୍ତୁତି

କଟକ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ସଫଳ ନିମନ୍ତେ ନଗର କଂଗ୍ରେସ ପକ୍ଷରୁ ଉପସଭାପତି ଶିଶିର ରଥଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୃତ ଛାତ୍ରୀ ସୌମ୍ୟାଙ୍କୁ ନ୍ୟାୟ ଦେବା ସହ ସାଂସଦ, ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ କରି ପ୍ରଦେଶ କଂଗ୍ରେସ୍ ପକ୍ଷରୁ ୧୭ ଜୁଲାଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ଏହି ଉପଲକ୍ଷେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କଟକ ସହର ସମେତ କଟକ ଜିଲ୍ଲାରେ ବନ୍ଦକୁ ସଫଳ କରିବାକୁ ସମସ୍ତେ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି ।

## ଆନ୍ଦୋଳନ ବେଳେ ୩ ବିଜେଡି ନେତା ଆହତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ତାଙ୍କୁ ନ୍ୟାୟ ଦେବା ଦାବିରେ ବିଜୁ ଜନତା ଦଳ ତରଫରୁ ବୁଧବାର ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ ହେଉଥିଲା ବେଳେ ପୋଲିସ ଆକ୍ରମଣରେ ବିଜେଡି ବରିଷ୍ଠ ନେତାଙ୍କ ସମେତ ଶତାଧିକ ଆହତ ହୋଇଛନ୍ତି । ପୋଲିସ ଦ୍ୱାରା ପାଣି ମରାଯିବା ସହିତ, ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରାଯାଇଥିଲା, ଯେଉଁଥିରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତି ହୋଇଛନ୍ତି । ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ନାରା ଦେବା ସହିତ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଥିଲେ । ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ଦାବୀ କରିଥିଲେ । ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଚାଲିଥିବା ବେଳେ କର୍ମୀ ମାନଙ୍କ ଉପରକୁ ପାଣି ମାଡ଼ କରା ଯାଇଥିଲା । ଆନ୍ଦୋଳନକାରୀ ମାନଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ ପୋଲିସ ତରଫରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା । ପରେ ଉପସ୍ଥିତ ବରିଷ୍ଠ ନେତୃତ୍ୱଙ୍କ ସମେତ ଶତାଧିକ ବିଜେଡି କର୍ମୀଙ୍କୁ ପୋଲିସ ଗିରଫ କରି ଘଟଣା ସ୍ଥଳରୁ ଉଠାଇ ନେଇଥିଲା ।

## ଓଡ଼ିଶା ବନ୍ଦକୁ ସଫଳ କର: ମିଳିତ ବିରୋଧୀ ଦଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ସ୍ଥିତ ଫକିର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କୁ କଲେଜର ଅଧକ୍ଷ ଓ ମୁଖ୍ୟ ପ୍ରାଧ୍ୟାପକଙ୍କ ଅସୌଜନ୍ୟ ବ୍ୟବହାର ଓ ମାନସିକ, ଶାରିରୀକ ନିର୍ଯାତନାରୁ ରକ୍ଷା ପାଇବା ପାଇଁ ସ୍ଥାନୀୟ ବିଧାୟକ, ସାଂସଦ, ପୋଲିସ୍ ଏସ୍‌ପି ଓ କଲେଜର ଅଧକ୍ଷଙ୍କୁ ବାରମ୍ବାର ସହାୟତା ପାଇଁ ନିବେଦନ କରିଥିଲେ ମଧ୍ୟ ସହାୟତା ପରିବର୍ତ୍ତେ ଦିନକୁ ଦିନ ସମ୍ପୃକ୍ତ କଲେଜର ପ୍ରାଧ୍ୟାପକଙ୍କ ଜୁଲମ, ଅତ୍ୟାଚାରରେ ଅତିଷ୍ଠ ହୋଇଥିଲେ ମଧ୍ୟ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ଶାସକ ଦଳ ବ୍ୟବସ୍ଥାକୃତ ଭାବେ ହତ୍ୟାକାଣ୍ଡର ବିଚାର ବିଭାଗୀୟ ତଦନ୍ତ ସହ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକଙ୍କ ଇସ୍ତଫା ଦାବିରେ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ତରଫରୁ ଆଗାମୀ ଜୁଲାଇ ୧୭ 'ଓଡ଼ିଶା ବନ୍ଦ'ଡାକରାକୁ ସଫଳ ପାଇଁ ବୁଧବାର ସିପିଆଇ ଭୁବନେଶ୍ୱର ଜୋନ୍ ତରଫରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପ୍ରତିବାଦ ବିକ୍ଷୋଭ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଜୋନ୍ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ରାଧାକାନ୍ତ ଶତପଥୀ, କାର୍ତ୍ତିକ ଭୁଜବଳ, ଶଙ୍କର ବେହେରା, ଉଗ୍ରସେନ ଦାସ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ କାଲି ଓଡ଼ିଶା ବନ୍ଦକୁ ସଫଳ ପାଇଁ ଆହ୍ୱାନ ଦେଇଥିଲେ ।




## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମହମବତୀ ଶୋଭାଯାତ୍ରା

କଟକ(ଭାସ୍କର ନ୍ୟୁଜ୍): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତିରେ ମୃତ୍ୟୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ସଂପୃକ୍ତ ସମସ୍ତ ଦୋଷୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଶାସ୍ତି ଦାବିରେ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତିଙ୍କ ଅଫିସ ପାଖରୁ ଏକ ମହମବତୀ ଶୋଭାଯାତ୍ରା ବାହାରି କ୍ୟାମ୍ପସ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ ଏବଂ ଉପସଭାପତି କସକ୍ ଜେନା ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ରେଭେନ୍ସା ସମେତ କଟକର ସମସ୍ତ ସ୍କୁଲ, କଲେଜ, ୟୁନଭରସିଟି, ସମ୍ମୁଖରେ ପିକେଟିଂ କରାଯିବା ସହ ବନ୍ଦ କରାଯିବ ।

# ୨୧ରେ ସଂସଦ ଘେରାଉ କରିବ କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହି ସମୟରେ ସଂସଦ ଘେରାଉ କରିବ କଂଗ୍ରେସ । ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ । ଏଠି ସିଷ୍ଟମ ପୁରା ଫେଲ । ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ ବୋଲି ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଦାବି କରିଛନ୍ତି । କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଲାମ୍ବା କହିଛନ୍ତି, ରାହୁଲ ଗାନ୍ଧୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ ଖୋଭ ପ୍ରକାଶ କରିଛନ୍ତି । ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରିଦେଲେ । ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଯୌନ ନିର୍ଯାତନା ଦିଆ ଯାଉଥିଲା । ସେ ସମସ୍ତଙ୍କୁ ଜଣାଇ ଥିଲା । ହେଲେ ସରକାର ନୀରବ ଥିଲେ । ଓଡିଶା ମହିଳାଙ୍କ ପାଇଁ ମୃତ୍ୟୁ କୂପ ସାଜିଛି । ମାତ୍ର ପ୍ରଧାନମନ୍ତ୍ରୀ ମୋଦି ଆଦୌ ଚିନ୍ତିତ ନୁହନ୍ତି । ଗୋଟେ ଧାଡ଼ି ବି ତାଙ୍କ ପାଇଁ ଲେଖି ନାହାନ୍ତି । ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମାରିନଥାନ୍ତା । ଏବେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଯିବ ମହିଳା କଂଗ୍ରେସ । ନାରୀକୁ ସୁରକ୍ଷା ମିଳିବା ଯାଏ ଲଢ଼ିବ । ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ । ଓଡ଼ିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ କରନ୍ତୁ । ଘରୁ ବାହାରନ୍ତୁ । ମହିଳା ଅପରାଧକୁ ସରକାର ଚାହିଁଲେ ରୋକି ପାରିଥାନ୍ତେ ।

### ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# 'ଚକ୍ରଧର ଥିଲେ କନିକା କ୍ରାନ୍ତିର ମହାନାୟକ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଲବୀ ଚକ୍ରଧର ବେହେରା । ଏହି ମହାନାୟକଙ୍କ ତ୍ୟାଗ, ତିତିକ୍ଷା, ନିଷ୍ଠା, ସଂଘର୍ଷ, ସାହସ, ସ୍ୱାଭିମାନ ଓ ଦେଶପ୍ରେମ ଅବର୍ଣ୍ଣନୀୟ ଅଟେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ । ବ୍ରିଟିଶ ଓ ରାଜକୀୟ ଶାସନର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରି ଆଜୀବନ ପ୍ରଜାଙ୍କ ହିତ ପାଇଁ ଲଢେଇ କରିଥିଲେ ବୋଲି ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସାହିତ୍ୟିକ ଡାକ୍ତର ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇ ଚକ୍ରଧର ବେହେରାଙ୍କ ତ୍ୟାଗପୂତ ଜୀବନାଦର୍ଶର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ଓ ଅନନ୍ୟ ବ୍ୟକ୍ତିତ୍ୱ । ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ । କନିକା ପ୍ରଜା ଆନ୍ଦୋଳନ ପାଇଁ କେବଳ ଚକ୍ରଧର ବେହେରା ନୁହଁନ୍ତି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ କାରାବରଣ କରିଥିଲେ । କନିକା ପ୍ରଜାମୁକ୍ତି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେହି ଅଞ୍ଚଳର ପ୍ରଜାଙ୍କୁ ସ୍ୱାବଲମ୍ବୀ କରିବା । ତାଙ୍କୁ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ବୋଲି ଉଲ୍ଲେଖ କରି ଏହି ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଗାମୀ ପିଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ଡ. ଦାସ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ ମହାନ ଜନନାୟକ ବିପ୍ଲବୀ ଚକ୍ରଧର ବେହେରାଙ୍କ ସ୍ମୃତି ଚାରଣ କରିବା ପୂର୍ବକ ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଲବୀ ଚକ୍ରଧର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଚକ୍ରଧର ବେହେରା ସ୍ମୃତି ସଂସଦର ସହସମ୍ପାଦକ ତଥା ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡା ଅତିଥିମାନଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

DSPL-176

Tele MANAS 14416

ରାଷ୍ଟ୍ରୀୟ 'ଟେଲି ମାନସ' ସହାୟତା
ଆପଣଙ୍କ ସେବାରେ

ଉପଲବ୍ଧ ପରାମର୍ଶ ସେବା :

- ମାନସିକ, ସ୍ନାୟୁବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ ।
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ ।
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ ।
- ମାନସିକ ଚାପର ବଶବର୍ତ୍ତୀ ହେଉଥିଲେ ନିଃଶୁଳ୍କ ନଂ. ୧୪୪୧୬ ଅଥବା ୧୮୦୦-୮୯-୧୪୪୧୬ ରେ ପରାମର୍ଶ କରନ୍ତୁ ।

ମହିଳା ସହାୟତା କେନ୍ଦ୍ର ୧୮୧
ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ ।

OIPR 10003/13/0237/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଐତିହାସିକ ଯାତ୍ରାର ପରିସମାପ୍ତି

# ଶୁଭାଂଶୁଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ

ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ସଫଳତାର ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଅଠର ଦିନର ଐତିହାସିକ ମହାକାଶ ଯାତ୍ରା ଶେଷ କରି ଭୂପୃଷ୍ଠକୁ ଫେରି ଆସିଛନ୍ତି ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଓ ତାଙ୍କର ଅନ୍ୟ ତିନି ସହଯୋଗୀ। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ଉପକୂଳରେ ମହାକାଶଯାନର ସୁରକ୍ଷିତ ଅବତରଣ ଅଗଣିତ ବିଶ୍ୱବାସୀଙ୍କୁ ଆଣି ଦେଇଛି ଆଶ୍ୱସ୍ତି। ଗତ ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ମହାକାଶ ଯାତ୍ରା ପରେ ଶୁଭାଂଶୁ ଏ କ୍ଷେତ୍ରରେ ଦ୍ୱିତୀୟ ଭାରତୀୟ ହୋଇଥିଲେ ହେଁ ଆଇ.ଏସ୍.ଏସ୍ କକ୍ଷପଥରେ ପରିକ୍ରମା କରିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଶୁଭାଂଶୁଙ୍କ ସଫଳ ପ୍ରତ୍ୟାବର୍ତ୍ତନ ଆମ ଦେଶର ଆଗାମୀ ଗଗନଯାନ ଅଭିଯାନ କ୍ଷେତ୍ରରେ ଏକ ଉତ୍ସାହଜନକ ପଦକ୍ଷେପ ବୋଲି ବିଚାର କରାଯାଉଛି। ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଅବସ୍ଥାନ କରିବା ସମୟରେ ଶୁଭାଂଶୁ ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ କୃତ୍ରିମ ବୁଦ୍ଧିମତା (ଏ.ଆଇ) ଆଦି କ୍ଷେତ୍ରରେ ଏକାଧିକ ପରୀକ୍ଷାନିରୀକ୍ଷା ଚଳାଇଥିଲେ। ଚାରିଜଣ ଯାକ ମହାକାଶ ଯାତ୍ରୀ ପୃଥିବୀ ପୃଷ୍ଠରେ ଅବତରଣ କରିବା ପରେ ସେମାନଙ୍କୁ ପୁନର୍ବାସ କେନ୍ଦ୍ରରେ ସାତଦିନ ପାଇଁ ରଖାଯିବାର ବ୍ୟବସ୍ଥା ହୋଇଛି। ଏହି ସମୟରେ ସେମାନେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହ ପୁଣି ନିଜକୁ ଖାପ ଖୁଆଇବେ। ଏହାପରେ ଶୁଭାଂଶୁ ଅଗଷ୍ଟ ୧୭ ତାରିଖ ସୁଦ୍ଧା ଭାରତକୁ ଫେରିବାର ସମ୍ଭାବନା ରହିଛି। ମହାକାଶରୁ ପ୍ରତ୍ୟାବର୍ତ୍ତନର ସିଧା ପ୍ରସାରଣ ଦୃଶ୍ୟକୁ ଲକ୍ଷ୍ନୌରେ ଥିବା ତାଙ୍କର ପିତାମାତା ବେଶ୍ ଉପଭୋଗ କରିଥିଲେ। ଏହା ସେମାନଙ୍କ ଜୀବନର ସବୁଠାରୁ ଗୌରବମୟ ମୁହୂର୍ତ୍ତ ଥିଲା ବୋଲି ସେମାନେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ପରିବାର ସଦସ୍ୟମାନେ କେକ୍ କାଟି ଉତ୍ସବ ପାଳିଥିଲେ। ଶୁଭାଂଶୁ ଏହି ମହାକାଶ ଅଭିଯାନରେ ୬୦ଟିରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ସାମିଲ ହୋଇଥିବା ବେଳେ ଭାରତର ଭବିଷ୍ୟତ ମହାକାଶ କାର୍ଯ୍ୟକ୍ରମ ପାଇଁ ୭ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରିଥିଲେ। ମହାକାଶରେ ଅବସ୍ଥାନ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହ ବାର୍ତ୍ତାଳାପ କରିବାର ଦୃଶ୍ୟକୁ କୋଟି କୋଟି ଦେଶବାସୀ ଉପଭୋଗ କରିଥିଲେ। ସେତେବେଳେ ମୋଦି କହିଥିଲେ ଯେ, ଶୁଭାଂଶୁଙ୍କ ମହାକାଶ ଯାତ୍ରା ଏକ ନୂତନ ଓ ଆଶାବାଦୀ ଆରମ୍ଭ ଏବଂ ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣାଦାୟକ। ୧୪୦ କୋଟି ଭାରତୀୟଙ୍କ ଭାବନା ତାଙ୍କ ସହ ଜଡ଼ିତ ଏବଂ ସେ (ମୋଦି) ଏଠାରେ ପ୍ରତ୍ୟେକ ଭାରତୀୟଙ୍କ ଉତ୍ସାହ, ଗର୍ବ ଓ ଆଶାର ପ୍ରତିନିଧିତ୍ୱ କରୁଛନ୍ତି। ଚଳିତ ମାସ ୩, ୪ ଓ ୮ ତାରିଖରେ ଶୁଭାଂଶୁ ହାମ୍ ରେଡିଓ ମାଧ୍ୟମରେ ତିରୁଅନନ୍ତପୁରମ୍, ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌର ୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ପ୍ରତି ଆଗ୍ରହ ବୃଦ୍ଧି କରିବା ଏହି ବାର୍ତ୍ତାଳାପର ଉଦ୍ଦେଶ୍ୟ ଥିଲା। ସେହିପରି ଜୁଲାଇ ୬ ତାରିଖରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଶୁଭାଂଶୁ ଆଲୋଚନା କରିଥିଲେ। ମହାକାଶରେ ସେ କରିଥିବା ପରୀକ୍ଷଣ ଏବଂ ଭାରତର ପରବର୍ତ୍ତୀ ଗଗନଯାନ ଅଭିଯାନ ସମ୍ପର୍କରେ ତାଙ୍କର ଅଭିଜ୍ଞତା ସେମାନଙ୍କୁ ଅବଗତ କରାଇଥିଲେ। ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଏବଂ ଭାରତର 'ଇସ୍ରୋ' ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁଙ୍କୁ ଏହି ମିଶନରେ ସାମିଲ ହେବାକୁ ଚୟନ କରାଯାଇଥିଲା। ଭାରତର ଗଗନ ଯାନ ମିଶନ୍‌ର ଲକ୍ଷ୍ୟ ହେଉଛି ଭାରତୀୟ ମହାକାଶଚାରୀମାନଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ପଠାଇବା ଏବଂ ସେମାନଙ୍କୁ ସୁରକ୍ଷିତ ଭାବରେ ଭୂପୃଷ୍ଠକୁ ଫେରାଇ ଆଣିବା। ଏହି ଲକ୍ଷ୍ୟ ହାସଲ କ୍ଷେତ୍ରରେ ଶୁଭାଂଶୁଙ୍କ ମହାକାଶ ଯାତ୍ରା ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଯେ ଏକ ବଳିଷ୍ଠ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ। ତାଙ୍କର ଅଭିଜ୍ଞତା ଓ ଗବେଷଣା ଲବ୍ଧ ତଥ୍ୟ ଆମ ଦେଶର ମହାକାଶ ବିଜ୍ଞାନୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

# ରାଷ୍ଟ୍ର ଓ ନାଗରିକ



**ମୋହନ ଚରଣ ବିଷି**
ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

ସାଧାରଣତଃ ରାଷ୍ଟ୍ର ପ୍ରଣୀତ ଆଇନକୁ ମାନିନେବା ଓ ରାଷ୍ଟ୍ରର ଏକତା ଅଖଣ୍ଡତା ବଜାୟ ରଖିବାର ପ୍ରୟାସକୁ ରାଷ୍ଟ୍ରପ୍ରତି ଆନୁଗତ୍ୟ କୁହାଯାଏ। ରାଜନୈତିକ ଅଧିକାର ଓ ରାଜନୈତିକ ଦାୟିତ୍ୱ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ନାଗରିକମାନେ ଅଧିକାର ଉପଭୋଗ କରିବା ସହ ରାଜନୈତିକ ଦାୟିତ୍ୱ ମଧ୍ୟ ସମ୍ପାଦନ କରିଥାନ୍ତି। ଏହି ରାଜନୈତିକ ଦାୟିତ୍ୱ ରାଷ୍ଟ୍ରକୁ ସୁରକ୍ଷା ଓ ରାଷ୍ଟ୍ରକୁ ଉନ୍ନତି ପଥରେ ଆଗେଇନିଏ। ରାଷ୍ଟ୍ରପ୍ରତି ନାଗରିକର ଆନୁଗତ୍ୟର ଭାବ ଓତଃପ୍ରୋତ ଭାବେ ଜଡ଼ିତ। ମନୁଷ୍ୟ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଯେମିତି ଚୁମ୍ବକୀୟ ଶକ୍ତି ଲୁହାକୁ ଆକର୍ଷଣ କରିଥାଏ।

ରାଷ୍ଟ୍ରର ଆବଶ୍ୟକତା ବ୍ୟକ୍ତି ପାଇଁ ଏତେ ବ୍ୟାପକ ଯେ ରାଷ୍ଟ୍ର ବିନା ବ୍ୟକ୍ତି ମୁହୂର୍ତ୍ତେ ବିତାଇବା କଷ୍ଟ। ବର୍ତ୍ତମାନ ସମୟରେ ରାଷ୍ଟ୍ର ବିନା ବ୍ୟକ୍ତି ରହିପାରିବ ନାହିଁ। ରାଷ୍ଟ୍ରପ୍ରତି ବ୍ୟକ୍ତିର ଆନୁଗତ୍ୟ ପ୍ରଦର୍ଶନ ଯେ ନୂଆକଥା ନୁହେଁ। ପୁରାଣ ଯୁଗରେ ମଧ୍ୟ ପ୍ରଜାମାନେ କାଳେକାଳେ ରାଜାଙ୍କର ଅଧୀନରେ ଥିଲେ। ବୈଦିକ ଯୁଗରେ ମଧ୍ୟ ଏହି ପରମ୍ପରା ପ୍ରଚଳିତ ହେଇଆସିଥିଲା।

ଉପନିବେଶବାଦ ସମୟରେ ମଧ୍ୟ ବ୍ୟକ୍ତି ଭୟରେ, ବାଧ୍ୟତାର ସହ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଥିଲା। ଶ୍ରଦ୍ଧାରେ ଓ ଭୟରେ ରାଷ୍ଟ୍ରପ୍ରତି ଆନୁଗତ୍ୟ ହେବା ଅଲଗା ଅଲଗା କଥା। ସରକାରଙ୍କ ପ୍ରତିନିଧିମାନଙ୍କୁ ଭୟରେ ସମ୍ମାନ କରିବା ଓ ଆଇନ ମାନିବା କ୍ଷଣସ୍ଥାୟୀ କିନ୍ତୁ ଶ୍ରଦ୍ଧାରେ ଜୀବନ ତମାମ ବ୍ୟକ୍ତି ଦେଶକୁ ନିଜର କରିଥାଏ, ଦେଶ ପରିଚାଳନା କରୁଥିବା ସରକାର ପ୍ରତି କୃତଜ୍ଞ ହୋଇଥାଏ। ରାଷ୍ଟ୍ରପ୍ରତି ଆନୁଗତ୍ୟର ପ୍ରକ୍ରିୟା ବିଶେଷ ଭାବରେ ପ୍ରାଚୀନକାଳରୁ ଆରମ୍ଭ ହୋଇଛି। ଶିଳ୍ପ ବିପ୍ଳବ ପର୍ଯ୍ୟନ୍ତ ରାଷ୍ଟ୍ରପ୍ରତି ଆନୁଗତ୍ୟର ମୂଳଭିତ୍ତି ଥିଲା ବଳ ପ୍ରୟୋଗ। ବଳ ପ୍ରୟୋଗ ଦ୍ୱାରା ହିଁ ରାଷ୍ଟ୍ର ତାହାର ପ୍ରଭୁତ୍ୱ ବିସ୍ତାର କରିଥାଏ ଓ ରାଷ୍ଟ୍ର ବ୍ୟକ୍ତି ଠାରୁ ମାନ୍ୟତା ଦାବି କରେ। ରାଷ୍ଟ୍ରର ଗଠନ ନିମନ୍ତେ ଯେପରି ଶକ୍ତି ଓ ବଳ ପ୍ରୟୋଗର ପ୍ରୟୋଜନ ରହିଥାଏ। ଠିକ୍ ସେହିପରି ଗୋଟିଏ ରାଷ୍ଟ୍ରର ସ୍ଥାୟୀତ୍ୱ ଏହି ରାଜନୈତିକ ବଳ ବା ଶକ୍ତି ଉପରେ ନିର୍ଭର କରିଥାଏ। ରାଜନୈତିକ ବଳ ପ୍ରୟୋଗ ବ୍ୟକ୍ତିର ଇଚ୍ଛାଧୀନ ବ୍ୟାପାର ନୁହେଁ। ଏହା ବଳପୂର୍ବକ ପ୍ରୟୋଗ କରାଯାଏ। ରାଷ୍ଟ୍ର ସେମିତି କିଛି ନାଗରିକଙ୍କ ଉପରେ ଯଦି ବାଧ୍ୟତାମୂଳକ ଭାବରେ ଲଦି ଦିଏ ତାହେଲେ କିଛିଦିନ ପରେ ବିରୋଧର ସ୍ୱର ଉତ୍ତୋଳନ ହୋଇଥାଏ। ତେଣୁ ରାଷ୍ଟ୍ର ରାଜନୈତିକ ଇଚ୍ଛାଶକ୍ତିକୁ ସୁଦୂର ପ୍ରସାର କରିବା ପାଇଁ ବଳ ଏକ ମାତ୍ର ଉପାୟ କିନ୍ତୁ ଏହା ଏକମାତ୍ର ଉପାଦାନ ନୁହେଁ।

ରାଜନୈତିକ ପ୍ରଗତି ପାଇଁ ବଳ ଏକ ଉପାଦେୟ ଅସ୍ତ୍ର ନୁହେଁ। ଯେଉଁ ରାଷ୍ଟ୍ର କେବଳ ବଳ ଉପରେ ନିର୍ଭର କରେ, ତାହା ବହୁଦିନ ପର୍ଯ୍ୟନ୍ତ ତିଷ୍ଠିପାରେ ନାହିଁ। ସେପରି ରାଷ୍ଟ୍ର ଆଇନକାନୁନ ତଥା ପ୍ରଭୁତ୍ୱକୁ ମାନିନେବା ନିମନ୍ତେ ବ୍ୟକ୍ତି ହୃଦୟରେ ଇଚ୍ଛା ଜାଗ୍ରତ କରିପାରେ ନାହିଁ।

ମଣିଷର ଧାରଣା ପ୍ରଚଳିତ ପରମ୍ପରା, ଧର୍ମୀୟ ବିଶ୍ୱାସ ଯାହା ରାଜନୈତିକ ବାଧ୍ୟତାର ଅନ୍ୟକାରଣ। ଏହା ମାଧ୍ୟମରେ ବ୍ୟକ୍ତି ରାଷ୍ଟ୍ରପ୍ରତି ଅନୁପ୍ରାଣିତ ହୋଇଥାଏ। ମଧ୍ୟଯୁଗରେ ରାଜନୈତିକ ଦର୍ଶନ ଈଶ୍ୱରବାଦ ଉପରେ ପ୍ରତିଷ୍ଠିତ ଥିଲା। ଏହି ଈଶ୍ୱରବାଦକୁ ଭିତ୍ତିକରି ମନୁଷ୍ୟ ମଧ୍ୟଯୁଗରେ ରାଷ୍ଟ୍ର ପ୍ରଣୀତ ସମସ୍ତ ଆଇନକୁ ମାନିବାକୁ ବାଧ୍ୟ ହୋଇଥିଲା। ସେତେବେଳେ ଧାରଣାଥିଲା ରାଷ୍ଟ୍ର ଈଶ୍ୱର ସୃଷ୍ଟ ଓ ରାଷ୍ଟ୍ର ପ୍ରଣୀତ ଆଇନ ବ୍ୟବସ୍ଥା ବ୍ୟକ୍ତି ଅବମାନନା କରିପାରିବ ନାହିଁ। କିନ୍ତୁ ଷୋଡଶ ଶତାବ୍ଦୀରେ ଜାତୀୟ ରାଷ୍ଟ୍ରର ଉତ୍ପତ୍ତି ହେଲା ଏହା ମାଧ୍ୟମରେ ପ୍ରାକୃତିକ ନିୟମ ଓ ବ୍ୟକ୍ତିବାଦର ଉତ୍ଥାନ ହେବାଦ୍ୱାରା ଈଶ୍ୱରବାଦ ଉପରେ ଆସ୍ଥା କମିବାକୁ ଲାଗିଲା। ଦାର୍ଶନିକମାନେ ଧର୍ମ ବା ଈଶ୍ୱରବାଦ ସହ ରାଜନୈତିକ ଜୀବନକୁ ଜଡ଼ିତ ନକରି ବସ୍ତୁବାଦ ଉପରେ ମନୋନିବେଶ କଲେ। ଏହାଦ୍ୱାରା ରାଷ୍ଟ୍ର ମନୁଷ୍ୟର ଭୌତିକ ଆବଶ୍ୟକତା ପୂରଣର ମାଧ୍ୟମ ହେଲା। ଏହି ଭାବନାରେ କେତେକ ଦାର୍ଶନିକ ପ୍ରଭାବିତ ହୋଇ କହିଲେ ରାଷ୍ଟ୍ର ଆଇନଗତ ପଦ୍ଧତିରେ ସୃଷ୍ଟି ଏଣୁ ମନୁଷ୍ୟର ଧନ ଜୀବନକୁ ରାଷ୍ଟ୍ର ପ୍ରଣୀତ ଆଇନ ହିଁ ରକ୍ଷା କରିଥାଏ। ଯଦି ମନୁଷ୍ୟ ରାଷ୍ଟ୍ରପ୍ରତି ଆନୁଗତ୍ୟ ନଦେଖାଇ ଆଇନଗତ ବ୍ୟବସ୍ଥାକୁ ଅବମାନନା କରେ ତେବେ ରାଷ୍ଟ୍ରରେ ବିଶୃଙ୍ଖଳା ଓ ଅରାଜକତା ଦେଖାଯାଏ। ଫଳରେ ମନୁଷ୍ୟର ଧନ, ଜୀବନ ବିପନ୍ନ ହୋଇଥାଏ। ଏଥିପାଇଁ ବ୍ୟକ୍ତି ରାଷ୍ଟ୍ରପତି ଆନୁଗତ୍ୟ ପ୍ରଦର୍ଶନ କରିଥାଏ। ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ହବସ୍, ଲକ୍ ଏହି ମତପୋଷଣ କରି ରାଜନୈତିକ ମାନ୍ୟତାରୁ ଜୀବନ ଓ ଧନସମ୍ପତ୍ତିକୁ ସୁରକ୍ଷା ସହିତ ସଂଯୋଗ କରିଛନ୍ତି। ହ୍ୟୁମଙ୍କ ମତରେ ମନୁଷ୍ୟ କୌଣସି କାରଣ ନଖୋଜି ଅଭ୍ୟାସ ବଶତଃ ରାଷ୍ଟ୍ରର ପ୍ରଭୁତ୍ୱକୁ ଗ୍ରହଣ କରିଥାଏ। ପ୍ରଭୁତ୍ୱକୁ ମାନିନେବା ମଣିଷର ଏକ ଗୁଣ। ପ୍ରଖ୍ୟାତ ରାଜନୈତିକ ବିଜ୍ଞାନୀ ମାକାଇଭର କହିଛନ୍ତି ରାଷ୍ଟ୍ର ବଳ ସାହାଯ୍ୟରେ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିପାରେ; ପ୍ରତ୍ୟେକ ମନୁଷ୍ୟ ଯେକୌଣସି ଏକ ରାଷ୍ଟ୍ରରେ ଜନ୍ମଗ୍ରହଣ କରିଥାଏ ତେଣୁ ସେହି ଦେଶର ଆଇନକୁ ମାନିନେଇ ଥାଏ। ଏଡମଣ୍ଡ ବର୍କ ମତବ୍ୟକ୍ତ କରିଥିଲେ ଯେ ମନୁଷ୍ୟ ଜନ୍ମ ପୂର୍ବରୁ ରାଷ୍ଟ୍ରର ସୃଷ୍ଟି ତେଣୁ ଜନ୍ମ ସମୟରୁ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରକାଶ କରିଆସିଥାଏ। ଯେତେବେଳେ ମନୁଷ୍ୟ ଜନ୍ମ ସମୟରୁ କୌଣସି ନୀତିନିୟମକୁ ଦେଖି ଆସେ ସେତେବେଳେ ସେଥିପ୍ରତି ତା'ର ବିଶ୍ୱାସ ସ୍ୱାଭାବିକ ଭାବରେ ସୃଷ୍ଟି ହୋଇଥାଏ। ତେଣୁ ରାଷ୍ଟ୍ରପ୍ରତି ମନୁଷ୍ୟର ଆନୁଗତ୍ୟ ଏକପ୍ରକାର ପ୍ରଥାଗତ ହୋଇଯାଇଛି। ମନୁଷ୍ୟର ପ୍ରକୃତି ଏମିତି ଯେ, ଯେତେଦିନ ପର୍ଯ୍ୟନ୍ତ ଦେଶର ନୀତିନିୟମ ତାର ଉପକାରରେ ଲାଗିଥାଏ ସେତେବେଳେ ଯାଏ ସେ ରାଷ୍ଟ୍ରପତି ସମର୍ପିତ ହୋଇଥାଏ। ଊନବିଂଶ ଶତାବ୍ଦୀରେ ଦାର୍ଶନିକ ହିଗେଲ୍ ମନୁଷ୍ୟକୁ ରାଷ୍ଟ୍ରର ଏକ ପ୍ରୟୋଜନୀୟ ଅଂଶ ବୋଲି ଗ୍ରହଣ କରିଛନ୍ତି। ମନୁଷ୍ୟର ଶରୀର ସ୍ୱୟଂଚାଳିତ ହେଲେ ମଧ୍ୟ ଦେଶର ପ୍ରଣୀତ ଆଇନ ଅନୁସାରେ ସେ ଚଳପ୍ରଚଳ କରିଥାଏ। ସେହିପରି ରାଷ୍ଟ୍ର ବ୍ୟତୀତ ବ୍ୟକ୍ତିର ଅସ୍ତିତ୍ୱ ନାହିଁ। ତେଣୁ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରଦର୍ଶନ ନକରିବା ପ୍ରଶ୍ନ ଉଠୁନି। ଅବଶ୍ୟ ଏହି କଥା ଅନେକ ବ୍ୟକ୍ତିବାଦୀ ମାନଙ୍କ ଦ୍ୱାରା ସମାଲୋଚିତ ହୋଇଥିଲା। ଟିଏଚ ଗ୍ରୀନଙ୍କ ମତରେ ଏକ ନୈତିକ ଜୀବନଯାପନ ସମାଜର ନୈତିକ ଜୀବନଯାପନ ଉପରେ ନିର୍ଭର କରେ। ଏହି ନୈତିକ ବାତାବରଣ ମନୁଷ୍ୟ ସ୍ୱାଧୀନ ଭାବରେ ଅନ୍ତଃଶକ୍ତିକୁ ବୃଦ୍ଧି କରିଥାଏ। କିନ୍ତୁ ଅନ୍ତଃଶକ୍ତିକୁ ପ୍ରକାଶ କରିବାର ଅଧିକାର ବ୍ୟକ୍ତି ରାଷ୍ଟ୍ର ଠାରୁ ଦାବି କରେ; ଏହି ଭାବ ପ୍ରକାଶ ପାଇଁ ରାଷ୍ଟ୍ରପ୍ରତି ଆନୁଗତ୍ୟ ହୋଇଥାଏ। ଗ୍ରୀନଙ୍କର ଏହି ଆଧାରକୁ ନେଇ ବୋସେନକ ପ୍ରତିପାଦିତ କଲେ ମୌଳିକ ଲକ୍ଷ୍ୟ ହାସଲ କରିବା ପାଇଁ ଯେଉଁ ଉପାଦାନ ଦରକାର ତାହା ପାଇବା ପାଇଁ ବ୍ୟକ୍ତି ପ୍ରତି ରାଷ୍ଟ୍ର ସହାୟକ ହୋଇଥାଏ। ସେତେବେଳେ ବ୍ୟକ୍ତିର ରାଷ୍ଟ୍ରପ୍ରତି ମାନ୍ୟତା ନୈତିକ ଓ ଯୁକ୍ତିଯୁକ୍ତ କର୍ତ୍ତବ୍ୟର ଏକ ଅଂଶ ହୁଏ। ସେତେବେଳେ ରାଷ୍ଟ୍ର ଓ ବ୍ୟକ୍ତିର ଅଭିନ୍ନତା ହିଁ ରାଜନୈତିକ ବାଧ୍ୟତାର ମୂଳ ହୋଇଥାଏ। କିନ୍ତୁ ବିଂଶ ଶତାବ୍ଦୀରେ ଏହି ତତ୍ତ୍ୱ ଅନେକଙ୍କ ଦ୍ୱାରା ବିରୋଧ କରାଗଲା। ସେମାନେ କହିଲେ ବ୍ୟକ୍ତି ରାଷ୍ଟ୍ର ସମ୍ମୁଖରେ ଦାସ ଭାବରେ ଗଣାଯିବା ଅନୁଚିତ। ନବୁଝି ଓ ବିଚାର ନକରି କୌଣସି କଥା ଗ୍ରହଣ କରିବାକୁ ବ୍ୟକ୍ତି ବାଧ୍ୟ ନୁହେଁ।

ତେଣୁ ଏହି ତତ୍ତ୍ୱ ଏକଛତ୍ରବାଦର ପରିପନ୍ଥୀ। ତେଣୁ ଲାସ୍କି କହିଲେ; ଅନ୍ୟ ସଂଘ ପରି ରାଷ୍ଟ୍ର ଏକ ସଂଘ ଅଟେ। ରାଜନୈତିକ ବାଧ୍ୟତା କେବଳ ରାଷ୍ଟ୍ର ଓ ନାଗରିକଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱ ସଂପର୍କ ଉପରେ ନିର୍ଭରଶୀଳ। ରାଷ୍ଟ୍ର କେବଳ ଏକ ସେବା ସଂସ୍ଥା। ନାଗରିକ କେତେଦୂର ରାଷ୍ଟ୍ରପ୍ରତି ଆନୁଗତ୍ୟ ହେବ ତାହା ଉପରେ ନିର୍ଭର କରେ। ଉଚିତ୍ ଉପାୟରେ ଗଠିତ ପ୍ରଭୁତ୍ୱକୁ ସମ୍ମାନ ଦେବା, ରାଷ୍ଟ୍ର ପ୍ରଣୀତ ଆଇନକୁ ମାନିନେବା ଏହା ନାଗରିକମାନଙ୍କ ବିଚାର। ତେଣୁ ଏକବିଂଶ ଶତାବ୍ଦୀରେ କୁହାଯାଉଛି ଜନସାଧାରଣ ଓ ରାଷ୍ଟ୍ରର ଉଦ୍ଦେଶ୍ୟ ଏକ ହେବା ଉଚିତ୍। ରାଷ୍ଟ୍ର ମତ ଓ ଜନତାର ମତ ଏକ ନହେଲେ ରାଷ୍ଟ୍ର କ୍ରିୟାଶୀଳ ହୋଇପାରିବ ନାହିଁ। ଗଣତାନ୍ତ୍ରିକ ଶାସନରେ ଜନତା ହିଁ ସର୍ବେସର୍ବା। ବ୍ୟକ୍ତି ଯେମିତି ଚାହିଁବ ସେମିତି ହୋଇପାରିବ। ବ୍ୟକ୍ତିକୁ ପସନ୍ଦ ଲାଗୁଥିବା ଆଇନ ତିଆରି କରିବ ଓ ସେହି ଆଇନରେ ସେ ପରିଚାଳିତ ହେବ। କିନ୍ତୁ ସତରେ ଏମିତି ହେଇ ପାରୁଛି କି ? ବୋଧେ ନାହିଁ। କାରଣ ପ୍ରକୃତ କ୍ଷମତାର ଅଧିକାରୀ କିଛି ଗୋଷ୍ଠୀ ମଧ୍ୟରେ ସୀମିତ। ବ୍ୟକ୍ତିର ଇଚ୍ଛା ଏଠି କାମ କରେନି। ନିର୍ବାଚିତ ସରକାର ହିଁ ସବୁକିଛି। ସେଥିପାଇଁ ତ ଆମ ସମ୍ବିଧାନ ଅନେକ ଥର ସଂଶୋଧନ ହୋଇ ସାରିଲାଣି। ଆଜିର ସମୟରେ ବ୍ୟକ୍ତି ରାଷ୍ଟ୍ର ବିନା କିଛି ମଧ୍ୟ ଚିନ୍ତା କରିପାରେନି। ଜନ୍ମ ଠାରୁ ମୃତ୍ୟୁ ଯାଏ ବ୍ୟକ୍ତି ରାଷ୍ଟ୍ର ଅଧୀନରେ ପରିଚାଳିତ। ଭାରତରେ ବ୍ୟକ୍ତିକୁ ଯେମିତି ମୌଳିକ ଅଧିକାର ଦିଆଯାଇଛି ସେହିପରି ବ୍ୟକ୍ତି ମୌଳିକ କର୍ତ୍ତବ୍ୟ ସମ୍ପାଦିତ କରିବାକୁ ବାଧ୍ୟ। ମୌଳିକ କର୍ତ୍ତବ୍ୟ ବିନା ମୌଳିକ ଅଧିକାରର ସ୍ୱାଦ ଜଣାପଡ଼େ ନାହିଁ। ଆଜିର ସମୟରେ ସାଧାରଣ ଜନାତାର ସ୍ୱାର୍ଥକୁ ବେଶୀ ପରିମାଣରେ ରାଷ୍ଟ୍ର ଗୁରୁତ୍ୱ ଦେଇଛି। ସେଥିପାଇଁ ତ ପହେଲଗାମ୍ ଠାରେ ନିରୀହ ଜନତାଙ୍କ ହତ୍ୟାକାଣ୍ଡ ପରେ ଅପରେସନ 'ସିନ୍ଦୂର' ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ଦୃଢ଼ ଚେତାବନୀ ଦେଇଛି। ଦେଶ ସହିତ ସମର୍ପିତ ଥିଲେ ଦେଶ ନିଶ୍ଚିତ ସୁରକ୍ଷା ପ୍ରଦାନ କରିବ। ପହେଲଗାମ୍ ଠାରେ ଯେଉଁ ଦୁଃଖଦ ଘଟଣା ଘଟିଲା ସେଥିରୁ ସରକାର ନିଶ୍ଚିତ ଶିକ୍ଷା ପାଇଥିବ। ଆମର ଗୁଇନ୍ଦା ସୂଚନା କିମ୍ବା ସୁରକ୍ଷାର ଅଭାବ ସେକଥା ହୃଦୟଙ୍ଗମ କରିଥିବ। ଏହି ନିହତମାନଙ୍କର ପ୍ରାଣ ବିକଳ୍ପରେ ସରକାର ଆଗକୁ ଆହୁରି ସଜାଗ ଓ ସଶକ୍ତ ହେବ। ଭବିଷ୍ୟତରେ ଏପରି ଘଟଣା ଯେମିତି ଘଟିବ ନାହିଁ ସେଥିପାଇଁ ସଚେତନ ହେବ।

ଆଜି ପୃଥବୀର ଅଧିକାଂଶ ରାଷ୍ଟ୍ର ପ୍ରଜାମଙ୍ଗଳ ରାଷ୍ଟ୍ର ଭାବରେ ବିଦ୍ୟମାନ। ଏକ ପ୍ରଜା ମଙ୍ଗଳ ରାଷ୍ଟ୍ର ନାଗରିକର ଅତ୍ୟାବଶ୍ୟକୀୟ ଆବଶ୍ୟକତା ପୂରଣ କରିବା ସହ ନାଗରିକର ବହୁବିଧ ଉନ୍ନତି ପାଇଁ ପ୍ରୟାସରତ। ପ୍ରାୟତଃ ବ୍ୟକ୍ତି ଆଜି ରାଷ୍ଟ୍ର ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ। ଜଳ ବିନା ମାଛ ଯେପରି ବଞ୍ଚିପାରେ ନାହିଁ ରାଷ୍ଟ୍ର ବିନା ବ୍ୟକ୍ତି ଜୀବନ ଧାରଣ କରିପାରିବ ନାହିଁ।

ବିନା ରାଷ୍ଟ୍ରରେ ବ୍ୟକ୍ତି ଆତଙ୍କବାଦୀ ହୋଇପାରେ କିମ୍ବା ଭିନ୍ନ ଜଗତରେ ରହିପାରେ। ବ୍ୟକ୍ତିର ସମସ୍ତ ଆବଶ୍ୟକତାକୁ ରାଷ୍ଟ୍ର ପରିପୂର୍ଣ୍ଣ କରିବା ପାଇଁ ଚେଷ୍ଟିତ। ଯେମିତି ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ବିନା ରାଷ୍ଟ୍ରର ସହାୟତାରେ ଅସମ୍ଭବ ମନେହୁଏ। ବ୍ୟକ୍ତି ଓ ରାଷ୍ଟ୍ର ପରସ୍ପର ପରିପୂରକ। ନିଃସନ୍ଦେହ ରାଷ୍ଟ୍ର ବ୍ୟକ୍ତିର ସୁଖ ଓ ଦୁଃଖରେ ଛିଡା ହେଉଛି। ଭାରତ ତା'ର ନାଗରିକକୁ ଯଥେଷ୍ଟ ସ୍ୱାଧୀନତା ଦେଇ ବ୍ୟକ୍ତି ମର୍ଯ୍ୟାଦାକୁ ବେଶୀ ଗୁରୁତ୍ୱ ଦେଉଛି। ତେଣୁ ବ୍ୟକ୍ତି ନିଜର ଇଚ୍ଛାକୁ ଚରିତାର୍ଥ କରିବା ପାଇଁ ରାଷ୍ଟ୍ରର ଆଇନ ବ୍ୟବସ୍ଥାକୁ ବୁଝି ଆନୁଗତ୍ୟ ହେବ।

# ଜୀବନ ରଥ : ଶ୍ରୀଜଗନ୍ନାଥ



**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପର ଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଟ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି। ଜୀବନ ହେଉଛି ଏକ ରଥଯାତ୍ରା। ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ। ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ। ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ। ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

# ଆତ୍ମହତ୍ୟା ହାର ଚିନ୍ତାଜନକ



**ସୌଭାଗ୍ୟ ରଞ୍ଜନ ମହାନ୍ତି**
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଆମ ଦେଶରେ ଆତ୍ମହତ୍ୟା ମହାପାପ ବୋଲି କୁହାଯାଇଥିବା ସତ୍ତ୍ୱେ ଦେଶରେ ଏବେ ଯେପରି ଯୁବବର୍ଗଙ୍କ ମଧ୍ୟରେ ଏହି ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ଏକ ଗବେଷଣାତ୍ମକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ପ୍ରତି ୬ଜଣରେ ଜଣେ ୧୫ରୁ ୨୯ ବର୍ଷ ବୟସ୍କ ଯୁବକ-ଯୁବତୀ ଆତ୍ମହତ୍ୟା କରୁଛନ୍ତି। ତେବେ ୨୦୨୦-୨୦୨୨ ମଧ୍ୟରେ ଯୁବକମାନଙ୍କ ତୁଳନାରେ ଅଧିକ ସଂଖ୍ୟକ ଯୁବତୀ ଆତ୍ମହତ୍ୟା କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ମଧ୍ୟ ଏହି ସମୟ ସୀମା ମଧ୍ୟରେ ଆତ୍ମହତ୍ୟା ଘଟଣା ବୃଦ୍ଧି ନେଇ ଅନୁରୂପ ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛି। ଏହି ସମୟ ସୀମା ମଧ୍ୟରେ ଦେଶରେ ଆତ୍ମହତ୍ୟାର ଭାର ପ୍ରତି ୧,୦୦,୦୦୦ରେ ୧୨.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଯାହାକି ଭାରତୀୟ ଉପ-ମହାଦେଶରେ ସର୍ବକାଳୀନ ରେକର୍ଡ ଥିଲା ବୋଲି କୁହାଯାଇଛି। କେବଳ ଭାରତ ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପ୍ରତି ୪୦ ସେକେଣ୍ଡରେ ବିଶ୍ୱରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଥିବା ରିପୋର୍ଟରେ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ସବିଶେଷ ତଥ୍ୟ ଅନୁଯାୟୀ ବାର୍ଷିକ ବିଶ୍ୱରେ ୭ଲକ୍ଷ ୨୭ ହଜାର ଆତ୍ମହତ୍ୟା ମୃତ୍ୟୁ ଘଟୁଥିବା କୁହାଯାଇଛି। ତେବେ ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଦେଶମାନଙ୍କରେ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ଲାଗି ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନାହିଁ, ସେହି ଦେଶଗୁଡିକ ଆତ୍ମହତ୍ୟା ମୃତ୍ୟୁ ଅଧିକ ରହିଛି। ବିଶେଷ କରି ସ୍ୱଳ୍ପ ଓ ମଧ୍ୟବିତ ଆୟକାରୀ ବର୍ଗରେ ଆତ୍ମହତ୍ୟା ମୃତ୍ୟୁ ୭୩ ପ୍ରତିଶତ ରହିଛି। ଏପରି କି ମଧ୍ୟ ବିଶ୍ୱରେ ସମୃଦ୍ଧଶୀଳ ରାଷ୍ଟ୍ର ଭାବେ ପରିଚିତ ଯୁକ୍ତରାଷ୍ଟ୍ର ଆମେରିକାରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାର ଉନ୍ନତମାନର ସୁବିଧା ସୁଯୋଗ ଥିବା ସତ୍ତ୍ୱେ ସେଠାରେ ମଧ୍ୟ ଆତ୍ମହତ୍ୟା ହାର ୧୭ପ୍ରତିଶତକୁ ବୃଦ୍ଧି ପାଇଛି। ଯାହାକି ଅତ୍ୟନ୍ତ ଗମ୍ଭୀର ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ପାଞ୍ଚବର୍ଷରେ ତଥା ୨୦୩୦ ସୁଦ୍ଧା ଦେଶରେ ଆତ୍ମହତ୍ୟା ମୃତ୍ୟୁହାର ୧୦ପ୍ରତିଶତକୁ ହ୍ରାସ କରିବା ଲାଗି ଜାତୀୟ ଆତ୍ମହତ୍ୟା ନିରାକରଣ ସଂସ୍ଥା (ଏନ୍‌ଏସ୍‌ପିଏସ୍) ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିଲାଗି ଚିକିତ୍ସାଗତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ଅଗ୍ରସର ହେଉଛି। ମାନସିକ ପରାମର୍ଶ, ମାନସିକ ରୋଗର ସୁବିଧା ସୁଯୋଗ ସହାୟତାକୁ ବ୍ୟାପକ କରିବାକୁ ଯୋଜନା ଆରମ୍ଭ କରିଛି। ମାନସିକ ଚାପ ଆତ୍ମହତ୍ୟାର ମୁଖ୍ୟ କାରଣ ଭାବେ ଉଭା ହୋଇଛି। ମାନସିକ ବିଶେଷଜ୍ଞାଙ୍କ ମତରେ ଆମ ଦେଶରେ ଆମ ଦେଶରେ ୪୦ ରୁ ୯୦ ପ୍ରତିଶତ ଲୋକ ମାନସିକ ଚାପଗ୍ରସ୍ତ। ଏପରିକି ଅପ୍ରାପ୍ତ ବୟସ୍କ ବାଳକ, ବାଳିକା ଏବଂ ଶିଶୁ ଏଥିରୁ ମୁକ୍ତ ନୁହଁନ୍ତି। ବିଶେଷ କରି ପାରିବାରିକ ଅଶାନ୍ତି, ଦାରିଦ୍ର୍ୟ, ଅର୍ଥାଭାବ, ଜାତିଗତ ନିର୍ଯାତନା, ପ୍ରେମଜନିତ ବ୍ୟପାର ଏବଂ ପ୍ରତିଯୋଗିତାମୂଳକ ଅଧ୍ୟୟନ ଆତ୍ମହତ୍ୟାର କାରଣ ବୋଲି ମାନସିକ ବିଶେଷଜ୍ଞମାନଙ୍କ ମତ। ଦେଶରେ କୋଚିଂ ହବ ଭାବେ ପରିଚିତ 'କୋଟା'ରେ ବିଭିନ୍ନ ସର୍ବଭାରତୀୟ ପ୍ରଶାସନିକ ସେବା ଏବଂ ଉଚ୍ଚବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖା ପାଇଁ କୋଚିଂ ସେଣ୍ଟରରେ ଶିକ୍ଷା ଗ୍ରହଣ କରୁଥିବାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ଗଲାବର୍ଷ ୩୬ଜଣ ଅଧ୍ୟୟନରତ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ଚଳିତ ବର୍ଷ ୧୧ଜଣ ଆତ୍ମହତ୍ୟା କରିସାରିଲେଣି। ସେହିପରି ଲିଭ୍ ଇନ୍‌ରେ ରହୁଥିବା ଯୁବକଯୁବତୀ ପ୍ରେମରେ ବିଫଳତା ଯୋଗୁଁ ଆତ୍ମହତ୍ୟା ପନ୍ଥା ବାଛି ନେଇଥିବା ଜଣାଯାଏ। ଆମେରିକାରେ ମାନସିକ ଚାପ, ମାନସିକ ଅସୁସ୍ଥତା ଆତ୍ମହତ୍ୟାର ମୁଖ୍ୟକାରଣ ହୋଇଥିବା ବେଳେ ଜାପାନ, ଦକ୍ଷିଣ କୋରିଆ ଆଦି ଦେଶରେ କାମର ଚାପ, ଆତ୍ମହତ୍ୟା ପ୍ରବଣତା ବୃଦ୍ଧିର ମୁଖ୍ୟକାରଣ ହୋଇଥିବା 'ହୁ' କହିଛି। ଉଲ୍ଲେଖ କରାଯାଇପାରେ ଯେ, ଆମ ରାଜଧାନୀ ଭୁବନେଶ୍ୱରରେ ଆତ୍ମହତ୍ୟା ମୃତ୍ୟୁ ମଧ୍ୟ କିଛି କମ୍ ନୁହେଁ। ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଅର୍ଥାତ ବର୍ଷକ ମଧ୍ୟରେ ୮୫ଜଣ ଆତ୍ମହତ୍ୟା କରିଥିବା ସରକାରୀ ରିପୋର୍ଟ କହେ। ସେହିପରି ରେଳ ଧାରଣାରେ ଆତ୍ମହତ୍ୟା ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଯାହାକି ଚିନ୍ତାଜନକ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଘରୋଇ ହିଂସା, ଜାତିଗତ ବାଛବିଚାର ନିଷିଦ୍ଧ ପାଇଁ ଆମ ଦେଶରେ ଆଇନ ରହିଛି। ଏହା ସତ୍ତ୍ୱେ ଏହା ବଢୁଥିବାରୁ ଆତ୍ମହତ୍ୟା ଘଟଣାମାନ ବୃଦ୍ଧି ପାଉଛି। ସେହିପରି ମାନସିକ ରୋଗର ଚକିତ୍ସା ସୁବିଧା ଥିବା ସତ୍ତ୍ୱେ ଏହା ଅଧିକ ବ୍ୟୟବହୁଳ ହୋଇଥିବାରୁ ଚାପଗ୍ରସ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଅନୁଧ୍ୟାନକାରୀ ରିପୋର୍ଟ କହେ। ସର୍ବୋପରି ଆତ୍ମହତ୍ୟା ମହାପାପ, ଏହାକୁ ମନରେ ଗ୍ରହଣ କରି ଯୁବବର୍ଗ ଆତ୍ମହତ୍ୟାରୁ ନିବୃତ ହେବା ଆବଶ୍ୟକ।

# ଯଦା ଯଦା ହି ଧର୍ମସ୍ୟ

**ରାଇଚରଣ ବିଶ୍ୱାଳ**
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ଶ୍ରୀମଦ୍ ଭଗବଦ୍ ଗୀତା ଚତୁର୍ଥ ଅଧ୍ୟାୟର ଦୁଇଟି ଶ୍ଳୋକ ହେଉଛି, 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ଥନାଂ ଅଧର୍ମସ୍ୟ ତଦାତ୍ମନଂ ସୃଜାମ୍ୟହମ୍ ଓ ପରିତ୍ରାଣାୟ ସାଧୁନାଂ ବିନାଶୟଚ ଦୁଷ୍କୃତାମ୍, ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।' ଏହି ଶ୍ଳୋକ ଦ୍ୱୟର ଅର୍ଥ ହେଉଛି ଯେତେବେଳେ ବି ଧର୍ମର ଅବକ୍ଷୟ ହୁଏ ଏବଂ ଅଧର୍ମର ବୃଦ୍ଧି ଘଟେ, ସେତେବେଳେ ପରମାତ୍ମା ପରମେଶ୍ୱର ଭଗବାନ ଧରିତ୍ରୀ ପୃଷ୍ଠରେ ଅବତାର ଗ୍ରହଣ କରନ୍ତି ଯେପରି ଦ୍ୱାପର ଯୁଗରେ ଆଦି ଗୋବିନ୍ଦ ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ ହୋଇଥିଲା। ଏହି ସମୟରେ ଭଗବାନ ସାଧୁସନ୍ଥମାନଙ୍କୁ ରକ୍ଷା କରିବା ସହିତ ଦୁଷ୍ଟସଂହାର କରିଥାନ୍ତି ଓ ସନାତନ ଧର୍ମ ମାର୍ଗର ମଧ୍ୟ ପୁନଃ ପ୍ରତିଷ୍ଠା କରିଥାନ୍ତି। 'ଯୁଗାନୁସାରେ ପରମେଶ୍ୱରଙ୍କ ୯ଟି ଅବତାର ସଂଗଠିତ ହୋଇଅଛି। ସତ୍ୟ ଯୁଗରେ ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ ଅବତାର, ତ୍ରେତୟାରେ ବାମନ, ପର୍ଶୁରାମ ଓ ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଅବତାର ହୋଇଥିଲା। ସେହିପରି ଦ୍ୱାପର ଯୁଗରେ ଶେଷନାଗ ବଳରାମଙ୍କ ଅବତାର ଓ ଲୀଳାପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ମଧ୍ୟ ସଂଗଠିତ ହୋଇଥିଲା। ପରବ୍ରହ୍ମ ପରମାତ୍ମା ଭଗବାନ ଶ୍ରୀକୃଷ୍ଣଙ୍କୁ ଅବତାରୀ ପୁରୁଷ କୁହାଯାଏ। କଳିଯୁଗର ଶେଷ ଭାଗରେ ଭଗବାନ କଳ୍କୀ ଅବତାର ହୋଇ ମ୍ଳେଚ୍ଛ ସଂହାରଣ କରିବେ। ସବୁ ଅବତାର ସମୟରେ ଭଗବାନ ଦୁଷ୍ଟସଂହାର କରି ସନାତନ ଧର୍ମର ପୁନଃ ପୁନଃ ପ୍ରତିଷ୍ଠା କରିଆସିଛନ୍ତି। ଏହି ଘୋର କଳିକାଳରେ ମଧ୍ୟ ଅଧର୍ମୀ ମ୍ଳେଚ୍ଛମାନଙ୍କ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଉଛି। ପାଶ୍ଚାତ୍ୟର ଅପ ସଂସ୍କୃତି ଓ କୁସଭ୍ୟତାର ବଶବର୍ତ୍ତୀ ହୋଇ ସ୍ୱ ସନାତନ ଧର୍ମକୁ ପରିହାର କରି ଭୟାବହ ପରଧର୍ମକୁ ଆପଣାଇ କୁତ୍ସିତ ଇନ୍ଦ୍ରିୟସୁଖ ଭୋଗ କରୁଛନ୍ତି ଓ ଶେଷରେ ପାପର ଗଣ୍ଠିଲି ଧରି ଯମଲୋକ ଗମନ କରୁଛନ୍ତି। ଏମାନେ ମଧ୍ୟ ହୀନ ଯୋନି ସମ୍ଭୁତ ହୋଇ ଅନନ୍ତ କାଳ ପର୍ଯ୍ୟନ୍ତ ଜନ୍ମ ଓ ମୃତ୍ୟୁ ଚକ୍ରରେ ଘାଣ୍ଟି ହେଉଛନ୍ତି। ସୁତରାଂ, ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟ ନିଜ ସନାତନ ଧର୍ମକୁ କସ୍ମିନ କାଳେ ପରିହାର କରିବା ଉଚିତ୍ ନୁହେଁ। ଅତଃ, ଆମେସବୁ ଧ୍ରୁବ, ପ୍ରହ୍ଲାଦ, ବାମାକ୍ଷେପା, ରାମକୃଷ୍ଣ ପରମହଂସ, ନିଗମାନନ୍ଦ ଓ ନଣ୍ଡାବାବାଙ୍କ ପରି ଅତୁଟ ଭକ୍ତି, ବିଶ୍ୱାସର ସହିତ ସାଧନ-ଭଜନ କରି ଇହଜନ୍ମରେ ପରମେଶ୍ୱରଙ୍କ ଦର୍ଶନ ଓ କୃପାପ୍ରାପ୍ତ ହୋଇ ମୋକ୍ଷ ଲାଭ କରିବା ଉଚିତ୍।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଜଳେଶ୍ୱର(ଭାସ୍କର ନ୍ୟୁଜ): ନ୍ୟାୟ ନ ପାଇ ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀର ଆତ୍ମଦାହ ଘଟଣା ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ଜଳେଶ୍ୱର ବନ୍ଦ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଥିଲା । ସକାଳ ୬ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ବନ୍ଦ କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା, କର୍ମୀ ଓ ସମର୍ଥକମାନେ ଯୋଗଦେଇଥିଲେ । ପୌରପାଳ ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ବହୁ କର୍ମୀ ନୂଆବଜାର ଅଣ୍ଡରପାସ୍ ନିକଟ ୫୭ ରାଜ୍ୟ ରାଜପଥକୁ ବନ୍ଦ କରିଥିବା ବେଳେ ୬୦ନଂ ଜାତୀୟ ରାଜପଥକୁ ମଧ୍ୟ ବନ୍ଦ କରିଥିଲେ । ଫଳରେ ଉଭୟପଟେ ଶହ ଶହ ଯାନ ଅଟକି ରହିଥିଲା । ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ଯୁବନେତା ଆନନ୍ଦ କର, କାଉନସିଲର ଗୋବିନ୍ଦ ସାହୁ, ଆବସ ଅଲ୍ଲିଙ୍କ ନେତୃତ୍ୱରେ ବଡବଜାର ଛକଠାରେ ରାସ୍ତାକୁ ଅବରୋଧ କରାଯାଇଥିଲା । କାଉନ୍‌ସିଲର ସୁରଜ ଚୌରାସିଆ, ବିଜେଡି ନଗର ସଭାପତି ସୁରଜିତ ଘୋଷଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀମାନେ ଷ୍ଟେସନ ଛକ ରାସ୍ତାକୁ ଅବରୋଧ କରିବା ସହିତ ନାରାବାଜି ଦେଇଥିଲେ । ସହରର କେତେକ ଦୋକାନବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଇତ୍ୟାଦି ବନ୍ଦ ରହିଥିବା ବେଳେ ବସ୍, ଟ୍ରକ୍, ଟେମ୍ପୋ ଇତ୍ୟାଦି ଅଟକି ରହିଥିଲା ।



# ଜନସାଧାରଣଙ୍କ ବିରୋଧ ଯୋଗୁ ଦ୍ୱିତୀୟଥର ବନ୍ଦ ରହିଲା ଜଣଶୁଣାଣି



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଗଁଡିଆ ବ୍ଲକର ସାମାନ୍ତରେ ଥିବା ଦଶମାଣପାଟଣା ଗ୍ରାମ ପଂଚାୟତର ବାଲିପସୀ ଗ୍ରାମରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ବର୍ଜ୍ୟବସ୍ତୁକୁ ନେଇ ଏକ ବାୟୋ ମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ଆଜି ଦ୍ୱିତୀୟ ବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । କିନ୍ତୁ ଶିବିର ଆରମ୍ଭରୁ ଅସନବାହାଲୀ, ବାଲିପସୀ, କରନ୍ଦା, ଦଶମାଣପାଟଣା ମୁରୀପଡ଼ା ରାଜସ୍ୱ ଗ୍ରାମର ଜନସାଧାରଣଙ୍କ ସମେତ ଯାଜପୁର ଜିଲ୍ଲାର କିଛି ଗ୍ରାମର ଜନସାଧାରଣ ମଧ୍ୟ ଏହି ଶିବିରରେ ଉପସ୍ଥିତି ରହି ଉକ୍ତ ପ୍ଲାଣ୍ଟ ଏଠାରେ ନକରିବା ପାଇଁ ଦୃଢ ଦାବି ଜଣାଇଥିଲେ । ପୂର୍ବରୁ ଉକ୍ତ ସ୍ଥାନରେ ପ୍ରଥମ ଜନ ଶୁଣାଣି ଶିବିର ବିଗତ ମାସ ୧୧ତାରିଖି ଦିନ ଅନୁଷ୍ଠିତ ହୋଇଥିଲା । ଶୁଣାଣି ଶିବିରକୁ ସ୍ଥାନୀୟ ଜନସାଧାରଣ ସିଧା ସଳଖ ଭାବରେ ପ୍ରବଳ ମାତ୍ରାରେ ବିରୋଧ କରିବା ଫଳରେ ଆରମ୍ଭ ପୂର୍ବରୁ ବନ୍ଦ ହୋଇଥିଲା । ଯଦି ଏହି ଅସନବାହାଲୀ ମୌଜାର ଖତୀୟାନ ୧୨୩/୧୨୪ରେ ଉକ୍ତ ପ୍ଲାଣ୍ଟଟି ନିର୍ମିତ ହୁଏ ତାହାହେଲେ ବିଶେଷ ଭାବରେ ଅସନବାହାଲୀ ଓ ବାଲିପସୀ ଗ୍ରାମ ଜନସାଧାରଣ ଓ ବସ୍ତିବାସିନ୍ଦା ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏଠାରେ ପ୍ଲାଣ୍ଟ ନିର୍ମାଣ ନକରିବାକୁ ପଞ୍ଚାୟତବାସୀ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ଏକ ଲିଖିତ ଅଭିଯୋଗ ରାଜ୍ୟ ପ୍ରଦ୍ୟୁଷଣ ବୋର୍ଡ଼କୁ ଦେଇଛନ୍ତି । ପୂର୍ବରୁ ଅନୁଷ୍ଠିତ ପ୍ରଥମ ଜନଶୁଣାଣି ଶିବିରକୁ ଜିଲ୍ଲା ପ୍ରଶାସନ ଓ ଉକ୍ତ କମ୍ପାନୀ ମିଳିତ ଭାବରେ ଗୁପ୍ତ ଭାବରେ ଶିବିର ଅନୁଷ୍ଠିତ କରିବା ପାଇଁ ଚେଷ୍ଟା କରିଥିଲେ । ଶିବିରର ପୂର୍ବଦିନ ଅର୍ଥାତ ୧୦/୬-ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତରବରିଆ ଭାବେ ନୋଟିସ ଜାରି କରିଥିଲେ । ସେହି ସମୟରେ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା । ଅପରପକ୍ଷରେ ମେସର୍ସ ଏମକେଡ଼ି ଇକୋ କ୍ଲିନ ପ୍ରାଇଭେଟ ଲିମିଟେଡ଼ କମ୍ପାନୀର ନିର୍ଦ୍ଦେଶକ କୁହନ୍ତି ଯେ ଏଠାରେ ବର୍ଜ୍ୟବସ୍ତୁ ବାୟୋ ପ୍ଲାଣ୍ଟ ବସିଲେ ସେପରି କୌଣସି କ୍ଷତି ଜନସାଧାରଣଙ୍କ ହେବ ନାହିଁ । ଉକ୍ତ ପ୍ଲାଣ୍ଟ ମୁଖ୍ୟତଃ ଭୁତଳ ଜଳ ବ୍ୟବହାର କରିବ ଓ ସେହି ୱେଷ୍ଟ ଜଳକୁ ପୁଣି ବ୍ୟବହାର କ୍ଷମ ହେବ ଏହି ପ୍ଲାଣ୍ଟର ମୁଖ୍ୟ ଉଦେଶ୍ୟ । ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ଗୁଡିକର ସଠିକ ବିନିଯୋଗ ନହେବା ଯୋଗୁ ଅନେକ ସମୟରେ ଜଣବସତି ଗୁଡିକରେ ସଂକ୍ରମଣ ଦେଖାଦେଇଥାଏ । କିନ୍ତୁ ଉକ୍ତ ସ୍ଥାନରେ ଏହି ପ୍ଲାଣ୍ଟ ସ୍ଥାପନ ହେଲେ ଲୋକଙ୍କ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । କିନ୍ତୁ ଏଠିକାର ଅଧିବାସୀମାନେ ସିଧାସଳଖ କୁହନ୍ତି ଯେ ଉକ୍ତ ପ୍ଲାଣ୍ଟଟି ପ୍ରଥମେ ଯାଜପୁର ଜିଲ୍ଲାରେ ହେବାର ଥିଲା । ସେଠାରେ ପ୍ରବଳ ବିରୋଧ ହେବାରୁ ତାହାକୁ ଏଠାରେ କରିବା ପାଇଁ ଯୋଜନା ଚାଲିଛି । ଯଦି ଏଠାରେ ଉକ୍ତ ପ୍ଲାଣ୍ଟ ହୁଏ ତାହାଲେ ଆମର ବହୁତ କ୍ଷୟକ୍ଷତି ହେବାର ସମ୍ଭାବନା ଜଳ ଜଳ କରି ଦିଶୁଚି । ମାରିବୁ ପଛେ ଏହି ମାଟିରେ ଉକ୍ତ ପ୍ଲାଣ୍ଟ ବସାଇ ଦେବୁନାହିଁ ବୋଲି ଆଜିର ଦ୍ୱିତୀୟ ଶୁଣାଣି ଶିବିରରେ ପଂଚାୟତ ବାସୀଙ୍କର ଶାଣିତ ଭାବରେ ମିଳିତ ଶ୍ୱର ଶୁଣିବାକୁ ମିଳିଥିଲା । ଘଟଣା ସ୍ଥଳରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ତହସିଲଦାର ସତ୍ୟଜିତ ମହାପାତ୍ର, ଏସଡ଼ିପିଓ ରମେଶ ଚନ୍ଦ୍ର ଦୋରା, ନିହଲପ୍ରସାଦ ଥାନା ଅଧିକାରୀ ନିରୋଦ କୁମାର ମଲିକଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ ।

# ଯୁବତୀଙ୍କୁ କଟୁରିରେ ଆକ୍ରମଣ ସହ ଗରମ ପେଜ ଢ଼ାଳିଲା ଯୁବକ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିଷଣ୍ଡ ପଂଚାୟତରେ ପୂର୍ବ ବିବାଦକୁ କେନ୍ଦ୍ର କରି ତୁମୁଳ କାଣ୍ଡ ସୃଷ୍ଟି ହୋଇଥିବା ବେଳେ ଜଣେ ଯୁବକ ଜଣେ ବ୍ୟକ୍ତି ଓ ଦୁଇଜଣ ଯୁବତୀଙ୍କୁ କଟୁରୀରେ ଆକ୍ରମଣ କରିବା ସହ ଗରମ ପେଜ ଯୁବତୀଙ୍କ ଉପରକୁ ପକାଇ ଦେଇଥିବା ବେଳେ ଯୁବତୀଙ୍କ ଶରୀର ପୋଡ଼ି ଯାଇଅଛି । ବାଲେଶ୍ୱର ଫକୀର ମୋହନ କଲେଜ ଯୁବତୀ ଆତ୍ମହୁତୀ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଅଭିଯୁକ୍ତ ଯୁବକ ଯୁବତୀଙ୍କ ଉପରକୁ ଗରମ ପେଜ ପକାଇବା ଘଟଣାକୁ ନେଇ ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରିଥିବା ବେଳେ ସଂପୃକ୍ତ ଅଭିଯୁକ୍ତ ପୋଲିସ ଭୟରେ ଫେରାର ଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପାତ୍ରସାହି ଗ୍ରାମର ଅର୍ଜ୍ଜୁନ ପ୍ରଧାନଙ୍କ ସହିତ ସେହି ଗ୍ରାମର ଅଭିଜିତ ପ୍ରଧାନଙ୍କ ପୂର୍ବ ବିବାଦ ରହିଥିଲା । ଗତ ମଙ୍ଗଳବାର ଆନୁମାନିକ ଦିନ ଦୁଇଟା ସମୟରେ ଅର୍ଜ୍ଜୁନ ଘରେ ଖାଇ ବସିଥିବା ବେଳେ ଅଭିଜିତ ହାତରେ ଏକ ଦାଢ଼ୁଆ କଟୁରୀ ଧରି ଘର ଭିତରକୁ ପଶି ଯାଇ ଅର୍ଜ୍ଜୁନଙ୍କୁ ଗାଳି ଗୁଲଜ କରି ଜୀବନରେ ମାରି ଦେବାକୁ ଉଦ୍ୟମ କରୁଥିବା ବେଳେ ଅର୍ଜ୍ଜୁନଙ୍କ ସାନଝିଅ ସେଠାରେ ଆକ୍ରମଣକାରୀ କବଳରୁ ନିଜ ବାପାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିବାରୁ ସଂପୃକ୍ତ ଅଭିଯୁକ୍ତ ଅଭିଜିତ କଟୁରୀରେ ଯୁବତୀଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣରେ ଯୁବତୀଙ୍କ ହାତ ଓ ଶରୀରରେ ଗୁରୁତର ଆଘାତ ଲାଗିଛି । ଚିତ୍କାର ଶୁଣି ଅର୍ଜ୍ଜୁନଙ୍କ ବଡ଼ଝିଅ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ଦୁଆରେ ଥୁଆ ହୋଇଥିବା ଗରମ ପେଜକୁ ବଡ଼ଝିଅ ଉପରକୁ ଢ଼ାଳି ଦେଇଥିଲା । ଯୁବତୀଙ୍କ ଶରୀର କେତେକାଂଶ ପୋଡ଼ି ଯାଇଥିବା ବେଳେ ଯୁବତୀ ଓ ତାଙ୍କ ପରିବାର ଚିତ୍କାର କରିଥିଲେ । ଗ୍ରାମରୁ କିଛି ବ୍ୟକ୍ତି ସେଠାରେ ପହଂଚି ଆକ୍ରମଣକାରୀ କବଳରୁ ବାପା-ଝିଅଙ୍କୁ ରକ୍ଷା କରିଥିବା ବେଳେ ଏ ସଂପର୍କରେ ଅର୍ଜ୍ଜୁନ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୨୯୬, ୧୨୬(୨), ୧୧୮(୧), ୩୩୩, ୩୫୧(୨)ରେ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି ।

## ସାପ କାମୁଡାରେ ଦମ୍ପତି ମୃତ ଦୁଇ ଶିଶୁ କନ୍ୟାଙ୍କ ପାଠ ପଢାରେ ଡୋରି ବନ୍ଧା ନେଇ ଆଶଙ୍କା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ଗ୍ରାମପଂଚାୟତ ପୁରୁଣାପାରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ରାତିରେ ଘରେ ଶୋଇଥିଲା ବେଳେ ବିଷାକ୍ତ ସାପ କାମୁଡାରେ ଏକ ଦମ୍ପତିଙ୍କର ଅକାଳ ବିୟୋଗ ଘଟିଛି । ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ମୃତକଙ୍କ ଦୁଇ ଶିଶୁ କନ୍ୟାଙ୍କ ପାଠ ପଢାରେ ଡୋରି ବନ୍ଧାହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ପୁରୁଣାପାରି ଗ୍ରାମର ମାନସ କୁମାର ବାରିକ(୪୫) ଓ ତାଙ୍କର ପତ୍ନୀ ନମିତା ରାଉତ(୩୫) ଗତ କାଲି ରାତ୍ରରେ ଖାଇପିଇ ଘରେ ଶୋଇଥିଲେ । ତେବେ ଆଜି ସକାଳୁ ଉଠିଲା ବେଳକୁ ପତିପତ୍ନୀଙ୍କ ମୁଣ୍ଡ ବୁଲାଇବା ସହ ଦେହହାତ ଝିମ ଝିମ ହୋଇ ପଡିଥିଲା । ସନ୍ଦେହ ହେବାରୁ ପତିପତ୍ନୀ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଉଦବେଗ ଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ପରୀକ୍ଷା ନିରୀକ୍ଷା ପରେ ପତି ପତ୍ନୀ ବିଷାକ୍ତ ସାପ କାମୁଡାରେ ଗୁରୁତର ଥିବାର ଡାକ୍ତର ପ୍ରକାଶ କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ପତି ପତ୍ନୀଙ୍କ ଅକାଳ ମୃତ୍ୟୁ ଘଟିଥିଲା । ଶବ ବ୍ୟବଚ୍ଛେଦ କରାଯାଇ ପୁରୁଣାପାରି ଗ୍ରାମକୁ ଅଣାଯାଇଥିଲା । ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ପତି ପତ୍ନୀଙ୍କ ଶବ ଦାହ କରାଯାଇଥିଲା । ତେବେ ମୃତ ଦମ୍ପତିଙ୍କ ବଡଝିଅ କଲ୍ୟାଣୀ ବାରିକ(୧୦) ଓ ସାନଝିଅ ଓମ ସିନ୍ଧୁ ବାରିକ(୫) ସ୍ଥାନୀୟ ବିଦ୍ୟାଳୟର ଯଥାକ୍ରମେ ୫ମଶ୍ରେଣୀ ଏବଂ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଏହି ପରିବାରର ଆର୍ଥୀକ ଅବସ୍ଥା ସ୍ୱଚ୍ଛଳ ନଥିଲା ବେଳେ ପିତାମାତାଙ୍କୁ ହରାଇ ଯୋଗୁ ଦୁଇ ଶିଶୁ କନ୍ୟାଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିବା ସହ ତାଙ୍କର ପାଠପଢାରେ ଡୋରି ବନ୍ଧା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏହି ଦୁଇ ଶିଶୁ କନ୍ୟାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବା ସହ ସେମାନଙ୍କ ଭବିଷ୍ୟତ ସୁରକ୍ଷା ସରକାର ବହନ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି ।

## ଭାଉଜଙ୍କୁ ଦିଅରର ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କି ଉପଖଣ୍ଡ ବୈଦେଶ୍ୱର ଥାନା ଅନ୍ତର୍ଗତ ମଧୁଆ ପଲ୍ଲୀ ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ ପତ୍ନି ସୁଜାତା ପ୍ରଧାନ ( ୩୩) ତାଙ୍କର ଏକ ୧୨ ବର୍ଷର ପୁତ୍ର ଓ ୮ ବର୍ଷର ଝିଅ କୁ ନେଇ ଘରେ ରହୁଥିବା ବେଳେ ସ୍ୱାମୀ ଲକ୍ଷ୍ମୀଧର ଭୁବନେଶ୍ୱର ରେ କାର୍ଯ୍ୟ କରନ୍ତି । ସୁଜାତା ଏକାକୀ ଘରେ ରହୁଥିବା ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଦିଅର ସୁକାନ୍ତ ପ୍ରଧାନ ପୂର୍ବରୁ ଦେଖା ଶିକ୍ଷା କରି ଅଶ୍ଳୀଳ ଇଙ୍ଗିତ କରି ଆସୁଥିବା ବେଳେ ଆଜି ଦ୍ୱିପ୍ରହରେ ସୁଜାତା ଘରେ ସୋଇଥିବା ସମୟରେ ଦିଅର ସୁକାନ୍ତ ସୁଜାତାଙ୍କୁ ହଠାତ୍ ଜାବୁଡ଼ି ଧରି ବଳାତ୍କାର କରିବାକୁ ଉଦ୍ୟମ କରୁଥିବା ବେଳେ ସୁଜାତା ଜୋରରେ ପାଟି କରି ସୁକାନ୍ତକୁ ଠେଲି ପେଲି ବାହାରକୁ ଆସିବା ପରେ ସୁକାନ୍ତ ଏବଂ ତାଙ୍କ ପତ୍ନି ସୁଜାତା ସ୍ୱାଇଁ, ଶାଶୁ ବାସନ୍ତୀ ଦେଇ ମିଳିମିଶି ସୁଜାତାଙ୍କ ଲୁଗା ଟଣାଓଟରା କରିବା, ବେକକୁ ଚିପି ଛାତି, ମୁଣ୍ଡ ଓ ବିଭିନ୍ନ ଅଙ୍ଗକୁ ବିଧା ଗୋଇଠା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ପାଟି ଶୁଣି ପଡୋଶୀ ଲୋକ ଧାଇଁ ଆସିବାରୁ ଅଳ୍ପକେ ଜୀବନ ରକ୍ଷା ପାଇଥିବା ନେଇ ସୁଜାତା ବୈଦେସ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏଭଳି ଘଟଣା ସମ୍ପର୍କରେ ବୈଦେସ୍ୱର ଥାନା ଆଇଆଇସି ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ କହିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଓଲଟପୁର ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ସାମିଲ
# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ କଣ୍ଟାପଡା ପଂଚାୟତ ଓଲଟପୁର ଗ୍ରାମକୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଛି । ବୁଧବାର ଦିନ ପୂର୍ବାହ୍ନ ରେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇ ଆଦର୍ଶ ଗ୍ରାମରେ ସାମିଲ ଥିବା ବିଭିନ୍ନ ପ୍ରକଳ୍ପଗୁଡିକର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପରେ ରାସ୍ତା ନଥିଲେ ଗ୍ରାମକୁ ରାସ୍ତା, ସୋଲାର ଆଲୋକୀ କରଣ, ସମୂହ ପାଇଖାନା ଭଳି ଅନେକ ପାଇଖାନା କରାଯିବ । ଏହି ଅବସରରେ କଣ୍ଟାପଡା ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ, ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ, କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ,ଜେ ଇ ସୁମନ ସୁଧା ରାୟ, ନାଏବ ସରପଞ୍ଚ ମମତା ମୁଦୁଲି, ୱାର୍ଡ ସଭ୍ୟ ଝରଣା ଭୋଇ, ଅଶୋକ ସାମନ୍ତରାୟ, ଦଶରଥୀ ଭୋଇ, ପବିତ୍ର ମୋହନ ସାହୁ, ମୁନା ଗାୟା, ଅରୀକ୍ଷିତ ଜେନା, ମାଧବାନନ୍ଦ ଭୋଇ, କୁନା ନନ୍ଦ ବେହେରା, ଉମାକାନ୍ତ ଭୋଇ, ମଇଉଦିନ ଖାଁ, ପ୍ରକାଶ କୁମାର ନନ୍ଦ, ଭୁକା ପଣ୍ଡା, ମଣ୍ଟୁ ସାହୁ । ଭିତ୍ତି ସ୍ଥାପନ ସମୟରେ ବିକା ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଓଲଟପୁର ଗ୍ରାମର ଏସଓଜି ମା'ମାନେ ଉପସ୍ଥିତ ରହିଥିଲେ । ପଂଚାୟତ ଓ ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ଲୋକ ଉପସ୍ଥିତ ରହିଥିଲେ ।

## ଖରସ୍ରୋତା-ବ୍ରାହ୍ମଣୀ ନଦୀର ଜଳପ୍ରବାହ ଅନୁଧ୍ୟାନ
# ବଡ଼ ବନ୍ୟା ଆଶଙ୍କା କ୍ଷୀଣ: ଜଳ ସମ୍ପଦ ମୁଖ୍ୟଯନ୍ତ୍ରୀ



ବିଞ୍ଝାରପୁର(ଭାସ୍କର ନ୍ୟୁଜ): ଜେନାପୁରଠାରେ ବନ୍ୟା ଜଳ ସ୍ଥିର । ଖରସ୍ରୋତା, ତନ୍ତୀ ଘାଇ, କାଣୀ ନଦୀରେ ବଡ ବନ୍ୟା ଆଶଙ୍କା କ୍ଷୀଣ । ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ମୁକାବିଲା ପାଇଁ ସକଳ ପ୍ରସ୍ତୁତି ହୋଇଛି । ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ନଦୀ ବନ୍ଧ ରେ ବିଭାଗ ପକ୍ଷରୁ ପଇଁତରା ଦିଆଯାଉଛି । ସମସ୍ତ କର୍ମଚାରୀ ସଜାଗ ଓ ସତର୍କ ରହିଛନ୍ତି ବୋଲି ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ କହିବା ସହ ନଦୀ କୂଳିଆ ଓ ସାଧାରଣ ଜନତା ବନ୍ୟା ନେଇ ଭୟ କରିବାର କୌଣସି କାରଣ ନାହିଁ ବୋଲି ଦୃଢ଼ତା ସହ ପ୍ରକାଶ କରିଛନ୍ତି । ଆଜି ମୁଖ୍ୟ ଯନ୍ତ୍ରୀ ବିଘ୍ନେଶ୍ୱର ପୁରୋହିତ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସଡିଓ ଚୈତନ୍ୟ ଜେନା କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ସାହୁ, ଓ ଅନ୍ୟ ବିଭାଗୀୟ କର୍ମଚାରୀଙ୍କ ସହ ଖରସ୍ରୋତା, ବ୍ରାହ୍ମଣୀ ନଦୀର ଜଳ ପ୍ରବାହ, ସାମ୍ପ୍ରତିକ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳେଇ ଓ ବିଞ୍ଝାରପୁର ଏସଡିଓ ଶ୍ରୀ ଜେନାଙ୍କୁ ବନ୍ୟା ମୁକାବିଲା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭନ୍ନ ବ୍ୟବସ୍ଥା ଓ ପ୍ରସ୍ତୁତି ସଂପର୍କରେ ଟିକିନିଖି ପଚାରି ବୁଝିଥିଲେ । ବିଭାଗ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସହଯୋଗ ସୂଚନା ମିଳୁଛି କି ନାହି ମୁଖ୍ୟଯନ୍ତ୍ରୀ ଶ୍ରୀ ପୁରୋହିତ ପଚାରିଥିଲେ । ତେବେ ଗଣ ମାଧ୍ୟମରେ ବନ୍ୟା ଖବର ବଢାଇ ଚଢାଇ ନ ଲେଖିଲେ ମଙ୍ଗଳ ବୋଲି ପରାମର୍ଶ ଦେଇଥିଲେ । ନୂଆମାହରା ହାଇଲେବଲ ସେତୁ ଉପରେ ଖରସ୍ରୋତା ନଦୀର ସ୍ଥିତି ଅନୁଧ୍ୟାନ କରିଥିଲେ ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ।

# ନାବାଳିକାକୁ ଅପହରଣ କଲେ ୩ ଦୁର୍ବୃତ୍ତ, ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରୁ ଉଦ୍ଧାର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିଷଣ୍ଡ ପଂଚାୟତର ଜଣେ ୧୩ ବର୍ଷର ନାବାଳିକାକୁ କେତେଜଣ ବ୍ୟକ୍ତି ନିମାପଡ଼ାରୁ ଅପହରଣ କରି ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରେ ବାହାରକୁ ଚାଲାଣ କରୁଥିବା ବେଳେ ରେଲୱେ ପୋଲିସ ଦ୍ୱାରା ନାବାଳିକା ଅପହରଣକାରୀଙ୍କୁ ପୋଲିସ ଅଟକ ରଖି ନିମାପଡ଼ା ଥାନା ପୋଲିସକୁ ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ, ଗତ ୧୨ରେ ଅରିଷଣ୍ଡ ପଂଚାୟତ ଏକ ଗ୍ରାମର ୧୩ ବର୍ଷିୟା ନାବାଳିକା ଟ୍ୟୁସନ୍ ହେବାକୁ ଅମଲାପଡ଼ା ଆସିଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ନାବାଳିକାର ପରିବାର ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ପାଇପାରି ନଥିଲେ । ବିଷ୍ଣୁପୁର ଗ୍ରାମର ସାଲିନ୍ ନାୟକ ପାଟପୁର ମୁଦୁଲି ସାହି ମାମୁଁଘରେ ରହୁଥିବା ଅନୁରାଧା ମଲ୍ଲିକ, ଗଦାଧର ଭୋଇ ୩ ଜଣ ମିଶି ଛାତ୍ରୀଙ୍କୁ ଅପହରଣ କରି ନେଇ ଯାଇଥିଲେ । ପରିବାର ଲୋକେ ଖୋଜ ଖବର କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରି ନଥିଲେ । ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ୍ ନିକଟସ୍ଥ ରେଲୱେ ଷ୍ଟେସନ୍‌ରେ ନାବାଳିକାଙ୍କୁ ବାହାରକୁ ପଠାଉ ଥିବା ବେଳେ ନାବାଳିକା ପରିବାର ସଂପର୍କୀୟ ହଠାତ୍ ନାବାଳିକାଙ୍କୁ ଦେଖି ଅପହରଣକାରୀଙ୍କୁ ଅଟକ ରଖିବା ପାଇଁ ଉଦ୍ୟମ କରୁଥିବା ବେଳେ ଅପହରଣକାରୀ ଧମକ ଦେବାରୁ ସେଠାରେ ଥିବା ରେଲୱେ ପୋଲିସ ସେମାନଙ୍କୁ ଅଟକ ରଖି ନିମାପଡ଼ା ଥାନାକୁ ଖବର ଦେଇଥିଲେ । ନିମାପଡ଼ା ଥାନା ପୋଲିସ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ନାବାଳିକା ଜଣକ ନିଜ ବାପା ମାଆଙ୍କ ସହିତ ଘରକୁ ଯାଇଥିବା ଜଣାପଡ଼ିଛି । ନାବାଳିକାର ମାଆ ଅଭିଯୋଗ କରିଛନ୍ତି ଏହି ୩ଜଣ ବ୍ୟକ୍ତି ଝିଅମାନଙ୍କୁ ଚାଲାଣ କରିବା ସହ ଯୁବତୀ ଚାଲାଣ ର୍ୟାକେଟ୍‌ରେ ସଂପୃକ୍ତ ଅଛନ୍ତି । ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୩୭/୨, ଥାନା କେସ୍ ନଂ-୨୦୭/୨୫ରେ ମାମଲା ରୁଜୁ କରିଛି ।

## ଯାଗଶିକ୍ଷା କାର୍ଯ୍ୟକ୍ରମ

ଜଳେଶ୍ୱର(ଭାସ୍କର ନ୍ୟୁଜ): ବୁଧବାର ଅପରାହ୍ନରେ ଜଳେଶ୍ୱର ବ୍ଲକ ଅଧୀନ ହରପ୍ରସାଦ ଏକାଡେମୀ ଆରୁହା ପରିସରରେ ଯୋଗ ପ୍ରଶିକ୍ଷଣ ଓ ସାଧନା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୟ ପ୍ରଧାନ ପ୍ରଥମେ ପରିଚୟ ପ୍ରଦାନ କରିଥିଲେ ।ଆନନ୍ଦମାର୍ଗର ସନ୍ୟାସୀ ଆଚାର୍ଯ୍ୟ ଜପକୃଷ୍ଣ ନନ୍ଦ ଅବଧୂତ ଓ ସନ୍ୟାସୀ ଅରିମାନନ୍ଦ ଅବଧୂତ ବିଦ୍ୟାଳୟର ଛାତ୍ର ମାନଙ୍କୁ ଯୋଗ, ସାଧନା ଶିକ୍ଷା ପ୍ରଦାନ କରିଥିଲେ ।ଆନନ୍ଦମାର୍ଗର ମାର୍ଗୀ ପ୍ରଦୀପ କୁମାର ସିଂହଙ୍କ ନେତୃତ୍ୱରେ କାର୍ଯ୍ୟ ସମ୍ପାଦନ ହୋଇଛି ।ବିଦ୍ୟାଳୟ ର ଛାତ୍ରୀ ମାନଙ୍କୁ ଯୋଗ ଓ କୌଶିକୀ ନୃତ୍ୟରେ ୨୨ ପ୍ରକାର ରୋଗର ନିରୋଗ ସମ୍ପର୍କରେ ଅବଧୂତିକା ଆନନ୍ଦ ରୁପାତିତା ଶିକ୍ଷା ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ହୋଇ ଖୁବି ଉତ୍ସାହ ଓ ଆନନ୍ଦ ଦାୟକ ଥିଲା । ସର୍ବ ଶେଷରେ କ୍ଷିତିଶ ସିଂହ ଧନ୍ୟବାଦ ଜଣାଇ କାର୍ଯ୍ୟ ସାଙ୍ଗ କରା ଯାଇଥିଲ ।ଏହି କାର୍ଯ୍ୟ ପାଇଁ ପ୍ରଭାତ ରଞ୍ଜନ ସିଂହ ସହଯୋଗ କରିଥିଲେ ।

# ପ୍ରଦୂଷଣ ପ୍ରତିକ୍ରିୟା କର୍ମଶାଳା ଓ ଆଲୋଚନାଚକ୍ର



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ, ନମ୍ବର- ୭, ଓଡ଼ିଶା ଦ୍ୱାରା ଓଡ଼ିଶାର ସମସ୍ତ ହିତାଧିକାରୀ ସଂଗଠନ ଗୁଡିକ ପାଇଁ ଚଳିତ ଜୁଲାଇ ୧୫ ଓ ୧୬ ତାରିଖରେ ପାରାଦୀପରେ ଦୁଇ ଦିବସୀୟ ପ୍ରଦୂଷଣ ପ୍ରତିକ୍ରିୟା କାର୍ଯ୍ୟଶାଳା ଓ ଟେବୁଲ ଟପ୍ ଅଭ୍ୟାସ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚ୍‌ପିସିଏଲ୍, ଆଇଓସିଏଲ୍, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଅପାତକାଳୀନ ପରିଚାଳନା ପ୍ରାଧିକରଣ ସହିତ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଭାରତୀୟ ତଟ ରକ୍ଷକ ଦେଶରେ ସମୁଦ୍ର ତଟ ଉପରେ ଘଟୁଥିବା ତୈଳ ପ୍ରଦୂଷଣ ପ୍ରତିରୋଧ କାର୍ଯ୍ୟ ପାଇଁ ମୁଖ୍ୟ ନୋଡାଲ୍ ସଂଗଠନ ଭାବରେ କାର୍ଯ୍ୟ କରୁଛି । ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ସହଯୋଗ, ପ୍ରସ୍ତୁତି ଓ ସମନ୍ୱୟକୁ ଶକ୍ତିଶାଳୀ କରିବା, ଯାହା ଦ୍ୱାରା ଓଡ଼ିଶାର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷା ଦିଆଯାଇପାରିବ । କାର୍ଯ୍ୟକ୍ରମକୁ ଭାରତୀୟ ତଟ ରକ୍ଷକ ଓଡ଼ିଶାର ଜିଲ୍ଲା କମାଣ୍ଡର ଉଦଘାଟନ କରି ସମସ୍ତ ଏଜେନ୍ସିଙ୍କୁ ସ୍ୱାଗତ ଓ ଧନ୍ୟବାଦ ଜଣାଇଥିଲେ ଓ କହିଥିଲେ ଯେ, ଏହି ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇବ । ଏହା ଭବିଷ୍ୟତରେ ସମୁଦ୍ର ତଟ ପ୍ରଦୂଷଣ କୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୃକ୍ତ ବିଷୟରେ ପ୍ରସ୍ତୁତିକରଣ ଓ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ଦିନ ଟେବୁଲ ଟପ୍ ଅଭ୍ୟାସ ପରେ ପ୍ରାକ୍ଟିକାଲ୍ ପ୍ରଦୂଷଣ ପ୍ରତିକ୍ରିୟା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା, ଯାହା ଭାରତୀୟ ତଟରକ୍ଷକ ଜାହାଜ ବିଜୟା ଓ ପାରାଦୀପ ବନ୍ଦର ପ୍ରାଧିକରଣର ଜାହାଜ ଓସେନ ଏଲିଗାନ୍ସରେ କରାଯାଇଥିଲା । ଏହି ପ୍ରକାର କାର୍ଯ୍ୟକ୍ରମ ରାଜ୍ୟର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ଓ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବାରେ ଏକ ଦୃଢ ପଦକ୍ଷେପ ଭାବରେ ବିବେଚନା କରାଯାଉଛି ।

# ବଦଳି ନିର୍ଦ୍ଦେଶ ପରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ୧୪ ଶିକ୍ଷକ-ଶିକ୍ଷୟିତ୍ରୀ

ତିହିଡ଼ି(ଭାସ୍କର ନ୍ୟୁଜ): ସଭିଏ ପଢନ୍ତୁ ସଭିଏ ବଢ଼ନ୍ତୁ ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ସରକାର ମଧ୍ୟ ଆନୁପତିକ ହାରରେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଉଛି । ଯେଉଁ ସ୍କୁଲରେ ପିଲା ସଂଖ୍ୟା ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀ ଅଧିକ ଅଛନ୍ତି ସେମାନଙ୍କୁ କମପିଲା ଥିବା ସ୍କୁଲକୁ ବଦଳି କରାଯିବା ନିୟମ ରହିଛି । ଏହି ନିୟମକୁ କାର୍ଯ୍ୟକାରୀ କରି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକରେ ବଦଳି ହୋଇଥିବା ୨୨ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି । ତନ୍ମଧ୍ୟରୁ ୧୪ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ବଦଳି ନିର୍ଦ୍ଦେଶକୁ ସପ୍ତାହେ ବିତିଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ଯୋଗଦେଇ ନଥିବାରୁ ଆନୁପତିକ ବଦଳିର ଲକ୍ଷ୍ୟ ପୂରଣ ହୋଇପାରୁନଥିବା ଜଣାଯାଇଛି । ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ୨୨ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି କରାଯାଇଥିଲା । ଏହି ବଦଳି ତାଲିକାରେ ୨୧ ଶିକ୍ଷୟିତ୍ରୀ ଥିବାବେଳେ ଜଣେ ମାତ୍ର ଶିକ୍ଷକ ଅଛନ୍ତି । ଦୀର୍ଘ ବର୍ଷ ହେଲା ଗୋଟେ ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ଏହି ବଦଳି କରାଯାଇଥିଲା । ଏହାଛଡ଼ା ଆନୁପାତିକ ହାରରେ ସମାନତା ଆଣିବା ଲକ୍ଷ୍ୟ ରଖି ବଦଳିକୁ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାସ୍ତରୀୟ ବଦଳି କମିଟି ଦ୍ୱାରା ଅନୁମୋଦିତ ଗତ ୭ତାରିଖରେ ବ୍ୟକ୍ତିଗତ ଚିଠିରେ ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳିର ସୂଚନା ଦିଆଯିବା ସହ ବଦଳି ହୋଇଥିବା ସ୍କୁଲରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବଦଳି ଆଦେଶକୁ ମାତ୍ର ୮ଜଣ ପାଳନ କରିଥିବା ବେଳେ ବୁଧବାର ସୁଦ୍ଧା ୧୪ଜଣ ବଦଳି ହୋଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ସେମାନଙ୍କ ବଦଳି ସ୍କୁଲରେ ଯୋଗ ଦେଇନଥିବା ଜଣାଯାଇଛି । ତେବେ କେତେକ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ସେମାନେ କାର୍ଯ୍ୟରତ ଥିବା ସ୍କୁଲଠାରୁ ୧୫କିମି ଦୂରକୁ ବଦଳି କରାଯାଇଥିବାରୁ ସେମାନେ ଏହି ବଦଳିକୁ ଗ୍ରହଣ କରିପାରୁନାହାନ୍ତି । ଏହି କାରଣରୁ ସେମାନେ ବଦଳି ହୋଇଥିବା ସ୍କୁଲରେ ଯୋଗଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଜଣାଯାଇଛି । ତେବେ ଯେଉଁ ସ୍କୁଲକୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ବଦଳି କରାଯାଇଛି ସେମାନେ ସେଠାରେ ଯୋଗଦେଇ ନଥିବାରୁ ସେହି ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି । ଶିକ୍ଷାବର୍ଷ ଆରମ୍ଭରୁ ଏପ୍ରକାର ବ୍ୟତିକ୍ରମ କୋମଳମତି ପିଲାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ଉପୁଜିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆନୁପାତିକ ହାରକୁ ଗୁରୁତ୍ୱ ଦିଆଯାଇ ବଦଳି କରାଯାଇଛି । ଏହି ବଦଳିରେ ତାଙ୍କର କୌଣସି ଭୂମିକା ନାହିଁ । ସେ କେବଳ ଜିଲ୍ଲାସ୍ତରୀୟ ବଦଳି କମିଟିର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିଛନ୍ତି । ଯେଉଁ ସ୍କୁଲରେ ପିଲା ସଂଖ୍ୟା ଅନୁସାରେ ଅଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଦୀର୍ଘବର୍ଷ ଧରି ରହିଥିଲେ ସେମାନଙ୍କୁ ସରକାରୀ ନିୟମ ଅନୁସାରେ କମିଟି ବଦଳି କରିଛି । ସରକାରୀ ନିୟମକୁ ମାନି ସେମାନେ କାର୍ଯ୍ୟରେ ଯୋଗଦେବେ । ଯେଉଁମାନେ ଆଦେଶକୁ ଅବମାନନା କରିବେ ସେମାନଙ୍କ ବିରୁଦ୍ଧରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଗଁଡିଆ ବ୍ଲକରେ ଡାଇରିଆରେ ଗଲା ପ୍ରଥମ ଜୀବନ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେ଼ଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ ଗ୍ରାମରେ ଡାଇରିଆରେ ଯାଇଛି ଜଣଙ୍କ ଜୀବନ । ମୃତକ ଜଣକ ହେଲେ ପିଙ୍ଗୁଆ ଗ୍ରାମର ଉପେନ୍ଦ୍ର ସାହୁଙ୍କ ସ୍ତ୍ରୀ ଜତନୀ ସାହୁ(୭୭) ସୂଚନା ଅନୁଯାୟୀ ଗତ ଶନିବାର ସେ ଝାଡାବାନ୍ତିରେ ଅକ୍ରାନ୍ତ ହେବା ପରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲା । ରବିବାର ଦିନ ସକାଳ ୯ରେ ତାଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ ଏବଂ ସେହିଦିନ ଅପରାହ୍ନ ୩ଟା ସମୟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । କଟକରେ ୨ଦିନ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାର ଲାଗିଥିଲା ମଙ୍ଗଳବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମୃତକଙ୍କ ପୁଅ ଅନର୍ଯ୍ୟାମୀ ସାହୁ କହିଥିଲେ । ଉକ୍ତ ଗ୍ରାମର ୱାର୍ଡ ୧ରେ ଦୂଷିଦ ପାଣି ପିଇବା ଫଳରେ ଏଠାରେ ଝାଡାବାନ୍ତି ରୋଗ ବ୍ୟାପି ଥିଲା ଓ ଏଥିରେ ସମୁଦାୟ ୨୩ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ ।

# ଗ୍ରାମାଞ୍ଚଳରେ ଦକ୍ଷତାର ରୂପାନ୍ତରଣକାରୀ ଶକ୍ତିକୁ ପାଳନ କରୁଛି ଦୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡାଲମିଆ ଭାରତ ଲିମିଟେଡର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହନ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ତାହାର ପ୍ରମୁଖ ଦକ୍ଷତା ବିକାଶ ପ୍ରୟାସ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ୍ ହାରନେସିଂ) ଜରିଆରେ ଭାରତର ଗ୍ରାମାଞ୍ଚଳରେ ଜୀବନରେ ରୂପାନ୍ତରଣ ଆଣୁଛି । ଏହାର ରାଜଗାଙ୍ଗପୁର କେନ୍ଦ୍ରରେ ଦୀକ୍ଷା ସ୍ଥାନୀୟ ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତାରେ ସୁସଜ୍ଜିତ କରି ସେମାନଙ୍କୁ ସଶକ୍ତ କରିବା ସହ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଇଜ୍ଜତ ଏବଂ ସ୍ୱାବଲମ୍ବୀ ଭାବରେ ଜୀବନ ନିର୍ବାହ କରିବାର ସୁଯୋଗ ଲାଭ କରିବାରେ ସହାୟତା କରୁଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସୁନ୍ଦରଗଡର ୧୯ ବର୍ଷ ବୟସ୍କା ଦୀପ୍ତି ଲାକ୍ରା । ଆର୍ଥିକ ନିଅଣ୍ଟ ତାଙ୍କୁ କଲେଜରୁ ଅଧାରୁ ପାଠ ଛାଡିବାକୁ ବାଧ୍ୟ କରିଥିଲା ଯାହା ତାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଥିଲା । ଦୀପ୍ତି ରାଜଗାଙ୍ଗପୁର ଦୀକ୍ଷା କେନ୍ଦ୍ରର ଜେନେରାଲ ଡିଉଟି ଆସିଷ୍ଟାଣ୍ଟ ପାଠ୍ୟକ୍ରମରେ ଯୋଗଦେଲେ, ଯେଉଁଠାରେ ସେ କ୍ଷେତ୍ରସ୍ତରରେ ତାଲିମ ନେବା ସହ ଶିଳ୍ପ କ୍ଷେତ୍ର ସଂସ୍ପର୍ଶରେ ଆସିଲେ ଏବଂ ତାଙ୍କୁ ସେଠାରେ ନିଯୁକ୍ତି ନିମନ୍ତେ ସମର୍ଥନ ମିଳିଲା । ସେ ବର୍ଷକୁ ୨.୬୪ ଲକ୍ଷ ଟଙ୍କା ଦରମାରେ ହାଇଦ୍ରାବାଦରେ ଚାକିରୀ କରୁଛନ୍ତି ଏବଂ ତାଙ୍କ ପରିବାରକୁ ସମର୍ଥନ ଯୋଗାଇ ଦେଉଛନ୍ତି । ଏଥିସହ ସେ ଗ୍ରାମର ଯୁବତୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଗଢିତୋଳିବା ନିମନ୍ତେ ପ୍ରେରଣା ଦେଉଛନ୍ତି । ଦୀପ୍ତିଙ୍କ କାହାଣୀ ଦୀକ୍ଷା ଦ୍ୱାରା ସୃଷ୍ଟି ହୋଇଥିବା ଅନେକ ସଫଳତା କାହାଣୀ ମଧ୍ୟରୁ ଗୋଟିଏ । ଆଜି ସୁଦ୍ଧା ଏହା ନିଜର ରାଜଗାଙ୍ଗପୁର କେନ୍ଦ୍ରରେ ୧୮୮୦ରୁ ଅଧିକ ଯୁବବର୍ଗଙ୍କୁ ସ୍ୱାସ୍ଥ୍ୟସେବା, ବୈଦ୍ୟୁତିକ, ସିଲେଇ ମେସିନ ଅପରେଟର, ଗ୍ରାହକ ସମ୍ପର୍କ ପରିଚାଳନା (କଷ୍ଟମର ରିଲେସନ୍‌ସିପ ମ୍ୟାନେଜମେଣ୍ଟ) ଏବଂ ୱେରହାଉସ ଏଗଜିକ୍ୟୁଟିଭ ଆଦି ବିଭାଗରେ ତାଲିମ ପ୍ରଦାନ କରିସାରିଛି । ଅଶୋକ କୁମାର ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ, ବିଶ୍ୱ ଯୁବ ଦକ୍ଷତା ଦିବସରେ ଆମେ ଏହା ସ୍ମରଣ କରୁଛୁ ଯେ ସଠିକ ଦକ୍ଷତା ସହିତ ତୃଣମୂଳ ସ୍ତରରୁ ଆମର ଯୁବବର୍ଗଙ୍କୁ ସଶକ୍ତ କରାଯିବା ସହିତ ଆତ୍ମନିର୍ଭର ଭାରତ ନିର୍ମାଣ ଆରମ୍ଭ ହେଉଛି । ଡାଲମିଆ ଭାରତରେ ଆମେ ଏକ ସୁଦୃଢ ଏବଂ ଅଧିକ ସ୍ୱାବଲମ୍ବୀ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରାକ୍ଟିକାଲ ତାଲିମ ଜରିଆରେ ବାସ୍ତବ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ । ଦୀପ୍ତିଙ୍କ ଭଳି ସଫଳତାର କାହାଣୀ ଦକ୍ଷତାର ବିକାଶ ଦ୍ୱାରା ଜୀବନରେ କିଭଳି ବାସ୍ତବ ରୂପାନ୍ତରଣ ଆସିପାରିବ ତାହା ପ୍ରଦର୍ଶିତ ହୋଇଛି । ଭାରତର ଯୁବବର୍ଗଙ୍କୁ ସମର୍ଥନ କରିବା ନେଇ ଆମେ ଗୌରବାନ୍ୱିତ ମନେକରୁଛୁ ଏବଂ ସେମାନଙ୍କର ଅଭିବୃଦ୍ଧି ନିମନ୍ତେ ନିବେଶ ଜାରି ରଖିବୁ ।

## ଦିନରେ ଚାନ୍ଦ ଦେଖାଉଛନ୍ତି ବିଭାଗୀୟ ଯନ୍ତ୍ରୀ
# ଖବର ପ୍ରକାଶ ପରେ ନା ହେଉଛି ତଦନ୍ତ ନା କାର୍ଯ୍ୟାନୁଷ୍ଠାନ

କୋରେଇ(ଭାସ୍କର ନ୍ୟୁଜ): ପଞ୍ଚାୟତିରାଜ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ଦୁର୍ନୀତି ମୁକ୍ତ ପାଇଁ ପ୍ରତି ପଞ୍ଚାୟତ ଗୁଡିକରେ ବିଭାଗୀୟ ଅଧିକାରୀଙ୍କ ନାମରେ ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଦୁଃଖର ବିଷୟ ପୂର୍ବ ସରକାର ପରି ଏବେ ମଧ୍ୟ ସରକାରୀ ଅଧିକାରୀଙ୍କ ଦୁର୍ନୀତିଖୋର ମନବୃତି ପାଇଁ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନଥିବା ଏକ ବଡ ସମସ୍ୟା ଉଭା ହେଉଥିବା ପରିଲକ୍ଷିତ ହେଉଛି. । ଯମିତିକି ପୂର୍ବ ସରକାରରେ ଅନେକ ଦୁର୍ନୀତିର କଥା ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିଲା ଠିକ୍ ସେହିଭଳି ବର୍ତ୍ତମାନର ସରକାରରେ ଅଧିକାରୀଙ୍କ ଦୁର୍ନୀତିକୁ ନୀତିରେ ବଦଳାଇ ଦେଇଛନ୍ତି । ଶୂନ୍ୟ ଦୁର୍ନୀତି କଥା କହି ଆସିଥିବା ସରକାର ଆଜିବି ସରକାରୀ ଅଧିକାରୀଙ୍କ ମାନସିକତାରେ ପରିବର୍ତ୍ତନ ଆଣିପାରୁନାହାନ୍ତି । ଭାତ ହାଣ୍ଡିରୁ ଗୋଟେ ଭାତ ଚିପିଲା ପରି କୋରେଇ ବ୍ଲକରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁଥିବା ବେଳେ କିଛି ଦୁର୍ନୀତିଖୋର ଅଧିକାରୀ ଦୁର୍ନୀତି କରିବାର ରାସ୍ତା ଆପଣେଇଥିବା ଦେଖିବାକୁ ମିଳୁଛି । ଏହି ବ୍ଲକର ପାଟରଙ୍ଗା ଗ୍ରାମପଞ୍ଚାୟତର ଏକ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଅଭିଯୋଗ ଅନୁଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନୂଆଗଡିଆ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କାରେ କାର୍ଯ୍ୟ ହୋଇଥିବା ବେଳେ ପଞ୍ଚଦଶ ଅର୍ଥ କମିଶନ ଯୋଜନା ମାଧ୍ୟମରେ ୨ଲକ୍ଷ ଟଙ୍କାର ଅନୁଦାନ ହୋଇଥିବା ପୃଥକ୍ ସୂଚନା ଫଳକରେ ଦର୍ଶାଯାଇଛି, ଯାହାକି ସରକାରୀ ଅର୍ଥକୁ ହଡ଼ପ କରିବା ପାଇଁ ନୂଆ ତରିକା ବୋଲି ଅଭିଯୋଗ ହେଉଛି । ମନରେଗା ଯୋଜନାର ବିଧି ବ୍ୟବସ୍ଥାରେ ଗ୍ରାମାଞ୍ଚଳରେ ଥିବା ଦିନ ମଜୁରିଆଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ ହେଉଛି । କିନ୍ତୁ ଦୁଃଖର ବିଷୟ ପ୍ରକୃତରେ ଦିନ ମଜୁରିଆଙ୍କୁ କାର୍ଯ୍ୟରେ ନିୟୋଜିତ ନକରି ମେସିନ ଲଗାଇ କାର୍ଯ୍ୟ କରି ଅର୍ଥ ହଡ଼ପ କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନ ଯୋଜନାକୁ ଢାଲ କରାଯାଇଥିବା ସଙ୍ଗୀନ ଅଭିଯୋଗ ହେଉଛି । ଏହି କାର୍ଯ୍ୟଟି କାର୍ଯ୍ୟନିର୍ବାହୀ ସଂସ୍ଥା ଗ୍ରାମପଞ୍ଚାୟତ ନାମରେ ଥିବାବେଳେ କିଭଳି ସରକାରୀ ଅଧିକାରୀ ଦୁର୍ନୀତିର ପନ୍ଥା ଆପଣେଇଛନ୍ତି ତାହା ଚିନ୍ତା ବିଷୟ ପାଲଟିଛି । ପଞ୍ଚାୟତ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର ଯେକି ପୂର୍ବ ସରକାର ଅମଳରେ କୋରେଇ ବ୍ଲକରେ ଦୁର୍ନୀତି କରି କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ, ବର୍ତ୍ତମାନ ସେ ପୁଣି ସେହି ପୁରୁଣ ରାସ୍ତା ଆପଣାଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଆଲୋଚନା ହେଉଛି । କରିତକର୍ମା ଯନ୍ତ୍ରୀଙ୍କ ପଛ ଦୁର୍ନୀତି ଛାଡୁନଥିବା ବେଳେ ଦୁର୍ନୀତିକୁ ସେ ମଧ ଛାଡ଼ି ପାରୁନଥିବା ସାରା କୋରେଇରେ ଆଲୋଚନା ହେଉଛି । ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୁର୍ନୀତିର ଅଭିଯୋଗ ବିଭିନ୍ନ ଗଣମାଧ୍ୟମ ପୃଷ୍ଠା ମଣ୍ଡନ କରୁଥିବା ବେଳେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହୋଇ ଓଲଟି ତାଙ୍କୁ ପୁରସ୍କାର ସ୍ୱରୂପ ପୁଣି ୮ ଗୋଟି ପଞ୍ଚାୟତର ଦାଇତ୍ୱ ଦିଆଯାଇଛି, ଯାହାକି ଚିନ୍ତାର ବିଷୟ ! ଏଣୁ ଯାଜପୁର ଜିଲ୍ଲାପାଳ ହସ୍ତକ୍ଷେପ କରି ତୁରନ୍ତ ଏହି କାର୍ଯ୍ୟର ସଠିକ ତଦନ୍ତ କରି ବିଲକୁ ବନ୍ଦ କରିବା ସହ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।




ଜଳେଶ୍ୱର, (ଭାସ୍କର ନ୍ୟୁଜ): ରକ୍ତ ସଂଗ୍ରହ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ସର୍ବାଧିକ ୫୮୫ ୟୁନିଟ ରକ୍ତ ସଂଗ୍ରହ କରି ଜଳେଶ୍ୱର ବ୍ଲକରେ ପ୍ରଥମ ସ୍ଥାନ ଓ ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସ୍ୱେଚ୍ଛାସେବୀ ସଂଗଠନ ବୁଖାରି ବାବା ଅର୍ଡର ସାପ୍ଲାୟାର ପ୍ରତିଷ୍ଠାତା ସେଖ ସାଜନଙ୍କୁ ରକ୍ତଦାତା ସଙ୍ଘ ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ଝାଡ଼େଶ୍ୱରପୁର ମନତ ବିଲଡିଂ ପରିସରରେ ସମ୍ବର୍ଦ୍ଧନା ଦିଆ ଯାଇଛି।ଏଥିପାଇଁ ଜଳେଶ୍ୱର ବ୍ଲକ ରକ୍ତଦାତା ସଙ୍ଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା।ଉକ୍ତ ଉତ୍ସବରେ ଜଳେଶ୍ୱର ବ୍ଲକ ରକ୍ତଦାତା ସଂଘର ସମ୍ପାଦକ ସୁବ୍ରତ କୁମାର ରଣାଙ୍କ ପରିଚାଳନାରେ ଜିଲ୍ଲା ରକ୍ତଦାତା ସଙ୍ଘ ସଭାପତି କମଳ ଚକ୍ରବର୍ତ୍ତୀ, ଜିଲ୍ଲା ସାଧାରଣ ସମ୍ପାଦକ ଇଂ ହୃଷିକେଶ ସାହୁ, ଜିଲ୍ଲା ଯୁଗ୍ମ ସମ୍ପାଦକ ମନୋରଞ୍ଜନ ଦାସ, ବୁଖାରି ବାବା ଅର୍ଡର ସାପ୍ଲାୟାରର ନିର୍ଦ୍ଦେଶକ ସେଖ ସାଜନ, ସେଖ ଇସ୍ଲାମ, ଗ୍ରାମ୍ୟମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ସେଖ ଅବଦୁଲ ରହିମ, କାର୍ଯ୍ୟକାରୀ ସଦସ୍ୟ ସୌଭିକ ଜେନା, ଉପଦେଷ୍ଟା ସୁକୁମାର ରଣା ପ୍ରମୁଖ ଉପସ୍ଥିତ ରହି ସେଖ ସାଜନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପାଗୋଛ ଦେଇ ସମ୍ବର୍ଦ୍ଧନା କରା ଯାଇଥିଲା।

## ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

# ୪,୦୬,୬୨୦ ହେକ୍ଟର ଜମିରେ ଖରିଫ ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫ ବର୍ଷ ଖରିଫ ଫସଲ ଚାଷ ପାଇଁ ଜିଲ୍ଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଇଏଏସ୍ ପ୍ରୋବେସନର ମିସ କାଶିଷ ବକ୍ସି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ଦାସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଟଙ୍କଧର କାଲ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମଳୟ କୁମାର ସାହୁ, ଡିଆରସିଏସ୍, ଅଶୋକ ପାଣି ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଘମିତ୍ରା ପଟ୍ଟନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦୀପକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଡ଼ିଡ଼ିଏମ ନାବାର୍ଡ ସ୍ମାରକ କୁମାର ମହାନ୍ତି, ଏଲଡିଏମ୍, ସୂର୍ଯ୍ୟନାରାୟଣ ମହାନ୍ତି, ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗ ଦେଇ ଜିଲ୍ଲାର କୃଷି ଭିତ୍ତିକ ଚଳିତ ଖରିଫ ଫସଲ ୨୦୨୫ ଏବଂ ରବି ଫସଲ ୨୦୨୪-୨୫ର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସବିଶେଷ ଆଲୋଚନା କରାଯାଇ ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ ଉତ୍ସର ଉପଯୋଗୀତାକୁ ଆଧାର କରି ଆନୁମାନିକ ମୋଟ ୪,୦୬, ୬୨୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଧାନ ୨, ୯୨,୮୬୦ ହେକ୍ଟର, ମକା ୪୨୬୦ ହେକ୍ଟର, ମାଣ୍ଡିଆ ୭୯୦୦ ହେକ୍ଟର, ଅନ୍ୟାନ୍ୟ ମାଣ୍ଡିଆ ଜାତୀୟ ୧୮୦୦ ହେକ୍ଟର, ଅନ୍ୟାନ୍ୟ ଡାଲି ଜାତୀୟ ୨୪,୯୮୦ ହେକ୍ଟର, ତୈଳବିଜ ୬୨୦୦ ହେକ୍ଟର, ତନ୍ତୁ ଜାତୀୟ ୭୪୦ ହେକ୍ଟର, ପନିପରିବା ୫୬,୬୪୦ ହେକ୍ଟର ଓ ମସଲା ଜାତୀୟ ୧୧୨୪୦ ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୧୪୦୪୨. ୨୫ କୁଇଣ୍ଟାଲ ବିହନ ଓ ୪୫୧୦୦ ମ୍ୟାଟ୍ରିକ ଟନ୍ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦାସ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲା କୃଷି ବିଭାଗ ଯୋଜନା କାର୍ଯ୍ୟସୂଚୀ ଉପରେ ପ୍ରଥମେ ଚଳିତ ୨୦୨୫ ଖରିଫ ଫସଲ ଚାଷ ସମ୍ପର୍କିତ ଯଥା ଜିଲ୍ଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ ଜିଲ୍ଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀ ମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତ୍ତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଜିଲ୍ଲାରେ ଆୟୋଜନ କରାଯାଉଥିବା ସମସ୍ତ କର୍ମଶାଳାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଓ ପୋଷଣ ମିଶନ, ଓଡିଶା ମିଲେଟ ମିଶନ, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, ପି ଏମ କିଷାନ/ସି ଏମ କିଷାନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଓ ଫସଲ ବୀମା ଯୋଜନା ଇତ୍ୟାଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକ ମାନଙ୍କ ବିକାଶ ପାଇଁ ଲକ୍ଷ ଧାର୍ଯ୍ୟ ଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗ ଗୁଡିକର ସମନ୍ୱୟରେ ତରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରତ୍ୟେକ ଚାଷୀ ଯେମିତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ବୈଠକ ରେ ୩୬ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା )ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା।

## ୬ ଗାଈ ସହ ୧୭ ବାଛୁରୀ ଓ ୨ ପିକ୍‌ଅପ୍ ଭ୍ୟାନ ଜବତ, ୨ ଅଟକ



ବଡ଼ଚଣା (ଭାସ୍କର ନ୍ୟୁଜ୍):୬ ଗୋରୁ ଭର୍ତ୍ତି ଏକ ପିକ୍‌ଅପ୍ ଭ୍ୟାନକୁ ବଡ଼ଚଣା ପୋଲିସ ଜବତ କରିଛି। ମଙ୍ଗଳବାର ଭୋର୍ ୪ ଘଟିକା ସମୟରେ ଓଡ଼ି ୦୧ଏଲ ୪୧୬୧ରେ ୬ଟି ଗୋରୁ ଭର୍ତ୍ତି ହୋଇ ପିକ୍‌ଅପ୍ ଭ୍ୟାନଟି ୫୩ ନମ୍ବର ଜାତୀୟ ରାଜପଥ ଦେଇ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ନୂଆ ସୁଙ୍ଗୁଡ଼ା ଗୋଲେଇ ଛକ ପାଖରୁ ଏହି ଭ୍ୟାନକୁ ଜବତ କରିବା ସହ ତଦନ୍ତ ଅଧିକାରୀ ଭାବେ ସୁବ୍ରତ ପ୍ରଧାନ ଦୁଇ ଜଣକୁ ତାଙ୍କ ନାମରେ ଥାନା କେସ ନଂ ୨୨୯/୨୫ ମାମଲା ରୁଜୁ କରି ସୋର ଥାନାର ପଠାନ ମହଲାର ଶେଖ୍ ଅନୁ, ଜାହିଦ୍ କାଦରୀଙ୍କୁ ଅଟକ ରଖିଥିବା ବେଳେ ପୁନର୍ବାର ରାତି ୯ ଟାରେ ଥାନା ଅଧିକାରୀ ଆଉ ଗୋଟେ ୧୭ଟି ବାଛୁରୀ ଭର୍ତ୍ତି ଓଡି୦୪ସି-୪୪୮୬ପିକପ୍ ଭ୍ୟାନ ଜବତ କରିଛନ୍ତି। ଭ୍ୟାନ ଟି ପୋଲିସ ଗାଡ଼ି ଦେଖି ସୁଙ୍ଗୁଡ଼ା ରାସ୍ତାରେ ଯାଉଥିବା ରାମ ସେନାପତି ଘର ନିକଟରେ ଧରା ପଡ଼ିଥିଲା ସେଥିରୁ ଚାଳକ ଖଲାସୀ ଫେରାର୍ ହୋଇ ଯାଇଛନ୍ତି। ଚଣ୍ଡିଖୋଲ ଫାଣ୍ଡି ଅଧିନରେ ଧରା ହୋଇଛି । ପୋଲିସ ଏନେଇ ଉଦ୍ଧାର ଗୋରୁଙ୍କୁ ନିକଟସ୍ଥ ଗୋଶାଳାରେ ଛାଡି ଥିବା ଜଣାଯାଇଛି ।

## 'ମା ପାଇଁ ଗଛଟିଏ'କାର୍ଯ୍ୟକ୍ରମ




ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡା ପଞ୍ଚାୟତରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରଶ୍ମୀ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଜେପି ନେତା ନୟନ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ଗୋଟିଏ ଗଛ ଲଗାଇ ଛୋଟରୁ ବଡ କରିବା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ, ନିରଞ୍ଜନ ପଣ୍ଡା, ଇତିଶ୍ରୀ ସ୍ୱାଇଁ, ମମତା ମହାରଣା,ରବିନ୍ଦ୍ର ବେହେରା, ଧନେଶ୍ୱର ନାୟକ, ଦୀପକ ବରାଳ, ମହେଶ ଦାସ, ଭିମସେନ୍ ବେଉରା, ଭରତ ନାୟକ, ଦାମୋଦର ନାୟକ, ଯୁବେଶ ନାୟକ, ଯୁବନେତା ଅମୂଲ୍ୟ ଦାସ, ବିଜୟ ବଳ, ଗଣେଶ୍ୱର ବେହେରା, ଦୁର୍ଗାବତୀ ବର୍ଦ୍ଧନ, ପ୍ରମୁଖ ଯୋଗଦେଇ ଜାମୁ, ଝାଉଁ, କୃଷ୍ଣଚୂଡ଼ା, ପିଜୁଳି, ଅର୍ଜୁନ ଆଦି ଚାରା ରୋପଣ କରିଥିଲେ ।

## ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ କ୍ୟାଣ୍ଡେଲ ଶୋଭାଯାତ୍ରା

ଜଳେଶ୍ୱର, (ଭାସ୍କର ନ୍ୟୁଜ୍):ଜଳେଶ୍ୱର କଂଗ୍ରେସ କମିଟି ଓ ଜଳେଶ୍ୱର ସିପିଆଇ(ଏମ)ପକ୍ଷରୁ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ଶୋଷଣ ହେବା ପରେ



ସରକାରୀ ତଥା ପ୍ରଶାସନ ତରଫରୁ ନ୍ୟାୟ ନ ମିଳିବା ଦୁଃଖରେ ସେ ଆତ୍ମାହୁତି ଦେଇଥିଲେ ଏବଂ ଗତ କାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ଜଳେଶ୍ୱର ବଡ ବଜାର ଛକ ଠାରୁ ପଞ୍ଚମୁଖୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ କ୍ୟାଣ୍ଡଲ ଶୋଭାଯତ୍ରା ଯାଇ ମନ୍ଦିରରେ ଦୀପ ଜାଳି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ସୁଦାମ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ଅଞ୍ଜଳୀ ପ୍ରଧାନ, ଅହଲ୍ୟା ପ୍ରଧାନ, ପ୍ରାଚୀ ପ୍ରତ୍ୟାସା ପ୍ରିୟଦର୍ଶିନୀ, ପ୍ରମିଳା ଦାସ, ଇପ୍ସିତା ଦାସ, ବିରେନ୍ଦ୍ର ମୁଖୀଙ୍କ ସହ ସିପିଆଇ(ଏମ)ର ଦିଲ୍ଲିପ କୁମାର ଗିରି, ଅକ୍ଷୟ ମିଶ୍ର, ଦିଲ୍ଲିପ କୁମାର ପରିଡ଼ା, ପ୍ରକାଶ ଦେ, ସବିତା ଭୁୟାଁ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ତାଙ୍କ ପ୍ରତି ହୋଇଥିବା ଶାରୀରିକ ଓ ମାନସିକ ନିର୍ଯ୍ୟାତନାକୁ ସହ୍ୟ କରିନପାରି ଆତ୍ମହତ୍ୟା ନିମନ୍ତେ ବାଧ କରିବା




ଅଘଟଣ ପ୍ରତିବାଦରେ ଆସନ୍ତା ଜୁଲାଇ ୧୭ ତାରିଖ ଗୁରୁବାର ଦିନ ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ, ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ଏହି ବନ୍ଦକୁ ସଫଳ କରିବା ନିମନ୍ତେ ଏବଂ ସ୍ୱର୍ଗତା ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଭାରତୀୟ ଜାତୀୟ କଂଗ୍ରେସ ବଡ଼ଚଣା ତରଫରୁ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ବାଲିଚନ୍ଦ୍ରପୁର ବଜାରରେ ବିଭିନ୍ନ ସ୍ଲୋଗାନ ସହିତ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ବିଶ୍ୱ ପ୍ରକାଶ ସାମଲ, ଚର୍ଚ୍ଚିତ ମାହାଲା, ଖଗେଶ୍ୱର ବେହେରା, ରବିନ୍ଦ୍ର କୁମାର ରାଉତରାୟ, ଚାନ୍ଦ ଖାଁ, ଆଶିଶ ଧଳ, ଅୟାସୁଦ୍ଦିନ୍ ଖାଁ, ସଂଜୟ କର, ସନ୍ତୋଷ ପରିଡ଼ା, ଜୟ ପ୍ରକାଶ ବିଶ୍ୱାଳ, ସୁଧିର ଦାସ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ଅଜୟ ଜେନା, ସେକ୍ ଇକ୍‌ବାଲ ହୁସେନ୍ ଓ ଧର୍ମାନନ୍ଦ ବଳଙ୍କ ସମେତ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଗୋପ, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୈମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ହତ୍ୟାକୁ ନେଇ ବିବାଦ ଜୋର୍ ଧରିଛି। ଗତ ୧୨ ତାରିଖରୁ ତିନି ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଗତକାଲି ରାତିରେ ଆଖିବୁଜି ଥିବା ଛାତ୍ରୀ ସୈମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ଅପରାହ୍ନରେ ଗୋପ ବ୍ଲକ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କଲେ ବିଜେଡି। ଗୋପ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ନିରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଗୋପ ଷ୍ଟେଟ ବ୍ୟାଙ୍କ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରି ଗୋପ ମୁଖ୍ୟ ବଜାର ଠାରେ ତିନି ମନ୍ତ୍ରୀଙ୍କ କୁଶପୁ□ଳିକା ଦାହ କରିଥିଲେ। ଯଦି ସରକାର ମୃତ ଛାତ୍ରୀ ଏବଂ ତାଙ୍କର ପରିବାରକୁ ଖୁବ୍ ଶିଘ୍ର ନ୍ୟାୟ ପ୍ରଦାନ କରନ୍ତି ତେବେ ତାହାର ପ୍ରତିବାଦରେ ଆସନ୍ତା ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନରେ ଗୋପ ବ୍ଲକ ଅଧ୍ୟକ୍ଷା




ଝୁନୁ ମଲ୍ଲିକ, ସରପଞ୍ଚ ମହେଶ୍ୱର ସ୍ୱାଇଁ, ବିକ୍ରମ ନାୟକ, ଯୁବନେତା କୁନା ଦାସ, ଗଙ୍ଗାଧର ପାଇକରାୟ, ସେକ୍ ଗୁଲାମ ଅହମ୍ମଦ ବକ୍ସ, ରମେଶ ବାରିକ, ସନ୍ତୋଷ କୁମାର ସେଠୀ, ସୂର୍ଯ୍ୟକାନ୍ତ ମହାପାତ୍ର, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ଘଟଣାର ପ୍ରତିବାଦରେ ଗୋପ କଲେଜର ଶତାଧିକ ଛାତ୍ର ଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ଛାତ୍ର ସଂସଦ ସଦସ୍ୟ ଦେବାଶିଷ ସାହୁଙ୍କ ନେତୃତ୍ୱରେ ଦେବାଶିଷ ପାଇକରାୟ, ଚନ୍ଦନ ପ୍ରଧାନ, ସୁବାସ ସାହୁଙ୍କ ସମେତ ଛାତ୍ରୀ ଛାତ୍ର ଜ୍ଞାନରଞ୍ଜନ, ଲିପ୍ସା, ଇପ୍ସିତା, ଜାଗୃତି ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବିଜୁ ଯୁବ ଛାତ୍ର ଓ ଜନତା ଦଳ ପକ୍ଷରୁ ନିଆଳି ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ବାଲେଶ୍ୱର ଏଫ ଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁକୁ ନେଇ ନିଆଳି ତହସିଲ କାର୍ଯ୍ୟାଳୟ ଆଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା କରିବା ଶହ ସଭାସ୍ଥଳରୁ ଏକ ବିଶାଳ ଶୋଭାଯାତ୍ରା କରି ନିଆଳି ବଜାର ପରିକ୍ରମା କରି ଥାନା ପରିସରରେ ଶେଷ ହୋଇଥିଲା। ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ରେ ବିଶ୍ୱଜିତ ପ୍ରଧାନ, ନିଶିକାନ୍ତ ଦାଶ, ଦଶରଥି ଭୋଇ, ଓମ ପ୍ରକାଶ ଜେନା ଆଦିତ୍ୟ ନାରାୟଣ ଦାଶ, ଅଜୟ କୁମାର ସ୍ୱାଇଁ, ସିପୁ ଭୋଇ, କାର୍ତିକ ସ୍ୱାଇଁ, ପ୍ରଦେଶ ସ୍ୱାଇଁ ସମେତ ଶତାଧିକ ବିଜୁ ଯୁବ ଛାତ୍ର ସଭ୍ୟ ମାନେ ସାମିଲ ହୋଇଥିଲେ। ସେହିପରି ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିର ପାଖରେ ସିଡିପି ମୁଖ୍ୟ ଆଡ଼ଭୋକେଟ ସରୋଜ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଓ ମୃତ୍ୟୁ ଶହ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଜଡ଼ିତ ଥିବା ଦୋଷୀଙ୍କ ବିରୁଦ୍ଧରେ କଠୋର ବିଧାନ ନିମନ୍ତେ ଦାବି




କରାଯାଇଛି। ଏହି ଘଟଣାରୁ ସମସ୍ତ ସ୍କୁଲ କଲେଜର ଶିକ୍ଷକ ଓ ଅଧ୍ୟାପକ, ଅଧ୍ୟାପିକା ତଥା ଅଧ୍ୟକ୍ଷ ମାନେ ଉଚିତ ଶିକ୍ଷା ନେବା ଉଚିତ ବୋଲି ପରିଷଦ ପକ୍ଷରୁ କୁହା ଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଯୁବ ସଂଗଠକ ନିଶିକାନ୍ତ ମହାପାତ୍ର, ଯୁବ ଉଦ୍ୟୋଗ ପତି ପଙ୍କଜ ମହାନ୍ତି, ସଂଜୟ କୁମାର ରାଉତ, ସରୋଜ କୁମାର ମଲିକ, ଓ ନରେଶ କୁମାର ରାଉତଙ୍କ ସମେତ ଅନେକ ଯୁବ ଉଦ୍ୟୋଗୀ ସୋମ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପରଜଙ୍ଗ(ଭାସ୍କର ନ୍ୟୁଜ୍); ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପ୍ରବେଶ ପଥ ସମ୍ମୁଖରେ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ନେଇ ପରଜଙ୍ଗ ବିଜୁ ଛାତ୍ର ଜନତା ଦଳର କର୍ମୀ ମାନେ ଭାଜପା ସରକାରଙ୍କ ବିରୁଦ୍ଧରେ ମଙ୍ଗଳବାର ବିକ୍ଷୋପ କରିଥିବା ଦେଖାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଛାତ୍ର ବିଜେଡି ଆନ୍ଦୋଳନ ରହିଥିବା ବେଳେ, ଜିଲ୍ଲା ଛାତ୍ର ବିଜେଡି ସଭାପତି କ୍ରିସ ସାମଲଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ମାନେ ଏକତ୍ରିତ ହୋଇ ମୋହନ ସରକାରଙ୍କୁ ଘୋର ନିନ୍ଦା କରିବା ସହିତ ତାଙ୍କର ଅପାରଗତା ଏବଂ ରାଜ୍ୟ ଶିକ୍ଷମନ୍ତ୍ରୀଙ୍କୁ ଘୋର ନିନ୍ଦା କରି ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କୁଶ ପୁତ୍ତଳିକା ଦାହ କରିଥିବା ଜଣାପଡିଛି ।



ବେଗୁନିଆ(ଭାସ୍କର ନ୍ୟୁଜ୍):ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ବିଶ୍ୱବିଦ୍ୟାଳୟର ସ୍ୱର୍ଗତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜେଡ଼ି ଦଳ ପକ୍ଷରୁ ଶତାଧିକ କର୍ମୀ ମାନେ ଏକତ୍ରିତ ହୋଇ ବେଗୁନିଆ ସଦର ମହକୁମାର ବଜାର ଉପରେ ସ୍ୱର୍ଗତା ଛାତ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।



ଛତ୍ରପୁର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହୁତି ଏବଂ ମୃତ୍ୟୁବରଣ ପାଇଁ ସମଗ୍ର ବ୍ୟବସ୍ଥା ଦାୟୀ ବୋଲି ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ କମିଟି କହିଛି, ତାଙ୍କର ଏ ଦୂରାବସ୍ଥା ପାଇଁ ସମସ୍ତ ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ସହ ଦୋଷୀଙ୍କ ବିରୁଦ୍ଧରେ କୋଠରରୁ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରାଯାଇଛି। ଏନେଇ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଯୁବ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି, ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା, ଉକ୍ତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଙ୍କ




ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଛତ୍ରୀଜଣକ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଜଣାଇଥିଲେ,କିନ୍ତୁ ନ୍ୟାୟ ପାଇଲେନି। ତେଣୁ ଏ ଚରମ ନିଷ୍ପତ୍ତି ନେଲେ ଓ ଶେଷରେ ମୃତ୍ୟୁବରଣ କଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ଇଜୁ ଆମିନ ଖାନ, ସୌଭାଗ୍ୟ କୁମାର ମଣ୍ଡଳ, ମହେଶ କୁମାର ଗୌଡ଼, ଆଶିଷ ଦଳାଇ, ନରେଶ ଘଡ଼ାଇ,ଜିତେନ୍ଦ୍ର ଘଡ଼ାଇ,ଜଗନ୍ନାଥ ନାୟକ, ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଖଡ଼ିଆଳ (ଭାସ୍କର ନ୍ୟୁଜ୍):ନୂଆପଡା ଜିଲ୍ଲା ଖଡ଼ିଆଳ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମହୁତି ଘଟଣାରେ ଖଡ଼ିଆଳ କଂଗ୍ରେସର ପକ୍ଷରୁ ଖଡ଼ିଆଳ ବିଧାୟକ ପ୍ରାର୍ଥି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ଥାନା ଛକ ଜାତୀୟ ରାଜପଥ ୩୫୩ରେ ପ୍ରତିବାଦ ଓ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତଳିକା ଦାହ। କଂଗ୍ରେସ କର୍ମୀ ମାନେ ବିଜେପିର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡବଲ ଇଂଜିନ ସରକାରଙ୍କ ବିରୋଧରେ ଆତ୍ମହୁତି କରିଥିବା ଛାତ୍ରୀଙ୍କ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏକ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ର ବିଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଇସ୍ତଫା କରି ବିଭିନ୍ନ ନାରାବାଜି ଦେଇଥିଲେ। ଏକ ବର୍ଷ ଭିତରେ ଦେଇଥିବା ନିର୍ବାଚନୀ ଏସ୍ତାହାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଘଟଣାରେ ସମ୍ପୃକ୍ତ ଫକୀର ମୋହନ ସ୍ୱୟଂ ଶାସିତ କଲେଜ ଅଧ୍ୟକ୍ଷ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ କଂଗ୍ରେସ ଦାବି କରିଛି। ଖଡ଼ିଆଳ କମଳ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ତୁରନ୍ତ ଇସ୍ତଫା ଦାବି କରି କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶ ପୁ□ଳିକା ଦାହ କରାଯାଇଛି ।ଏଥିରେ ବରିଷ୍ଠ କଂଗ୍ରେସ କର୍ମୀ ପ୍ରବୀଣ ପଟ୍ଟନାୟକ, ପ୍ରଦୀପ ବେହେରା, କିରନ ସରାଫ, ଭୋଳା ବାଗ, ତୁଷାର ବତାଣ୍ଡି, ଅଙ୍କିତ କିଶୋର, ରାଜେଶ ବେହେରା ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ରାଶିଫଳ

**ଗୁରୁବାର, ୧୭ ଜୁଲାଇ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।



**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ।



**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ଆୟ ରହିବ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ। ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ।



**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ କୃଷି ବଜାର ସମେତ ବାଉଁଶୁଣି, ଅଁଳାପାଲି, ସାହାଡ଼ାପାଲ, ଜଗ୍ନାଥକ, ମୁଣ୍ଡୁଲି ଆଦି ପରିବା ବଜାରରେ ପରିବାର ଦର ଏବେ ଆକାଶଛୁଆଁ ରହିଛି । ଯାହାକୁ ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି । ବଜାରରେ ସମସ୍ତ ପରିବା ଦର ୮୦/୧୦୦ ଟଙ୍କା ଉପରେ ରହିଛି । ଜଣେ ୫ଶହ ଟଙ୍କା ନେଇ ବଜାରକୁ ଗଲେ ବ୍ୟାଗ ମଧ୍ୟ ଭରୁନାହିଁ । କେବଳ ଆଳୁ ଓ ପିଆଜକୁ ଛାଡ଼ିଦେଲେ ବାକି ସବୁପରିବା ନିୟନ୍ତ୍ରଣ ବାହାରେ ରହିଛି । ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ବୌଦ୍ଧର ବିଭିନ୍ନ ବଜାରରେ ଫୁଲକୋବି କିଲୋ ୮୦ ଟଙ୍କା, ପୋଟଳ ୮୦ଟଙ୍କା, ବାଇଗଣ ୮୦ଟଙ୍କା, ଭେଣ୍ଡି ୮୦ ଟଙ୍କା, ଝୁଡଙ୍ଗ ୮୦ ଟଙ୍କା, ଗୁଆଁର ୮୦ଟଙ୍କା, କୁନ୍ଦୁରୁ ୫୦ ଟଙ୍କା, ସାରୁ ୬୦ଟଙ୍କା, କଲରା ୮୦ ଟଙ୍କା, ବନ୍ଧାକୋବି ୬୦ ଟଙ୍କା, ଜହ୍ନି ୮୦ ଟଙ୍କା, କାକୁଡ଼ି ୪୦ ଟଙ୍କା, କାଙ୍କଡ଼ ୮୦ ଟଙ୍କା, ଦେଶୀ କାଙ୍କଡ଼ ୨୦୦, ଶାଗ କେଜି ପ୍ରତି ୧୨୦ ଟଙ୍କା, କଟକି ପୋଟଳ ୮୦, ଅଦା ୧୨୦, କଞ୍ଚା କଦଳୀ କିଲୋ ୮୦ଟଙ୍କା, ମୁନିଗା ଛୁଇଁ ୧୦୦ ଟଙ୍କା ରହିଥିବା ଜଣାପଡ଼ିଛି । ଶ୍ରାବଣ ମାସ ହୋଇଥିବାରୁ ବହୁ ସଂଖ୍ୟାରେ ଲୋକେ ଆମିଷ ପରିତ୍ୟାଗ କରି ପନିପରିବା ଉପରେ ନିର୍ଭର କରୁଛନ୍ତି । କିନ୍ତୁ ପନିପରିବାର ଆକାଶ ଛୁଆଁ ଦର ଗରିବ ଲୋକଙ୍କ ଉପରେ ପ୍ରଭାବ ପକାଉଛି । ଏଭଳି ବେଳେ ଗାମ ଦରକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାହକମାନେ ଅନୁରୋଧ କରିଛନ୍ତି ।

# ଦାମୀ କାର୍ ସହ ଗଞ୍ଜେଇ ଜବତ

## ଭଣଜା ଓ ପୁତୁରା ସହ ଜେଲ ଗଲେ ସରପଞ୍ଚଙ୍କ ସ୍ୱାମୀ



କନ୍ଧମାଳ(ଭାସ୍କର ନ୍ୟୁଜ୍): ମନମୁଣ୍ଡା ପୋଲିସ ଏକ କାର ସହ ୮୭ କେଜି ଗଞ୍ଜେଇ ଜବତ କରିଥିବାବେଳେ ଏଥିରେ ସଂପୃକ୍ତ ମାମୁଁ, ଭଣଜା ଓ ପୁତୁରାକୁ ଗିରଫ କରିଛି। କନ୍ଧମାଳ ଥାନା ଲମ୍ବସରି ଅଞ୍ଚଳରୁ ମନମୁଣ୍ଡା ଦେଇ କାରରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ମନମୁଣ୍ଡା ପୋଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇ ଏସଆଇ ଉଦୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଦମାମୁଣ୍ଡା ଛକରେ ଆଜି ଭୋର ସକାଳ ୪ଟା ସମୟରେ ଜଗି ରହିଥିଲେ। କନ୍ଧମାଳ ଦିଗରୁ ଏକ ଧଳା ବ୍ରିଜା କାର ଓଡ଼ି୧୫ ଏମ ୯୮୭୫ ଆସୁଥିବା ଦେଖି ତାକୁ ଅଟକାଇ ଯାଞ୍ଚ କଲାପରେ ସେଥିରେ ଗଞ୍ଜେଇ ଥିବା ଦେଖି ଗାଡ଼ି ସହ ଗଞ୍ଜେଇକୁ ଜବତ କରିଥିଲେ। ଏଥିସହ ନିଜ ଗାଡ଼ି ଚଳାଉଥିବା ଲମ୍ବସରି ସରପଞ୍ଚଙ୍କ ସ୍ୱାମୀ ମର୍ଡୋଲ ଗ୍ରାମର ରଞ୍ଜନ କର୍ମୀ (୪୦) ଏବଂ ଗାଡ଼ିରେ ଥିବା ରଞ୍ଜନଙ୍କ ପୁତୁରା ପଥାନନ କର୍ମୀ (୨୪) ଏବଂ ଭଣଜା ସେଲାମାଲ ଗ୍ରାମର ପ୍ରାୟବନ୍ଧୁ ବଘାର (୨୪)କୁ ଗିରଫ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାରେ ତାହା ୮୭ କେଜି ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା ୨୧୩/୨୫ ରୁଜୁ କରି ତଦନ୍ତ ଅଧିକାରୀ ଏସଆଇ ସୌମ୍ୟରଞ୍ଜନ ପାତ୍ର ଏହାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ବନ ମହୋତ୍ସବ ପାଳିତ



ରାୟଗଡ଼ା(ଭାସ୍କର ନ୍ୟୁଜ୍): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଭାରତୀୟ ସେବା ଯୋଜନା ( ଏନ୍.ଏସ୍.ଏସ୍ ) ଅଧିକାରୀ ଅଧ୍ୟାପକ ଶଙ୍କର ପେଦ୍‌ରୁ ଓ ସୋନାଲିସା ପାଣିଗ୍ରାହୀଙ୍କ ସଂଯୋଜନାରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ମହାବିଦ୍ୟାଳୟର ଅଧକ୍ଷା ଡ଼. ସରସ୍ୱତୀ ରାୟ ଚାରାରୋପଣ କରି ବନ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ପି.ଅରୁଣ କୁମାର, ଟି କୋଣ୍ଡି,ସୁବ୍ରତ ପ୍ରଧାନ, ଏ. ଜି.ବି. ଗୁପ୍ତା, ହେମନ୍ତ ସ୍ୱାଇଁ, ଡ଼ . ରାକେଶ କୁମାର ସ୍ୱାଇଁ ଅନ୍ୟମାନେ ଚାରାରୋପଣ କରିବା ସହ ଭାରତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍ )ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସୁମନ୍ତ ବେହେରା, ପ୍ରକାଶ ମାଝୀଙ୍କ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ଅନ୍ତର୍ଗତ ମୁଣ୍ଡିବେଡ଼ା ପଞ୍ଚାୟତ ଅନ୍ତର୍ଗତ କଟାଟପାଲି ଠାରୁ ୩ କିଲୋମିଟର ଝିଡ଼ିଗାମ ପର୍ଯ୍ୟନ୍ତ ରାସ୍ତାକୁ ନିଜସ୍ୱ ଖର୍ଚ୍ଚରେ ଗ୍ରାମବାସୀ ମରାମତି କରିଥିବା ଜଣାଯାଇଛି। ପ୍ରକାଶ ଥାଉ କି ଗ୍ରାମବାସୀ ରାସ୍ତା ମରାମତି ନିମନ୍ତେ ଲୋକ ପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନକୁ ବାରମ୍ବାର ଅବଗତ ପରେ ମଧ୍ୟ କେହି ଏହାକୁ କର୍ଣ୍ଣପାତ କରିନଥିଲେ। ଯାହାଫଳରେ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ରାସ୍ତାକୁ ଗ୍ରାମବାସୀ ବାଧ୍ୟ ହୋଇ କିଛି କିଛି ପଇସା ଆଦାୟ କରି ମରାମତି କରିଛନ୍ତି। ଏହି ବିଷୟ ନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ ପରେ ସେ କହିଛନ୍ତି ଯେ ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କାର ଫାଇଲ ହୋଇ କାମ ଆରମ୍ଭ ହୋଇଥିଲା। ସେଥିରେ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଆଉ ବଳକା ଟଙ୍କାର କାମ ହୋଇଥାନ୍ତା। ଏହି ଖବର ପାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ ରାଜ ଗଣ୍ଡ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସ୍ଥାନୀୟ ଲୋକ ପ୍ରତିନିଧି ତଥା ପ୍ରଶାସନ ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଏହାର ସମାଧାନ କରିବା ନେଇ ସାଧାରଣରେ ଦାବି ହେଉଛି।

# ଦୁଇ ଶିକ୍ଷକଙ୍କ ଗଳା କାଟିଲେ ମାଓବାଦୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଓଡ଼ିଶା ସୀମାନ୍ତ ଛତିଶଗଡ଼ ବିଜାପୁର ରେ ମାଓବାଦୀ ମାନଙ୍କ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ଦୁଇ ପାରା ଶିକ୍ଷକଙ୍କ ଗଳାକାଟି ହତ୍ୟା କରିଛନ୍ତି ମାଓବାଦୀ । ଦୁଇ ଜଣ ମାଓପ୍ରବଣ ଅଞ୍ଚଳରେ ଶିକ୍ଷାଦୂତ ଭାବେ କାମ କରୁଥିଲେ । ମୃତ ଶିକ୍ଷକ ହେଲେ ପିଲୁର ଗ୍ରାମର ବିନୋଦ ମାଡ଼େ (୩୨) । ସେ କୋଣ୍ଡାପାଡ଼ଗୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ସେହିପରି ଅନ୍ୟଜଣେ ହେଲେ ଟେକମେଟା ପ୍ରାଥମିକ ବିଦ୍ୟାଳୟ ରେ ନିଯୁକ୍ତି ପାଇଥିବା ସୁରେଶ ମେଟା (୨୮) । ମାଓବାଦୀମାନେ ସେମାନଙ୍କୁ ଗଳାକାଟି ହତ୍ୟା କରିବା ପରେ ନିକଟସ୍ଥ ଜଙ୍ଗଲରେ ମୃତ ଦେହକୁ ଫିଙ୍ଗି ଦେଇଛନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ, ଦୁଇ ଜଣଙ୍କୁ ମାଓବାଦୀମାନେ ଘରୁ ଉଠାଇ ନେଇଥିଲେ । ଏହାପରେ ସେମାନଙ୍କ ଗଳାକାଟି ହତ୍ୟା କରିଛନ୍ତି । ପୋଲିସ ଖବର ପାଇ ମୃତଦେହକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛି । ଏଠାରେ ପ୍ରକାଶ ଥାଉ କି, ଶିକ୍ଷାଦୂତଙ୍କୁ ମାଓ ପ୍ରବଣ ଅଞ୍ଚଳରେ ନିଯୁକ୍ତ କରାଯାଇଛି । ସେମାନେ ବନ୍ଦ ହୋଇଥିବା ବିଦ୍ୟାଳୟକୁ ପୁନଃ ଖୋଲାଯିବା ପରେ ନିଯୋଜିତ ହୋଇଛନ୍ତି । ଏହି ସଦ୍ୟତମ ଆକ୍ରମଣ ଗତ ଦୁଇ ଦିନ ମଧ୍ୟରେ ବିଜାପୁରରେ ସମାନ ଧରଣର ହତ୍ୟାକାଣ୍ଡ ହୋଇଛି । ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଦୁଇ ଛାତ୍ରଙ୍କ ସମେତ ଛଅଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ପୂର୍ବରୁ ଜୁନ୍ ୧୭ ତାରିଖରେ ଛତିଶଗଡ଼ର ବିଜାପୁର ଜିଲ୍ଲାର ପେଦ୍ଦାକୋର୍ମା ଗାଁରେ ନକ୍ସଲମାନେ ଜଣେ ୧୩ ବର୍ଷୀୟ ସ୍କୁଲ ଛାତ୍ର ଏବଂ ଜଣେ ୨୦ ବର୍ଷୀୟ କଲେଜ ଛାତ୍ର ସମେତ ତିନି ଜଣ ଗ୍ରାମବାସୀଙ୍କୁ ଗଳାକାଟି ହତ୍ୟା କରିଥିଲେ ।

# ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାକୁ ନେଇ ବିଜେଡିର ବିକ୍ଷୋଭ

ରାୟଗଡା(ଭାସ୍କର ନ୍ୟୁଜ୍):ବାଲେଶ୍ୱରର ଏଫ୍.ଏମ୍ କଲେଜ ଛାତ୍ରୀ ସୈମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ଦୃଢ ବିରୋଧ କରିଛି ବିଜୁ ଜନତା ଦଳ। ଆଜି ସୈମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାରେ ରାଜ୍ୟର ବିଜେପି ସରକାର ଅବହେଳା କରିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡାର କପିଳାସ ଛକରେ ଯୁବ, ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ବିକ୍ଷୋଭବେଳେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବିନାୟକ କରଙ୍କ ସମେତ ମହିଳା, ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ମଦ ବିକ୍ରିକୁ ବିରୋଧ କଲେ ଗ୍ରାମବାସୀ



ଉମରକୋଟ(ଭାସ୍କର ନ୍ୟୁଜ୍): ମଦ କୁ ବିରୋଧ କରିଲେ ଗ୍ରାମ ର ଶତାଧିକ ମହିଳା, ଘରେ ଘରେ ପଶିଲେ, ଦୋକାନ ରେ ପଶି ମଦ ବୋତଲ ଆଣି ରାସ୍ତା ରେ ଫଟେଇଲେ ମହିଳାମାନେ ! ଅଞ୍ଚଳକୁ ମଦ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ମହିଳା ମାନେ !ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନୋରା ପଂଚାୟତ କଲିବେଡା ଗ୍ରାମରେ !ଉକ୍ତ ଗ୍ରାମରେ ମଙ୍ଗଳବାର ଦିନ ସାପ୍ତାହିକ ହାଟ ବସୁଥିବା ବେଳେ ଏଠାରେ ଥିବା କିଛି ଦୋକାନୀ ବିଗତ ଚାରି ରୁ ପାଞ୍ଚ ବର୍ଷ ହେଲା ମଦ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି !ଗ୍ରାମ ର ପୁରୁଷ ମାନେ ଘରୁ ଟଙ୍କା ଆଣି ଏହି ଦୋକାନ ଗୁଡିକରୁ ମଦ କିଣି ମଦ ପିଇ ହାଟପଦାରେ ରେ ଥିବା ପିଣ୍ଡି ରେ ମଦ ବୋତଲ ଫିଙ୍ଗି ଘରେ ସ୍ତ୍ରୀ ଙ୍କ ସହ ଗଣ୍ଡଗୋଳ କରୁଥିବା ଅଭିଯୋଗ କରିଛନ୍ତି ମହିଳାମାନେ !ଏହି ପରିପ୍ରେକ୍ଷୀରେ ଆଜି ଗ୍ରାମ ର ଶତାଧିକ ମହିଳା ହାଟପଦାରେ ଥିବା ଦୋକାନ ଓ ଘରେ ପଶି ମଦ ବୋତଲ ଆଣି ରାସ୍ତା ଉପରେ ଫଟେଇଥିଲେ ଏବଂ ଆଗାମୀ ଦିନରେ ମଦ ବ୍ୟବସାୟ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି !

# ନିଶାମୁକ୍ତ ପରିବେଶ ପାଇଁ ତାଲିମ ଶିବିର



ଉମରକୋଟ (ଭାସ୍କର ନ୍ୟୁଜ୍): ନିଶାମୁକ୍ତ ହେବ ସମସ୍ତ ଶିକ୍ଷାନୁଷ୍ଠାନ । ଏହି ପ୍ରଶିକ୍ଷଣ ଶିବିରରେ ଉମରକୋଟ ସମେତ ଜିଲ୍ଲାର ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ତାଲିମ ନେଇଥିଲେ । ଉମରକୋଟରୁ ଗୁରୁକୃପା ଶିକ୍ଷା ଅନୁଷ୍ଠାନ ର ପିଆରଓ ତଥା ଅଧ୍ୟାପିକା ଇଂ. ଚନ୍ଦନା ମଲ୍ଲିକ, ଅନୁଷ୍ଠାନର ଅଧକ୍ଷା ସୁଶ୍ରୀ ଜୟା ତ୍ରିପାଠୀ ସେହିପରି ପେଣ୍ଡ୍ରା।ଣୀ ମହାବିଦ୍ୟାଳୟର ଅଧ୍ୟାପକ ସମୀର ମହାନ୍ତି, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ନିରଞ୍ଜନ ପଣ୍ଡା, ଜ୍ୟୋତି ପ୍ରକାଶ ଜଗଦେବ, କିଶୋର ଚନ୍ଦ୍ର ମିଶ୍ର, ଅପର୍ଣ୍ଣା ଘୋଷ କଦୋଭଟ୍ଟା ବିଦ୍ୟାଳୟର ଶ୍ରୀନିବାସ ମହାରଣା ଏବଂ ଜାମୁରୁଣ୍ଡା ବିଦ୍ୟାଳୟର ଅନିଲ ପାତ୍ର ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ, ବିଦ୍ୟାଳୟ ପରିସରରେ ତମାଖୁ ବର୍ଜନ ପାଇଁ ପ୍ରଶିକ୍ଷିତ ହୋଇଥିଲେ ।ଏହି ଶିବିର କୁ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼କ୍ଟର ସନ୍ତୋଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଆୟୋଜିତ ହୋଇଥିଲା। ସମାଜରେ ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନ ଭୟଙ୍କର ଭାବେ ବଢ଼ିଚାଲିଛି ।ସରକାର ମଧ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ପ୍ରୟାସ କରିଛନ୍ତି । ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ହେବ ସଂପୂର୍ଣ୍ଣ ନିଶା ମୁକ୍ତ । ଶିକ୍ଷାନୁଷ୍ଠାନଗୁଡ଼ିକୁ 'ନିଶା ମୁକ୍ତ' କରିବା ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଂଶୋଧିତ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ (TOFEI) ନିର୍ଦ୍ଦେଶାବଳୀ ପ୍ରକାଶ କରିଛନ୍ତି । ଯେଉଁଥିରେ ତମାଖୁ ସେବନର କ୍ଷତିକାରକ ପ୍ରଭାବ ଏବଂ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରାଯାଇଛି । ଶିକ୍ଷାନୁଷ୍ଠାନରେ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଧିକାରୀଙ୍କ ମଧ୍ୟରେ ଉପଲବ୍ଧ ତମାଖୁ ବନ୍ଦ ସେବା ଏବଂ ତ୍ୟାଗ କରିବାର ପଦ୍ଧତି ବିଷୟରେ ସଚେତନତା ସୃଷ୍ଟି କରିବା ସହ ତମାଖୁ ଦ୍ରବ୍ୟର ବିକ୍ରୟ ତଥା ବ୍ୟବହାର ସମ୍ବନ୍ଧରେ ଉତ୍ତମ କାର୍ଯ୍ୟକାରୀତା ଆଇନଗତ ବ୍ୟବସ୍ଥା ନିଶ୍ଚିତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଓ ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଡି. ଏଚ୍ .ଏଚ୍ ପରିସରରେ ଜିଲ୍ଲାର ମାଧ୍ୟମିକ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷାବିତ୍‌ମାନଙ୍କୁ ନେଇ ଦାନ୍ତ ରୋଗ ବିଶେଷଜ୍ଞ ଡଃ.ଅମିତ କୁମାର ଦାସ ଏବଂ ତରୁଣ କୁମାର ସାହୁ ଙ୍କ ମିଳିତ ତତ୍ତ୍ୱାବଧାନରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲ।।

# ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀଙ୍କ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ



ମାଲକାନଗିରି(ଭାସ୍କର ନ୍ୟୁଜ୍):ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ଓଡ଼ିଶା ପ୍ରଶାନ୍ତ କୁମାର ରେଡ୍ଡୀ ମାଲକାନଗିରି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟ ରେ ବଡପଦା ଏଜୁକେଶନ କମ୍ପ୍ଲେକ୍ସ ପରିଦର୍ଶନ କରି ଶିକ୍ଷାକେନ୍ଦ୍ରର ସ୍ଥିତି, ଶିକ୍ଷା ବ୍ୟବସ୍ଥା ବିଷୟରେ ସିଧାସଳଖ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କିଭଳି ଭଲ ପାଠ ପଢ଼ାଇ ଦଶମ ରେ ଏ-୧ ଗ୍ରେଡ୍ ରେ ଅଧିକ ପିଲା ଉତ୍ତୀର୍ଣ୍ଣ ହେବେ ସେ ବିଷୟରେ ପ୍ରାଧାନ୍ୟ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରିଙ୍କୁ ଏଥିପ୍ରତି ତଦାରଖ କରିବାକୁ କହିଥିଲେ। ଜନ୍ତାପାଇ ଓ ଲାଉଗୁଡ଼ା ଠାରେ ଥିବା ଡ୍ରାଗନ ଫଳଚାଷ ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ପ୍ରକଳ୍ପରେ ଥିବା ହିତାଧିକାରୀ ମାନଙ୍କ ସହ ଡ୍ରାଗନ୍ ଫଳ ଚାଷରୁ ମିଳୁଥିବା ଲାଭ ବିଷୟରେ ଆଲୋଚନା କରିଥିଲେ ।ଏହି ଅବସରରେ ଆଇଟିଡିଏ ମାଲକାନଗିରି ତରଫରୁ ତାଲିମ, ପରିଦର୍ଶନ ବ୍ୟବସ୍ଥା, ତତ୍ ସହିତ ମାଗଣାରେ ଚାରା, ଜାଲି ବାଡ଼, ଡ୍ରାଗନ୍ ପିଲରେ ପାଣି ବ୍ୟବସ୍ଥା, ବୁନ୍ଦା ଜଳସେଚନ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ଆୟର ଅଭିବୃଦ୍ଧି ନିମନ୍ତେ ଉକ୍ତ ପ୍ରକଳ୍ପ ଭିତରେ ଅନ୍ତ ଚାଷ କରିବା ନିମନ୍ତେ ଶିଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉଦ୍ୟାନ ବିଭାଗ ସମନ୍ୱୟ ରେ ବୈଜ୍ଞାନିକ ପଦ୍ଧତିରେ ବୁନ୍ଦା ଜଳସେଚନ ଓ ଆଚ୍ଛାଦନ କରାଇ ଡ୍ରାଗନ୍ ଚାଷ ଓ ଅନ୍ତ ଚାଷ କରାଯିବ ବୋଲି କହିଥିଲେ। ଲାଉଗୁଡ଼ ଗ୍ରାମ୍ୟ ରାସ୍ତାକୁ କଂକ୍ରିଟ ରାସ୍ତା ର ସମ୍ପ୍ରସାରଣ କରିବା ନିମନ୍ତେ ଜିଲ୍ଲାପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି କୁମାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ପରିଚାଳକ ଆଇଟିଡିଏ ମାଲକାନଗିରି ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଚିତ୍ରକୋଣ୍ଡା ଠାରେ ଥିବା ବହୁମୁଖୀ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲ୍ଲାରେ ପ୍ରଥମ କରି ଆଇଟିଡିଏ ସହାୟତାରେ ପଣସ ଚିପ୍ସ ଉତ୍ପାଦନ ଓ ବିକ୍ରି ବଟା କରାଯାଉଥିବା ଦେଖି ନିର୍ଦ୍ଦେଶକ ଓ ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ। ସମସ୍ତ ପ୍ରକ୍ରିୟାକରଣ କେନ୍ଦ୍ର କୁ ସଠିକ୍ ପ୍ରକାରେ ବିକ୍ରି ବଟା ବ୍ୟବସ୍ଥା କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବଡପଦର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ତାଙ୍କ ପାଠପଢ଼ା ବିଷୟରେ ପଚାରି ବୁଝିଥିଲେ। ଗୋଜିଆଗୁଡ଼ା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ପିଲାମାନଙ୍କ ସହ କିଛି ସମୟ କଟାଇଥିଲେ। ଉକ୍ତ ପରିଦର୍ଶନ ସମୟରେ ବିଷୟ ବସ୍ତୁ ବିଶେଷଜ୍ଞ ପ୍ରଗତି ପାଣିଗ୍ରାହୀ ଓ ଜଗନ୍ନାଥ ଖିଲ ସହଯୋଗ କରିଥିଲେ।

# ସୀମନ୍ତିକା ନନ୍ଦଙ୍କ ବିୟୋଗରେ 'ସମ୍ବାଦ ସାହିତ୍ୟ ଘର'ର ଶୋକସଭା




ବରଗଡ(ଭାସ୍କର ନ୍ୟୁଜ୍):ସୀମନ୍ତିକା ଥିଲେ ଜଣେ ନିର୍ଭିକ ସାମ୍ବାଦିକା। ମହିଳା ହେଲେ ବି କୌଣସି ପୁରୁଷ ସାମ୍ବାଦିକଙ୍କ ଠାରୁ ସେ କମ୍ ନଥିଲେ। ନିଜର କାର୍ଯ୍ୟ ଦକ୍ଷତା ପାଇଁ ସେ ଥିଲେ ସର୍ବତ୍ର ଚର୍ଚ୍ଚିତ। ବରଗଡ଼ରେ କମ୍ ସମୟର ରହଣି ଭିତରେ ବି ବରଗଡ଼ବାସୀଙ୍କ ପାଖରେ ସେ ଏକ ଅଲିଭା ଛାପ ଛାଡି ଯାଇଛନ୍ତି। ବରଗଡ଼ ଜିଲ୍ଲାର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଭୂମିକା କିଛି କମ୍ ନଥିଲା ବୋଲି ସମ୍ବାଦ ସାହିତ୍ୟ ଘର ତରଫରୁ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସାହିତ୍ୟ ଘରର ପୂର୍ବତନ ସଭାପତି ଦିବ୍ୟକିଶୋର ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ସଦସ୍ୟମାନଙ୍କ ମଧ୍ୟରୁ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଡକ୍ଟର ଡୋଳାମଣି ଶତପଥୀ, କପିଲ୍ ବାଗ, ମନୋରଂଜନ ମେହେର, ପ୍ରିତମ ସିଂ, ଦୟାନିଧି ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, ଦୁଃଖି ସେବକ ସାହୁ ପ୍ରମୁଖ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଚାରଣ କରି ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରି ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଡକ୍ଟର ରବିନାରାୟଣ ସାହୁ ଶୋକସଭାକୁ ସଂଯୋଜନା କରିଥିଲେ।

# ଗଳା କାଟି ଆତ୍ମହତ୍ୟା ଉଦ୍ୟମ

ଉମରକୋଟ(ଭାସ୍କର ନ୍ୟୁଜ୍): ଛୁରୀ ସାହାଯ୍ୟରେ ନିଜେ ନିଜ ଗଳା କାଟି ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧିନରେ। ଗୁରୁତର ବ୍ୟକ୍ତି ଜଣକ ହେଲେ ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଗଇରା ମାଳୀ ସାହିର ସୋମନାଥ ମାଝୀ (୫୦)। ପରିବାର ଲୋକଙ୍କ କହିବାନୁଯାୟୀ ଦୁଇ ଦିନ ତଳେ ସୋମନାଥ ଙ୍କୁ ଭୀଷଣ ଜ୍ୱର ହୋଇଥିଲା। ସୋମନାଥଙ୍କୁ କୁର୍ସୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୋମନାଥ କୁର୍ସୀସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଗତକାଲି ଘରକୁ ଫେରିଥିଲେ। ଗତକାଲି ବିଳମ୍ବିତ ରାତିରେ ସୋମନାଥ ପାଗଳଙ୍କ ପରି ହୋଇଥିଲେ। ଘର ଲୋକେ କେହି କିଛି ବୁଝିବା ପୂର୍ବରୁ ସୋମନାଥ ପାଖରେ ପଡ଼ିଥିବା ଛୁରୀ ସାହାଯ୍ୟରେ ନିଜେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ସୋମନାଥକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ବର୍ତ୍ତମାନ ସୋମନାଥ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଡାକ୍ତରଙ୍କ କହିବାନୁଯାୟୀ ସୋମନାଥ ବର୍ତ୍ତମାନ ବିପଦ ମୁକ୍ତ ଅଛନ୍ତି।

# ବିଦ୍ୟାଳୟ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବହିରା ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବୌଦ୍ଧ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡାମଣୀ ବାରିକ, ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁର ଦେବାଶିଷ ଦ୍ୱାରୀ ଓ ପେଡାଗୋଜି ବିଭାଗର ଶିବଶଙ୍କର ହୋତା ପ୍ରମୁଖ ପରିଦର୍ଶନରେ ଆସି ଛାତ୍ରଛାତ୍ରୀଙ୍କ ସହ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ । ତାପରେ ଶ୍ରେଣୀ ପ୍ରକୋଷ୍ଠକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବିଷୟର ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ହାଇସ୍କୁଲ ରେ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ସୁରମା ତ୍ରିପାଠୀ, କଲ୍ୟାଣୀ ବେହେରା, ସସ୍ମିତା ଜେନା, ଧରିତ୍ରୀ ତ୍ରିପାଠୀ, ପ୍ରଦୀପ ମିଶ୍ର ଓ ଦେଶବନ୍ଧୁ ମହାକୁଳଙ୍କ ସହ ଆଲୋଚନା କରି ପାଚେରୀ ଭିତରେ ଥିବା ଉଭୟ ବିଦ୍ୟାଳୟ ଏକାଠି ପ୍ରାର୍ଥନା କରିବା କରିବା ସହିତ ମିଳାମିଶା ହୋଇ ଉଭୟ ବିଦ୍ୟାଳୟରେ ଶିକ୍ଷା ଦାନ କରିବା ନେଇ ପରାମର୍ଶ ଦେଇଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁ, ଶିକ୍ଷକ ପ୍ରମୋଦ ବେହେରା ଓ ହିମାଂଶୁଶେଖର ବିଶି ଙ୍କୁ ମଧ୍ୟ ଶିକ୍ଷାଦାନ ସୁଚାରୁ ରୂପେ କରିବା ନେଇ ପରାମର୍ଶ ଦେଇଥିଲେ।

# ଜରିପାଲ ତଳେ ଚାଲିଛି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ




କଣ୍ଟାମାଳ,(ଭାସ୍କର ନ୍ୟୁଜ୍): ସରକାର ଶିକ୍ଷାର ଉନ୍ନତି ଭିତ୍ତିଭୂମିର ବିକାଶ ପାଇଁ ଅନେକ ଯୋଜନା ପ୍ରଣୟନ କରି ବିପୁଳ ଅର୍ଥ ବିନିଯୋଗ କରୁଥିବା କହୁଛନ୍ତି । ହେଲେ ସରକାରୀ କାର୍ଯ୍ୟାଳୟରେ ଛାତରୁ ପାଣି ଗଳୁଥିବାରୁ ଜରିପାଲ ଟାଣି ଭିତରେ କର୍ମଚାରୀମାନେ କାମ କରୁଥିବା ଦେଖିବାକୁ ମିଳିଛି ।ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ।ଏହି ସରକାରୀ କାର୍ଯ୍ୟାଳୟର ଛାତ ଉପରେ ଜରିପାଲ ଟଣାଯାଇଛି । ଛାତରୁ ଗଳୁଛି ପାଣି ଓ ପାଣି ପଡି କମ୍ପୁଟର ଅଚଳ ହୋଇଯାଉଥିବା ବେଳେ ସରକାରୀ କାଗଜପତ୍ର ସବୁ ପାଣିରେ ଭିଜି ନଷ୍ଟ ହୋଇ ଯାଉଛି । କର୍ମଚାରୀମାନେ କମ୍ପୁଟରକୁ ଘୋଡେଇ ରଖି କାମ କରୁଛନ୍ତି ଓ ଦୀର୍ଘ ବର୍ଷ ହେବ ଉକ୍ତ କାର୍ଯ୍ୟାଳୟ ମରାମତି ହୋଇ ନ ଥିବାରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟର ଚିତ୍ର ଦେଖି ସତେ ଯେମିତି ଏକ ପରିତ୍ୟକ୍ତ ଗୃହ ପରି ଲାଗୁଛି । ତେବେ ଛାତ ଉପରେ ଟଣା ଯାଇଥିବା ଜରିପାଲରୁ ବର୍ଷା ଦିନେ ଛାତ ଉପରକୁ ଯାଇ ପାଣି ବାହାର କରିବା ପାଇଁ ପଡିଥାଏ । ସେଥିପାଇଁ ଝାଡୁ ସାହାଯ୍ୟ ରେ ପାଣି ବାହାର କରାଯାଉଛି । ଏପଟେ ବର୍ଷା ହେଲେ ଛାତରୁ ଅନବରତ ଝର ଝର ପାଣି ଗଳୁଛି । ପାଣି ଗଳି ଜରୁରୀ କାଗଜ ପତ୍ର ସବୁ ନଷ୍ଟ ହୋଇଯାଉଛି । ଏପଟେ ପାଣି ପଡି କମ୍ପୁଟର ନଷ୍ଟ ହୋଇଯାଇଥିବା ବେଳେ ସମସ୍ତ କମ୍ପୁଟରକୁ ଘୋଡେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହିଭଳି ଅବସ୍ଥାରେ ବର୍ଷା ଦିନେ କାମକରିବାରେ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍କୁଲଗୁଡିକ ନିର୍ମାଣ କରୁଥିବା ବେଳେ କିନ୍ତୁ ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଉପରେ କାହାର ନଜର ନ ପଡିବା ପରିତାପର ବିଷୟ । କାର୍ଯ୍ୟାଳୟର ଛାତରେ ପାଣି ଝରିବା ସହ କିଛି ସ୍ଥାନରେ ଛଡ଼ ଦେଖାଯାଇଛି । ବିପଦପୂର୍ଣ୍ଣ ଗୃହ ତଳେ କର୍ମଚାରୀମାନେ ଡରି ଡରି କାର୍ଯ୍ୟ କରୁଛନ୍ତି । ବର୍ଷା ହେଲେ ଉକ୍ତ ସ୍ଥାନରେ ବସି କାମ କରିବାକୁ ବହୁ ଅସୁବିଧା ହୋଇଥିବା କର୍ମଚାରୀମାନେ କହିଛନ୍ତି। ଏପଟେ କୌଣସି ବାହାର ଲୋକ ଉକ୍ତ ଅଫିସକୁ କିଛି କାମରେ ଆସିଲେ ଛିଡା ମଧ୍ୟ ହୋଇପାରୁ ନାହାନ୍ତି। ଯାହାଫଳରେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି । ଅବ୍ୟବସ୍ଥା ସମ୍ପର୍କରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଲିଙ୍କୁ ପଚାରିବାରୁ ମୁଁ ଏ ସମ୍ପର୍କ ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସ୍ଥାନୀୟ ବିଧାୟକଙ୍କୁ ଜଣେଇଛି ଏବଂ ତୁରନ୍ତ ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା କହିଥିଲେ।




କନ୍ଧମାଳ (ଭାସ୍କର ନ୍ୟୁଜ): ବନମହୋତ୍ସବ ଅବସରରେ କନ୍ଧମାଳ ବ୍ଲକ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ପ୍ରଦୂଷଣ ରୋକିବାକୁ ହେଲେ ସଚେତନତା ଜରୁରୀ ବୋଲି କହିଥିଲେ କ୍ଷ ବିଦ୍ୟାଳୟ ଉପଦେଷ୍ଟା ବିଦ୍ୟଶଙ୍କର ରାଉତଙ୍କ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲା ପରିଷଦ ସୁମିତ୍ରା ସାହୁ, ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, କନ୍ଧମାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋକ ରଞ୍ଜନ ମାଲି, ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କରୁଣାକର ସାହୁ, ଶିକ୍ଷକ ସଙ୍ଘ ସଭାପତି ନୀଳାଞ୍ଚଳ ଭୋଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଶିକ୍ଷକ ଭବାନୀ ଶଙ୍କର ପାଣିଗ୍ରାହୀ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ କ୍ଷେତୀ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ପରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ବନପାଳ ଚନ୍ଦ୍ରଶେଖର ଦାଶ, ବରୁଣ ମୁଖି, ବନ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, ସୌଦାଗର ମାଝୀ, ଅନନ୍ତ ଚରଣ ବେହେରା, ହରିହର ବେଜ, ଶଶୀଭୂଷଣ ପ୍ରଧାନ, ସନ୍ତୋଷ କୁମାର ସାହୁ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପାକିସ୍ତାନ ଗୁଇନ୍ଦା ଲିଙ୍କ୍ ଘଟଣାରେ ମୁହଁ ଖୋଲିଲେ ପୁରୀର ୟୁଟ୍ୟୁବର ପ୍ରିୟଙ୍କା

ପୁରୀ (ଭାସ୍କର ନ୍ୟୁଜ) : ପାକିସ୍ତାନ ଗୁଇନ୍ଦା ଲିଙ୍କ ଘଟଣାରେ ଶେଷରେ ମୁହଁ ଖୋଲିଲେ ପୁରୀର ୟୁଟ୍ୟୁବର ପ୍ରିୟଙ୍କା ସେନାପତି । ଫେସବୁକ୍ ?ରେ ଏକ ଭିଡିଓ ପୋଷ୍ଟ କରି ଜ୍ୟୋତି ମାଲହୋତ୍ରାଙ୍କ ସହ ସମ୍ପର୍କର ଖୁଲାସା କରିଛନ୍ତି ପ୍ରିୟଙ୍କା । ଜ୍ୟୋତି ମଲହୋତ୍ରାଙ୍କ ସହ ଲିଙ୍କ୍ ଅଭିଯୋଗରେ ଏନଆଇଏ ଘଟଣାର ତଦନ୍ତ କରୁଛି । ତେବେ ଏହି ଘଟଣାରେ ପ୍ରିୟଙ୍କା ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହିତ ତଦନ୍ତରେ ସହଯୋଗ କରୁଥିବା ପ୍ରକାଶ କରିଥିଲେ । ସ୍ୱନସର ଟ୍ରିପରେ ଜରିଆରେ ପ୍ରିୟଙ୍କା ସେନାପତି ପାକିସ୍ତାନ ଯାଇଥିଲେ । ଜ୍ୟୋତି ମଲହୋତ୍ରାଙ୍କ ସହ ପାକିସ୍ତାନର କରତାରପୁର ଯାଇନଥିଲେ ବୋଲି କହିଥିଲେ ପ୍ରିୟଙ୍କା ସେନାପତି । ଏହାପରେ ଗଣମାଧ୍ୟମ ଉପରେ ସବୁ ଦୋଷ ଲଦି ଥିଲେ ପ୍ରିୟଙ୍କା ସେନାପତି । ସେ କହିଥିଲେ ଯେ, ମିଡିଆ କେବଳ ନିଜର ଟିଆରପି ପାଇଁ ଏସବୁ ମୋ ବିରୋଧରେ ଚଲାଇଛି ।ଇନଷ୍ଟାଗ୍ରାମ୍ ଓ ୟୁଟ୍ୟୁବରୁ ଜ୍ୟୋତିଙ୍କ ସହ ସମ୍ପର୍କ ହୋଇଥିଲା । ସେ ଏକ କମ୍ପାନୀର ପ୍ରମୋସନ୍ ପାଇଁ ପୁରୀ ଆସିଥିବା ବେଳେ ଘନିଷ୍ଠତା ବଢ଼ିଥିଲା । ଯେହେତୁ ମୁଁ ପୁରୀ ଝିଅ, ତାଙ୍କ ସହିତ ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର ଓ ଚିଲିକା ଯାଇଥିଲି । ମୋ ପାଇଁ କେହି ଟଙ୍କାଟିଏ ଖର୍ଚ୍ଚ କରିନାହାନ୍ତି, କିନ୍ତୁ ମିଡିଆ ମୋ ବିନା ଅନୁମତିରେ ମୋ ଫଟୋ ନେଇ ନ୍ୟୁଜ ଦେଖାଉଥିଲେ ବୋଲି ଅଭିଯୋଗ କରିଛନ୍ତି ପ୍ରିୟଙ୍କା ସେନାପତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅସ୍ତିତ୍ୱ ବଞ୍ଚାଇବା...

ଛାତ୍ରୀଙ୍କୁ ଅପମାନିତ କରି ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛନ୍ତି, ତାଙ୍କୁ ମଧ୍ୟ ଅନୁଧ୍ୟାନ କରାଯାଉଛି । ପୀଡିତାଙ୍କୁ ନ୍ୟାୟ ଦେବା ହେଉଛି ଏକମାତ୍ର ଲକ୍ଷ୍ୟ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବାକୁ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି । ବିଜେପି ସରକାର ମହିଳା ବିକାଶ ଓ ସଶକ୍ତିକରଣ ପ୍ରତି ସମର୍ପିତ । ମହିଳା ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି । ପ୍ରମୁଖ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସମ୍ବେଦନହୀନତାର ସମସ୍ତ ସୀମା ଉଲ୍ଲଂଘନ କରି ହୀନ ରାଜନୀତି ଆରମ୍ଭ କରିଦେବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବିଜେଡି ଅନୁମତି ନେଇଥିବାବେଳେ ହିଂସାତ୍ମକ ଆଚରଣ କରିଥିଲା । କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିଥିବାରୁ ପୋଲିସ ପ୍ରଶାସନ ଧନ୍ୟବାଦର ପାତ୍ର । ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ବିଜେଡି ଲୋକସେବା ଘେରାଓ ନାମରେ ଆନ୍ଦୋଳନ କରିଛି । ମାତ୍ର ହାତଗଣତି କିଛି ନେତା ଓ ଅଳ୍ପ ସଂଖ୍ୟା କର୍ମୀମାନେ ଉପସ୍ଥିତ ଥିଲେ । ଯାହାକି, ଆଜିର ଘେରାଓ ଡାକରାକୁ ବିଜେଡି କର୍ମୀମାନେ ସମର୍ଥନ କରୁନଥିବା ସ୍ପଷ୍ଟ ହୋଇଛି । ନିଜ ୨୪ ବର୍ଷ ଶାସନରେ ବିଶ୍ୱସ୍ତରୀୟ ହସପିଟାଲ ଓ ଚିକିତ୍ସା ବ୍ୟବସ୍ଥା କରିଥିବାର ବାହାସ୍ଫୋଟ ମାରୁଥିବା ବିଜେଡି ନେତାମାନେ କାହିଁକି ଆଜି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ? ବାସ୍ତବରେ ବିଜେଡି ଦୁର୍ବଳ ହେବାରେ ଲାଗିଛି । ଅନ୍ୟ ପଟେ ବିଜେଡିର ଭାଇ କଂଗ୍ରେସର ମଧ୍ୟ ସମାନ ପରିସ୍ଥିତି । ଗଣତନ୍ତ୍ରରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ ଶ୍ରୀ ତ୍ରିପାଠୀ ଉଭୟ ବିଜେଡି ଓ କଂଗ୍ରେସ ଦଳକୁ ପରାମର୍ଶ ଦେଇଛନ୍ତି । ଇତିହାସକୁ ମନେ ପକାଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନାରୀ ନିର୍ଯ୍ୟାତନାର ଶିକାର ହୋଇଥିବା ଇତିଶ୍ରୀ, ବେବିନା, ମାଧବିଲତା, ମମିତା, ସ୍ମିତାରାଣୀଙ୍କ ସମେତ ଅନେକ ପରିବାରକୁ ନ୍ୟାୟ ଦେଇପାରିନଥିବା ବିଜେଡି ଶାସନ ଆଜି ମହିଳା ସୁରକ୍ଷା ପ୍ରସଙ୍ଗରେ ବିବୃତ୍ତି ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ୨୦୧୮ ମସିହା ଜାନୁଆରୀ ୨ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର କିଣି ଭୁବନେଶ୍ୱରରେ ଉତ୍ସବ ପାଳନ କରୁଥିବାବେଳେ ବହୁଚର୍ଚ୍ଚିତ କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ଏପରିକି ପୀଡିତାଙ୍କ ପରିବାରକୁ ଟଙ୍କା ଯଚାଯାଇ ମୁହଁ ବନ୍ଦ କରିବାର ପ୍ରୟାସ କରାଯାଇଥିଲା । ସେତେବେଳେ ବିଜେଡି ନେତାମାନେ କୁଆଡେ ଯାଇଥିଲେ ? ବିଜେଡି ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଅନେକ ମହିଳା ବ୍ୟଭିଚାର ଘଟଣା ଘଟିଛି ଏବଂ ଅପରାଧୀମାନଙ୍କୁ ଖସାଇ ଦେବା ପାଇଁ ସରକାରୀ କଳ ଓ ପ୍ରଶାସନର ଅପବ୍ୟବହାର କରାଯାଇଛି, ଯାହାକୁ ଓଡିଶାର ଅଗଣିତ ମା ଓ ଭଉଣୀମାନେ ଦେଖିଛନ୍ତି । ତେଣୁ ବିଜେଡିର ଆନ୍ଦୋଳନ କେବଳ ଏକ ପ୍ରହସନ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

### ସମୃଦ୍ଧ ସହର...

ନୂତନ ପୋଲିସ ଜିଲ୍ଲାଭାବେ ଗଠନ କରାଯିବ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି । ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ୧୪ଟି ଥାନା ରହିବ । ସରକାର ବର୍ତ୍ତମାନର ମୟୂରଭଞ୍ଜ ପୋଲିସ ଜିଲ୍ଲାକୁ ଦୁଇ ଭାଗରେ ବିଭକ୍ତ କରି ଏବଂ ଉଭୟ ପୋଲିସ ଜିଲ୍ଲାରେ ପ୍ରଭାବୀ ପୋଲିସ ସେବା ଏବଂ ଦକ୍ଷ ସାଧାରଣ ସେବା ପ୍ରଦାନ ପାଇଁ ରାଇରଙ୍ଗପୁରରେ ମୁଖ୍ୟାଳୟ ସହିତ ଏକ ନୂତନ ପୋଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ନୂତନ ଭାବେ ସୃଷ୍ଟି ହୋଇଥିବା ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ୨ଟି ପୋଲିସ ସବ - . ଡିଭିଜନ୍ (ଅର୍ଥାତ୍ ରାଇରଙ୍ଗପୁର ପୋଲିସ ସବ - ଡିଭିଜନ୍ ଏବଂ କରଞ୍ଜିଆ ପୋଲିସ ସବ – ଡିଭିଜନ୍), ୧୪ଟି ଥାନା ଯଥା (କ) ରାଇରଙ୍ଗପୁର ଥାନା (ଖ) ରାଇରଙ୍ଗପୁର ଟାଉନ ଥାନା (ଗ) ବାଦାମପାହାଡ ଥାନା (ଘ) ଗୋରୁମହିଷାଣି ଥାନା (ଙ) ବିଶୋଇ ଥାନା (ଚ) ତିରିଙ୍ଗ ଥାନା (ଛ) ବହଳଦା ଥାନା (ଜ) ଜାମଦା ଥାନା (ଝ) କରଞ୍ଜିଆ ଥାନା () ଠାକୁରମୁଣ୍ଡା ଥାନା (ଟ) ମହୁଲଡିହ ଥାନା (ଠ) ରରୁଆଁ ଥାନା(ଡ) ଘାଗରବେଡା ଥାନା । ଏବଂ (ଢ) ଯଶିପୁର ଥାନା, ୫ ଟି ଆଉଟପୋଷ୍ଟ ଏବଂ ୨ ଟି ବିଟ୍ ହାଉସ୍ ରହିବ । ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା -ଡାଏଲ-୧୧୨‘ ଯୋଜନାକୁ ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ମୋଟ ୨୨୬୦,୮୯ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ଏହି ଜାତୀୟ ଜରୁରୀକାଳୀନ ପ୍ରତିକ୍ରିୟା ପ୍ଲାଟଫର୍ମ ପୋଲିସ, ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଭଳି ସେବାଗୁଡ଼ିକୁ ଏକୀକୃତ କରି ନାଗରିକଙ୍କ ବିପଦ ସମୟରେ ଦ୍ରୁତ ସହାୟତା ପ୍ରଦାନ ପାଇଁ ଲକ୍ଷ୍ୟ ରଖୁଛି । ଏହି ଯୋଜନାରେ ୪୧୯୫ ନୂତନ ପଦବୀ ସୃଷ୍ଟି କରିବା ଏବଂ ୬୪୫ ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାର ପ୍ରସ୍ତାବ ରହିଛି । ୨୪ଘଂ୭ ସେବା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଜରୁରୀକାଳୀନ ସେବା ସଞ୍ଚାଳନ କେନ୍ଦ୍ର ଏବଂ ବିକଳ୍ପ ଜରୁରୀକାଳୀନ ସେବା ସଞ୍ଚାଳନ କେନ୍ଦ୍ର ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣକୁ ମଧ୍ୟ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ନାଗରିକମାନେ ଯେ କୌଣସି ସହାୟତା ପାଇଁ ୧୧୨ ଡାଏଲ୍ କରିପାରିବେ ଏବଂ ସେମାନଙ୍କୁ ତ୍ୱରିତ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି । ଓଡ଼ିଶା ଆୟୁଷ ସହାୟକ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫ ର ପ୍ରଣୟନକୁ ଅନୁମୋଦନ କରିଛନ୍ତି । ସରକାର ଆୟୁଷ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ବିକାଶକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିନ୍ତ କରିବା ନିମନ୍ତେ ଆୟୁଷ ସହାୟକମାନଙ୍କୁ ଏକ ଯୁକ୍ତିସଙ୍ଗତ ଢାଞ୍ଚା ସହିତ ଉତ୍ତମ ପଦୋନ୍ନତିର ସୁଯୋଗ ପ୍ରଦାନ କରିଛନ୍ତି । ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ଗୋଟି ବରିଷ୍ଠ ଆୟୁଷ ସହାୟକ ପଦବୀ ଏବଂ ୧୨ ଗୋଟି ମୁଖ୍ୟ ଆୟୁଷ ସହାୟକ ପଦବୀ ନିୟମାବଳୀ, ୨୦୧୭ ଅନୁଯାୟୀ ଯଥାକ୍ରମେ ବେତନ ଲେଭଲ୍ ୭ ଓ ବେତନ ଲେଭଲ୍ ୯ରେ ସୃଷ୍ଟି କରାଯାଇଛି ।

### ଆଜି ଓଡ଼ିଶା...

ତେବେ କଂଗ୍ରେସର ଏହି ଆନ୍ଦୋଳନକୁ ବାମପନ୍ଥୀ ଦଳ, ସିପିଆଇ, ସିପିଏମ୍, ସିପିଆଇଏମଏଲ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ଏନସିପି, ଏସପି ଓ ଆରଜେଡି ଦଳ ସମର୍ଥନ ଜଣାଇଛନ୍ତି । ବନ୍ଦ ଯୋଗୁ ଗୁରୁବାର ବିଦ୍ୟାଳୟ, କଲେଜ ଓ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତାଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା । ଏହି ଦୁର୍ଭାଗ୍ୟଜନକ ଘଟଣାର ସତ୍ୟତା ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ କଂଗ୍ରେସ ଦାବି କରିଛି । ଏହି ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବାକୁ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ନିବେଦନ କରିଛନ୍ତି । ଶ୍ରୀ ଦାସ କହିଛନ୍ତି, ଏଥିସହ ୩ ଦିନ ଧରି ସମଗ୍ର ରାଜ୍ୟରେ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ । ଅନ୍ୟପକ୍ଷରେ ବନ୍ଦ ପାଳନକୁ ଦୃଷ୍ଟିରେ ରଖି ଗୃହବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରିକାଳୀନ ସେବା ଯେପରି ପ୍ରଭାବିତ ନ ହୁଏ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ସବୁ ସରକାରୀ କାର୍ଯ୍ୟାଳୟକୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ତଦନ୍ତ କରିବ...

ନେବାକୁ ମଧ୍ୟ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ସୌମ୍ୟାଶ୍ରୀ କଲେଜର ଶିକ୍ଷାବିଭାଗ ମୁଖ୍ୟଙ୍କ ଦ୍ୱାରା ମାନସିକ ଭାବେ ନିର୍ଯାତିତ ହୋଇ ଆସୁଥିଲେ । ଏ ନେଇ ସେ ବିଭିନ୍ନ ଫୋରମରେ ମଧ୍ୟ ଅଭିଯୋଗ ବାଢିଥିଲେ । ହେଲେ ତାଙ୍କ ଅଭିଯୋଗ ପ୍ରତି କେହି ବି କର୍ଣ୍ଣପାତ କରିନଥିଲେ । ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଗତ ୧୨ ତାରିଖ ମଧ୍ୟାହ୍ନରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ି ଯାଇଥିବାବେଳେ ଅବସ୍ଥା ସଂକଟାପନ୍ନ ଥିଲା । ତେବେ ୧୪ ତାରିଖ ରାତିରେ ସେ ମୃତ୍ୟୁବରଣ କରିଥିଲେ । ଏହି ଘଟଣାରେ ପୂର୍ବରୁ ବିଭାଗୀୟ ମୁଖ୍ୟ ସମୀର ସାହୁ ଏବଂ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଗିରଫ ହୋଇ ସାରିଛନ୍ତି । ଏପରିକି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏମ୍ସରେ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ତାଙ୍କ ଚିକିତ୍ସା ପାଇଁ ଏମ୍ସର ଏକ ୧୦ଜଣିଆ ଟିମ୍ ମଧ୍ୟ ଗଠନ କରାଯାଇଥିଲା । ତେବେ ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ଆଖି ବୁଜିଥିଲେ । ପରେ ମଙ୍ଗଳବାର ତାଙ୍କ ମରଶରୀର ଭୋଗରାଇରେ ପହଞ୍ଚିବା ପରେ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

### ଲୋୟର ପିଏମ୍‌ଜି...

କମିଶନର ଏସ.ଦେବଦତ୍ତ ସିଂ । ସେ କହିଛନ୍ତି, ଲୋୟର ପିଏମ୍‌ଜିରେ ବିଜେଡିର ଆନ୍ଦୋଳନବେଳେ କୌଣସି ରବର ବୁଲେଟ୍ ଫାୟାର କରାଯାଇନାହିଁ । ବିଜେଡି କର୍ମୀମାନେ ଦୁଇଟି ବ୍ୟାରିକେଡ୍ ଭାଙ୍ଗିବା ପରେ କେବଳ ପାଣିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା । ବିଜେଡିର ଆନ୍ଦୋଳନ ପାଇଁ ପୋଲିସ ପକ୍ଷରୁ ଅନୁମତି ଦିଆଯାଇଥିଲା । କମିଶନର କହିଛନ୍ତି, ଆମେ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରିଥିଲୁ । ବ୍ୟାରିକେଡ ଭାଙ୍ଗିବା ପରେ ପାଣିମାଡ଼ ସହ ୫ଟି ସେଲ୍ ଟିୟର ଗ୍ୟାସ ମାଡ଼ କରାଯାଇଥିଲା । ଡ୍ରୋନ୍ ଓ ଏଆଇ ଦ୍ୱାରା ଆନ୍ଦୋଳନକାରୀଙ୍କ ଉପରେ କଡ଼ା ନଜର ରଖାଯାଇଥିଲା । ଧସ୍ତାଧସ୍ତିବେଳେ ୭ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ବିଜେଡିର ଆହତମାନଙ୍କ ମଧ୍ୟରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସୁଲତା ଦେଓ ପ୍ରମୁଖ ରହିଥିବା ସୂଚନା ଦିଆଯାଇଛି । ଏହି ଘଟଣାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୃଢ ନିନ୍ଦା କରିଛନ୍ତି । ସେ କହିଛନ୍ତି, କମିଶନରେଟ ପୋଲିସର ଅତ୍ୟାଚାର ବର୍ବୋରଚିତ ଥିଲା । ଏଥିରେ ଶତାଧିକ ବିଜୁ ଜନତାଦଳ କର୍ମୀ ଆହତ ହୋଇଛନ୍ତି । ଏହାକୁ ନେଇ ନବୀନ ଉଦବେଗ ପ୍ରକାଶ କରିବା ସହ ଫୋନ୍ କରି କର୍ମୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ବାଲେଶ୍ୱରରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ସକାଳ ୬ଟାରୁ ଧର୍ମଘଟ ଆରମ୍ଭ ହୋଇ ଦିନ ୨ଟାରେ ଶେଷ ହୋଇଥିଲା । ବିଜେଡି କର୍ମୀମାନେ ବିଭିନ୍ନ ସ୍ଥାନରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ହାତରେ ପୋଷ୍ଟର ଓ ପ୍ଲାକାର୍ଡ ଧରି ନାରାବାଜୀ ଚଳାଇଥିଲେ । ବନ୍ଦ ପ୍ରଭାବରେ ସହରର ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ ଏବଂ ଗାଡ଼ି ଚଳାଚଳ ବନ୍ଦ ରହିଥିଲା ।

## ୪ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ



ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ସାଢେ ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ । ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ପାଇଁ ବନ୍ଦ ରହିବ ଦର୍ଶନ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଜୟବିଜୟ ଦ୍ୱାରକୁ ବନ୍ଦ କରାଯିବ । ସନ୍ଧ୍ୟା ସାଢେ ୬ ଟାରୁ ବନକଲାଗି ନୀତି ଆରମ୍ଭ ହେବା ।ଏହା ରାତି ୧୧ଟା ଯାଏଁ ଚାଲିବ । ଏହି ସମୟରେ ସର୍ବସାଧାରଣ ବନ୍ଦ ରହିବା । ବନକଲାଗି ହେଉଛି ଶ୍ରୀଜିଉଙ୍କର ଏକ ଗୁପ୍ତ ନୀତି । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ ।ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି । ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧାନରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖକୁ ଶୃଙ୍ଗାର କରାଯିବ । କର୍ପୂର, ହିଙ୍ଗୁଳ, ହରିତାଳ, କସ୍ତୁରୀ, ନାଲି, ଧଳା ଓ କଳା ଭଳି ପାରମ୍ପରିକ ରଙ୍ଗରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ । ଏହା ଏକ ଗୁପ୍ତ ସେବା ନୀତି ହୋଇଥିବାରୁ ଯେତିକି ସମୟ ଏହି ନୀତି ଚାଲେ ସେହି ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ ।

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 13.02.2025, I Ganeswar Pradhan, Address: At-Badabhuin, Po-Dholamara, Ps-Khandapada, Dist-Nayagarh, PIN-752085, declare that I have changed my son's name from Dibyajyoti Pradhan to Rama Chandra Pradhan. Henceforth, He shall be known as Rama Chandra Pradhan for all purposes.

**Sd/- Ganeswar Pradhan**

### AFFIDAVIT

By virtue of an affidavit sworn before the Executive Magistrate, Bhawanipatna, Kalahandi, I Mithila Dalpati,w/o-Hatiram Dalpati, resident of village- Gobara, Po. Kutrukhamar, Ps. Bhawanipatna Sadar, Dist-Kalahandi, Odisha,do here by solemnly affirm and state that I am the mother of the minor Sitya Dalpati, and now declares that I have changed my minor daughter's name from Sitya Dalpati to SUTAYA DALPATI. Henceforth She shall be known as Sutaya Dalapati for all purposes.That I am the deponent and I put my LTI on this affidavit.

Mithila Dalpati
Deponent

### AFFIDAVIT

By virtue of an affidavit before Notary Public, Bhubaneswar on dated 21.04.2025, I Piyush Priyambada Panda, S/o- Sachidananda Panda, Permanent resident of Plot No.: 198, Sector-5, Lane-03, Near Ishaneswar Temple, Niladri Vihar, P.O.: Sailashree Vihar, P.S.: Chandrasekharpur, Bhubaneswar, Dist.: Khordha, Odisha-751021 have changed my name from Piyush Priyambada Panda, S/o- Sachidananda Panda to Piyush Panda, S/o- Satchidananda Panda. Henceforth, I shall be known as Piyush Panda, S/o- Satchidananda Panda for all future purpose.

### AFFIDAVIT

By virtue of an affidavit sworn before the Executive Magistrate, Delang, dated: 27.03.2025, I Mina Baral, Address: village-Sadangoi Uttarbad, Po-Sadangoi, Ps- Delang, Dist- Puri, Odisha, PIN-752015, declare that I have changed my name from Minati Barala to Mina Baral. Henceforth, I shall be known as Mina Baral for all purposes.

**Sd/- Mina Baral**

### AFFIDAVIT

By virtue of an affidavit sworn before the Executive Magistrate, Sadar, cuttack, dated: 14.07.2025, I Anita Behera, Address: At-Patharapada, Po-Chandalo, Ps-Kendrapara, Dist-Kendrapara, PIN-754208, declare that I have changed my name from Anita Kamila to Anita Behera. Henceforth, I shall be known as Anita Behera for all purposes.

**Sd/- Anita Behera**

### AFFIDAVIT

By virtue of an affidavit No. 30 sworn before Executive Magistrate, Bhubaneswar, dated: 11.07.2025, I Geetanjali Bhatta, W/o- Dhananjaya Bhatta, resident of At/Po-Baharana, Ps- Niali, Dist-Cuttack, declares that my actual name is Geetanjali Bhatta which has been mentioned in my Aadhar Card & Birth Certificate of my daughter Paliva Bhatta. But in KV-I, Bhubaneswar School Register of my daughter my name has been written as Gitanjali Bhatta. Gitanjali Bhatta & Geetanjali Bhatta is same and one person myself. This affidavit is to be produced before the principal. KV No-I Bhubaneswar for information & necessary correction.

**Sd/- Geetanjali Bhatta**

### AFFIDAVIT

By virtue of an affidavit No. 2577 sworn before Executive Magistrate, Bolagarh on dated: 20.09.2025, I Gitanjali Patra, W/o- Sahadeb Patra, resident of village-Ramachandrapur, Post-Bankoi, Ps- Bolagarh, Dist- Khordha declares that my actual name is Gitanjali Patra which is mentioned in Aadhar Card, but in school leaving certificate & RPLI Policy No. R-OR-EA-27040 my name has mentioned as A Geetarani Patra. In different instruments my name has mentioned Gitanjali Patra & A Geetarani Patra. Both names are of myself, one and same person. This affidavit is required to be submitted before the Branch/Sub Post Office, Bankoi for above said purposes.

**Sd/- Gitanjali Patra**

## ରୋଗୀ କଲ୍ୟାଣ ସମିତି ବୈଠକ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଡ଼ିକାଲ ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ଼ଃ ରମେଶ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଙ୍କ ପ୍ରତିନିଧି ସମୀର କୁମାର ସାହୁ, ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ,ଏନ୍ ଏ ସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ,ଡ଼ଃ ମନୋଜ କୁମାର ମହାନ୍ତି ଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ ମାନେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଖଡ଼ଗପୁର ଡିଭିଜନରେ କ୍ଷୁଦ୍ର ୟୁନିଟ୍ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ନୋଟିସ ନଂ: କେଜିପି/କ୍ୟାଟରିଂ-ଏମ୍‌ପିଏସ୍/୨୦୨୫, ତାରିଖ: ୧୫.୦୭.୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜିନାଲ କମର୍ସିଆଲ ମ୍ୟାନେଜର,ଖଡ଼ଗପୁର ଡିଭିଜନ, ଦକ୍ଷିଣ-ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି । (୧) ଖଡ଼ଗପୁରରେ ଏମ୍‌ପିଏସ୍ ୟୁନିଟ୍ ସ୍ଥାପନ ପାଇଁ ଇ-ନିଲାମ(୧), ଝାଡ଼ଗ୍ରାମ (୧), ଜଳେଶ୍ୱର(୩), କାନ୍ଥି(୨), ଚାକୁଲିଆ(୧), ମାର୍କୋଣା(୧) ଏବଂ ପାଂସକୁରା(୧) । କାଟଲଗ୍ ନଂ କେଜିପି-ଏମପିଏସ୍-୨୫-୦୬ରେ ୫ବର୍ଷ ପାଇଁ ଖଡ଼ଗପୁର ଡିଭିଜନ ଅଧୀନରେ ଥିବା ବିଭିନ୍ନ ରେଳ ଷ୍ଟେସନ ପାଇଁ । ନିଲାମ ତାରିଖ: ୨୫.୦୭.୨୦୨୫, ନିଲାମ ଆରମ୍ଭ ଏବଂ ବନ୍ଦ ସମୟ: ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୧.୦୦ ଯଥାକ୍ରମେ । (୨) ବେଙ୍ଗଲର ଶୀତଲପୁରଠାରେ କାଟରିଂ ୟୁନିଟ୍ ପାଇଁ ଇ-ନିଲାମ, ଶୀତଲପୁର ବେଙ୍ଗଲ (୧), ଝାଡ଼ଗ୍ରାମ(୧), ହନେରିଆ(୧), କାନ୍ଥି (୧), ଚାକୁଳିଆ (୧), ମାର୍କୋଣା (୨), ବାଦଲପୁର(୧), ଜାମଶୋଳା (୧), ବୁରମରା (୧), କୁଚାଇ(୧), ରାଜଲୁଖା(୧), କାନିମାହୁଲି(୧), ଆଶାପୂର୍ଣ୍ଣାଦେବୀ(୧), ଖଟକୁରା(୧), ଟିକ୍ରା(୧), ସୁଜଳପୁର)୧), ଲବଣସତ୍ୟାଗ୍ରହ ସ୍ମାରକ(୧), ୟୁଗପୁରା(୧), ରୁପ୍ସା(୨), ହଳଦୀପଦା(୧), ରାଣୀତାଲ (୨), ଖନ୍ତାପଡ଼ା(୨), ବାଙ୍ଗିରିପୋଷି(୧), ଭଞ୍ଜପୁର(୧), ବେତନଟୀ(୧), କୋକପରା(୧), ଦେଶପ୍ରାଣ (୨), ଧଳଭୂମଗଡ଼(୧), ବାହାନଗା ବଜାର(୨), ଗିଧନୀ(୧), ରାମନଗର ବେଙ୍ଗଲ(୨), ଗାଲୁଡିହ(୧), ନନ୍ଦକୁମାର(୨), ଘାଟଶୀଳା(୨), ରାଖା ମାଇନ୍ସ(୧), ବାରିପଦା (୧), ସୋର(୧) ଏବଂ କ୍ରିଷ୍ଣଚନ୍ଦ୍ରପୁର(୧) । କାଟଲଗ୍ ନଂ କାଟଲଗ୍-କେଜିପି-୨୫-୦୯ ଖଡ଼ଗପୁର ଡିଭିଜନର ବିଭିନ୍ନ ରେଳଷ୍ଟେସନରେ ୫ ବର୍ଷପାଇଁ । ନିଲାମ ତାରିଖ: ୨୯.୦୭.୨୦୨୫ । ନିଲାମ ଆରମ୍ଭ ସମୟ: ପୂର୍ବାହ୍ନ ୧୦ଟା ଏବଂ ନିଲାମ ବନ୍ଦ ତାରିଖ: ୩୦.୦୭.୨୦୨୫ । ସମୟ: ପୂର୍ବାହ୍ନ ୧୧ଟା, ଯାହାକି ଆମର ୱେବସାଇଟ୍: https://www.ireps.gov.in ରେ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇଛି । ଏଜେନ୍ସି, କାଟରିଂ କଣ୍ଟ୍ରାକ୍ଟର, ଇ-ନିଲାମ ବିଜ୍ଞପ୍ତି ସଂପର୍କିତ ସମସ୍ତ ବିବରଣୀ ଏହି ୱେବସାଇଟ୍‌କୁ ଯାଇ ପାଇପାରିବେ । ଅଧିକ ଅନୁସନ୍ଧାନ ଓ ସ୍ପଷ୍ଟୀକରଣ ଯଦି କିଛି ଥାଏ, ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସ ସହ ଯୋଗାଯୋଗ କରନ୍ତୁ ।

(PR-400) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

ଦକ୍ଷିଣ-ପୂର୍ବ ରେଳପଥ
ଆମେ ଖୁସିର ସହ ସେବା ଯୋଗାଉ

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଲ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
CAD-1127

ପତ୍ର ସଂଖ୍ୟା........୧୧୭........ **ବିଜ୍ଞାପନ** ତା୦୯.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଇଡ଼ବ୍ଲୁଏସ୍-ଏ-୪ (EWS-A-4), ବାଜିରାଉତ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ ଫେଜ୍- ୨ , ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦିଲ୍ଲିପ କୁମାର ମଲ୍ଲ, ପିତା-ଶ୍ରୀ ଭଜହରି ମଲ୍ଲ, ସା-ବାଗୁଲିପଡ଼ା, ପୋ-ଅଞ୍ଚାନପୁର, ଥାନା-ନେମାଳ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଦିଲ୍ଲିପ କୁମାର ମଲ୍ଲ ଉକ୍ତ ଫ୍ଲାଟଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶୁଭଜିତ୍ ସାହୁ, ପିତା-ଶ୍ରୀ ନରହରି ସାହୁ, ସା/ପୋ-ବାଙ୍ଗୁରସିଂ, ଥାନା-ମତଙ୍ଗ, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଫ୍ଲାଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ /ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0742/2526

### ODISHA HYDRO POWER CORPORATION LTD.

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT,
AT/POST: BALIMELA, DIST MALKANGIRI, PIN-764051(ODISHA)
E-mail:unit head_balimela@yahoo com/bhep.balimela@gmail.com
CAD-1116

**'e'-Procurement Notice**

**NOTICE INVITING TENDER NO.BHEP/ 22 /2025-26 DATED 14.07.2025**

The Unit Head, Balimela Hydro Electric Project, Balimela, Dist- Malkangiri invites percentage rate bids in **double cover** system i.e Cover-I (Technical Bid) & Cover II (Price bid) for the work through e-procurement from eligible contractors as detailed in the table below

| Sl. No. | Name of the Work | Approx. Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Construction of RCC drain at 5R-01 & 4R-03 quarters and laying of paver block inside 4R-03 & . 4R-04 qtr including construction of a septic tank, inspection chamber& soak way pit at 4R-04,BHEP,Balimela | 16,47,602.00 | 16,500.00 | 'C' &'D' class Civil Contractors registered with the state Govt./Central Govt./MES/ Railways | 6,000/-+ GST @ 18%= 7,080/- | 120days |

*Availability of bid document in the portal: From 10:00 Hrs of 18.07.2025 to 28.07.2025 (Upto12:00Hrs)*
*Last date & time of submission of bid: Up to12:00 Hrs of 28.07.2025*
*The date &Time of opening of the bid:12:00 Hrs onwards of 29.07.2025*
*(Only Technical bid)*
*Further details can be seen from the e-procurement portal https://tendersodisha.gov.in*

Sd/-Unit Head,
BHEP, Balimela

OIPR 04019/11/0101/2526

### PANCHAYAT SAMITI, GUMMA, DIST-GAJAPATI (ODISHA) PIN-761207

i-216

AdvNo-04/ 2025-26 Dt:14.07.2025

**Tender Call Notice**

Sealed tenders (Percentage rate) are invited for 02 nos of works from the interested "D"/"C" Class Contractors registered with the Govt. for execution of civil, works under Panchayat Samiti, Gumma, Dist-Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00PM of 28.07.2025** through Regd/Speed post and the same will be opened on **11.00AM of 29.07.2025**. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer, Gumma
Gajapati

OIPR 19347/11/0006/2526

### OFFICE OF THE MUNICIPAL COUNCIL: KEONJHARGARH

email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-11/2025-26
C-674

Letter No 5033 /KGM/ Date.14.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Civil Work.**
2- No of Work- 02 **Nos**
3-Value of works: Rs. **13,98,000 /- to 17,62,000/-**
4-Date & Time of availability of Bid document in the portal:
From. **16.07.2025** at 11.00 A.M. up to **28.07.2025** at 5.30 P.M.
5-Date of Opening of bid in portal. **31.07.2025** at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality
Further details can be seen from Website: www.tendersorissa.gov.in

Sd/- Executive Officer,
Keonjhargarh Municipality

OIPR 13115/11/0043/2526

### GOVERNMENT OF ODISHA, "e"-PROCUREMENT NOTICE

OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
B-291
No. 3487 Date 09.07.2025

**Invitation For Bids**

Bid Identification No. SER&BKHR - 07 /2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in Single Cover system in ONLINE MODE only. | |
| 2 | Nature of work | Construction of Farmer Rest Shed-cum-Information Centre |
| 3 | No. of work | 01No. work. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 19.07.2025 to 17.00 Hours of 28.07.2025 |
| 7 | Date of opening of Technical Bid | Dt. 29.07.2025 at 11:30 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/- Superintending Engineer,
Khariar (R&B) Division, Khariar

OIPR 34062/11/0029/2526

### MADHUSUDAN LAW UNIVERSITY

(State University Established under The Odisha Universities Act. 1989)
Station Road, Cuttack, Odisha - 753 003
Website : www.mlu.ac.in
W-32

Letter No-MLU/ 1981 /2025 Date: 15 .07. 2025

**QUOTATION/TENDER CALL NOTICE FOR HIRING OF VEHICLES**

Sealed Quotations/ tenders are invited from interested reputed Travel Agencies/Tour Operators/Private Individuals having valid GSTIN for providing Four(04) Petrol driven latest model car confirming to the terms and conditions for official use of Madhusudan Law University, Cuttack on monthly rent basis.

| Sl. No | Make & Model of the vehicle | No of vehicle |
|---|---|---|
| 1 | Innova car /Ciaz (Petrol) (latest model) | 01 |
| 2 | Swift Dzire / Etios / Tigor / Zest (Petrol) | 03 |

For detail terms and conditions interested bidders may visit our website www.mlu.ac.in The last date of receipt of tender through Speed Post/Registered Post /Courier / Personal delivery is **28th July, 2025 by 5.00 PM** and quotations shall be opened on the day of **29th July, 2025 at 3.00 P.M.** The authority reserves the right to accept or reject any or all tender without assigning any reason thereof.

Sd/
REGISTRAR

OIPR 11051/11/0012/2526



ମୁମ୍ବାଇ: ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ଆଜି ରାଜ୍ୟ ବିଧାନସଭାରେ ଏକ ମଜାଳିଆ ମନ୍ତବ୍ୟ ଦେଇ ଉଦ୍ଧବ ଠାକରେଙ୍କୁ ଶାସକ ମେଣ୍ଟ ଗୋଷ୍ଠୀରେ ଯୋଗ ଦେବାକୁ 'ଆମନ୍ତ୍ରଣ' ଜଣାଇଛନ୍ତି। ଏହି ମନ୍ତବ୍ୟ ବିଧାନସଭାରେ ହାସ୍ୟରସର ସୃଷ୍ଟି କରିଥିବା ବେଳେ ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ଏହାକୁ ଗୁରୁତ୍ୱ ନ ଦେଇ ଏକ ମଜା ଭାବେ ଗ୍ରହଣ କରିଛି। ବିଧାନସଭାରେ ବିରୋଧୀ ଦଳ ନେତା ତଥା ଶିବସେନା (ୟୁବିଟି) ସଦସ୍ୟ ଅମ୍ବାଦାସ ଦାନଭେଙ୍କ ବିଦାୟ ଉତ୍ସବରେ ଭାଷଣ ଦେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଫଡ଼ନାବିସ ଉଦ୍ଧବ ଠାକରେଙ୍କୁ ସମ୍ବୋଧନ କରି କହିଛନ୍ତି, 'ଉଦ୍ଧବଜୀ, ୨୦୨୯ ପର୍ଯ୍ୟନ୍ତ ଆମେ (ଶାସକ ଦଳ) ବିରୋଧୀ ଦଳକୁ ଯିବାର କୌଣସି ସମ୍ଭାବନା ନାହିଁ। କିନ୍ତୁ ଯଦି ଆପଣ ଏଠାକୁ (ଶାସକ ଦଳକୁ) ଆସିବାକୁ ଚାହାଁନ୍ତି, ତେବେ ବିଚାର କରନ୍ତୁ। ଏହା ଆପଣଙ୍କ ଉପରେ ନିର୍ଭର କରୁଛି। ଆମେ ବିଚାର କରିପାରିବୁ।' ଏହି ମନ୍ତବ୍ୟ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚାର ବିଷୟ ହୋଇଛି।

## ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରି

# ୧୦୦ଟି ଜିଲ୍ଲାରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ହେବ ତ୍ୱରାନ୍ୱିତ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛି। ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ। ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବା। ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ କମ୍ ଋଣ ବଣ୍ଟନର ତିନୋଟି ପ୍ରମୁଖ ସୂଚକ ଆଧାରରେ ୧୦୦ଟି ଜିଲ୍ଲାକୁ ଚିହ୍ନଟ କରାଯିବ। ମୋଟ୍ ଫସଲ କ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ହୋଲ୍ଡିଂର ଅଂଶକୁ ଆଧାର କରି ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲା ସଂଖ୍ୟା ନିର୍ଦ୍ଧାରଣ କରାଯିବ। ତଥାପି, ପ୍ରତ୍ୟେକ ରାଜ୍ୟରୁ ଅତି କମରେ ଗୋଟିଏ ଜିଲ୍ଲା ଚୟନ କରାଯିବ। ଯୋଜନାକୁ ଲାଗୁ କରିବା ପାଇଁ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ କମିଟି ଗଠନ କରାଯିବ। ଏହି କମିଟିଗୁଡ଼ିକ ପ୍ରଭାବୀ ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ତଦାରଖ ପ୍ରତି ଧ୍ୟାନ ଦେବ। ଜିଲ୍ଲା ଧନ ଧାନ୍ୟ କମିଟି ଦ୍ୱାରା ଗୋଟିଏ ଜିଲ୍ଲା କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଯୋଜନା ଚୂଡ଼ାନ୍ତ କରାଯିବ । ଏଥିରେ ପ୍ରଗତିଶୀଳ ଚାଷୀମାନେ ମଧ୍ୟ ସଦସ୍ୟ ରହିବେ। ଜିଲ୍ଲା ଯୋଜନାଗୁଡ଼ିକ ଫସଲ ବିବିଧତା, ଜଳ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, କୃଷି




ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାରଣ ଭଳି ଜାତୀୟ ଲକ୍ଷ୍ୟ ସହ ସଂଯୁକ୍ତ ହେବ। ପ୍ରତ୍ୟେକ ଧନ-ଧାନ୍ୟ ଜିଲ୍ଲାରେ ପ୍ରତି ମାସରେ ଏକ ଡ୍ୟାସବୋର୍ଡ ମାଧ୍ୟମରେ ୧୧୭ଟି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ ଉପରେ ଯୋଜନାର ଅଗ୍ରଗତି ତଦାରଖ କରାଯିବ। ନୀତି ଆୟୋଗ ମଧ୍ୟ ଜିଲ୍ଲା ଯୋଜନାଗୁଡ଼ିକର ସମୀକ୍ଷା ଏବଂ ମାର୍ଗଦର୍ଶନ କରିବ। ଏହି ଯୋଜନା ଫଳରେ ଅଧିକ ଉତ୍ପାଦକତା, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ସହିତ ସ୍ଥାନୀୟ ଜୀବିକା ସୃଷ୍ଟି ହେବ। ଘରୋଇ ଉତ୍ପାଦନ ବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା (ଆତ୍ମନିର୍ଭର ଭାରତ) ହାସଲ ହୋଇପାରିବ। ଏହି ୧୦୦ଟି ଜିଲ୍ଲାର ସୂଚକାଙ୍କରେ ଉନ୍ନତି ହେବା ସହିତ, ଜାତୀୟ ସୂଚକାଙ୍କଗୁଡ଼ିକ ସ୍ୱୟଂଚାଳିତ ଭାବରେ ଏକ ଊର୍ଦ୍ଧ୍ୱଗାମୀ ଗତିପଥରେ ଅଗ୍ରସର ହେବ।'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'କୁ ମଞ୍ଜୁର କରିଛି। ଏହି ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ଠାରୁ ଛଅ ବର୍ଷର ଅବଧି ଲାଗି କାର୍ଯ୍ୟକାରୀ ହେବ ଏବଂ ଏଥିରେ ଦେଶର ୧୦୦ଟି ଜିଲ୍ଲାକୁ ସାମିଲ କରାଯିବ। ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ପ୍ରଥମ ଥର ପାଇଁ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି କୃଷି ଉତ୍ପାଦକତା ବୃଦ୍ଧି କରିବା, ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଗ୍ରହଣୀୟତା ବୃଦ୍ଧି କରିବା, ପଞ୍ଚାୟତ ଓ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବଢ଼ାଇବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା। ୨୦୨୫-୨୬ ପାଇଁ ବଜେଟ ଘୋଷଣା ଅନୁଯାୟୀ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା' ଅଧୀନରେ ୧୦୦ଟି ଜିଲ୍ଲାର ବିକାଶ କରିବା। ଏହି ଯୋଜନା ୧୧ଟି ବିଭାଗ, ଅନ୍ୟାନ୍ୟ ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ର ସହିତ ସ୍ଥାନୀୟ ସହଭାଗୀତାରେ ୩୬ଟି ପ୍ରଚଳିତ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ନିମ୍ନ ଉତ୍ପାଦକତା, କମ୍ ଫସଲ ସଘନତା ଏବଂ କମ୍ ଋଣ ବଣ୍ଟନର ତିନୋଟି ପ୍ରମୁଖ ସୂଚକ ଆଧାରରେ ୧୦୦ଟି ଜିଲ୍ଲାକୁ ଚିହ୍ନଟ କରାଯିବ। ମୋଟ୍ ଫସଲ କ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ହୋଲ୍ଡିଂର ଅଂଶକୁ ଆଧାର କରି ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଜିଲ୍ଲା ସଂଖ୍ୟା ନିର୍ଦ୍ଧାରଣ କରାଯିବ। ପ୍ରତ୍ୟେକ ରାଜ୍ୟରୁ ଅତି କମରେ ଗୋଟିଏ ଜିଲ୍ଲା ଚୟନ କରାଯିବ। ପ୍ରତ୍ୟେକ ଧନ-ଧାନ୍ୟ ଜିଲ୍ଲାରେ ପ୍ରତି ମାସରେ ଏକ ଡ୍ୟାସବୋର୍ଡ ମାଧ୍ୟମରେ ୧୧୭ଟି ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ ଉପରେ ଯୋଜନାର ଅଗ୍ରଗତି ତଦାରଖ କରାଯିବ। ନୀତି ଆୟୋଗ ମଧ୍ୟ ଜିଲ୍ଲା ଯୋଜନାଗୁଡ଼ିକର ସମୀକ୍ଷା ଏବଂ ମାର୍ଗଦର୍ଶନ କରିବ।

## ଆଧାର ଅପଡେଟ୍ ନେଇ ଜରୁରି ସୂଚନା

ନୂଆଦିଲ୍ଲୀ: ଶିଶୁମାନଙ୍କର ଆଧାର କାର୍ଡ ଅପଡେଟ୍ ନେଇ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ ଏକ ଜରୁରୀ ସୂଚନା ଦେଇଛନ୍ତି। ପିଲାର ବୟସ ୭ ବର୍ଷ ହେଲେ ଆଧାର ଅପଡେଟ୍ ବାଧ୍ୟତାମୂଳକ ବୋଲି ୟୁଆଇଡିଏଆଇ କହିଛି। ୭ ବର୍ଷ ହୋଇଯାଇଥିବା ପିଲାମାନଙ୍କ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍ କରିବା ବାଧ୍ୟତାମୂଳକ ବୋଲି ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ଅଭିଭାବକମାନଙ୍କୁ କୁହାଯାଇଛି। ଯେକୌଣସି ଆଧାର ସେବା କେନ୍ଦ୍ର ଜରିଆରେ ଏହି କାର୍ଯ୍ୟ ହୋଇପାରିବ। ପାଞ୍ଚ ବର୍ଷରୁ କମ୍ ବୟସର ପିଲାଙ୍କ ଆଧାର ତିଆରି ବେଳେ କେବଳ ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣାର ପ୍ରମାଣପତ୍ର ଦରକାର ହୋଇଥାଏ। ସେହି ସମୟରେ ଟିପ ଚିହ୍ନ ଓ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରିବା ସମ୍ଭବପର ହୁଏ ନାହିଁ। ତେଣୁ ଯେଉଁ ପିଲାମାନଙ୍କୁ ପାଞ୍ଚ ବର୍ଷ ହୋଇଯାଇଛି, ସେମାନେ ଆଧାର ସେବା କେନ୍ଦ୍ରରେ ପହଞ୍ଚି ସେମାନଙ୍କ ଟିପଚିହ୍ନ, ନେତ୍ରପିତୁଳା ଓ ଫଟୋକୁ ଅପ୍‌ଡେଟ୍ କରିପାରିବେ। ପିଲାଙ୍କ ବୟସ ୫ରୁ ୭ ବର୍ଷ ମଧ୍ୟରେ ହୋଇଥିଲେ ଏହି ଅପ୍‌ଡେଟ୍ ମାଗଣାରେ ହେବ। ବୟସ ୭ ବର୍ଷ ଅତିକ୍ରମ କରିଥିବା ପିଲାମାନଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ପାଇଁ ୧୦୦ ଟଙ୍କା ଫି' ଲାଗିବ।

## ଗୁରୁଗ୍ରାମରେ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଉଦ୍‌ଘାଟିତ

# ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁତ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ସହ ଗୁରୁଗ୍ରାମରେ ୟୁକେର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ନୂଆ କରି ସ୍ଥାପିତ ହୋଇଥିବା ଭାରତ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ଶ୍ରୀ ପ୍ରଧାନ ଏ ନେଇ ଖୁସିବ୍ୟକ୍ତ କରିବା ସହ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଅଧୀନରେ ଦେଶରେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଏହା ଅନ୍ୟତମ ପଦକ୍ଷେପ। ବିଶେଷ ଭାବରେ ଭାରତ-ୟୁକେ ରୋଡମ୍ୟାପ୍ ୨୦୩୦ରେ ପରିକଳ୍ପିତ ଭାରତ-ୟୁକେ ସହଯୋଗର ଶିକ୍ଷା ସ୍ତମ୍ଭକୁ ମଜବୁତ୍ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସାଉଥ୍ ଆମ୍ପଟନ୍‌ର ଶୈକ୍ଷିକ ଉତ୍କର୍ଷତାର ଐତିହ୍ୟ ସହିତ ଆଗାମୀ ପିଢ଼ିର ନେତୃତ୍ୱ ଗଠନ କରିବା ଦିଗରେ ଏହା ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭାବରେ ଉଭା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମତରେ ଶିକ୍ଷା ହେଉଛି ଭାରତ ଏବଂ ୟୁକେ ମଧ୍ୟରେ ଏକ ଜୀବନ୍ତ ସେତୁ। ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ଗୁରୁଗ୍ରାମ କ୍ୟାମ୍ପସ୍‌ର ଉଦଘାଟନ ସେହି ସେତୁକୁ ଆହୁରି ମଜବୁତ୍ କରିବାର ଏକ ଅବସର। ଛାତ୍ରଛାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ସ୍ୱଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ପାଇବା ପାଇଁ ଏକ ଅତିରିକ୍ତ ବିକଳ୍ପ ପ୍ରଦାନ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ସାଉଥ୍ ଆମ୍ପଟନ୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଲୋକାର୍ପିତ ଗୁରୁଗ୍ରାମ କ୍ୟାମ୍ପସରେ ଷ୍ଟେମ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଭୋଟର ଲିଷ୍ଟରେ ନାମ ନ ଥିଲେ ହେବ ଜେଲ୍ : ମମତା



କୋଲକାତା: ବୁଧବାର ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳା ଭାଷାଭାଷୀ ପ୍ରବାସୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୋଲକାତାରେ ତୃଣମୂଳ କଂଗ୍ରେସର ଏକ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ମମତାଙ୍କ ସହ ତାଙ୍କ ଏମପି ଭଣଜା ଏବଂ ତୃଣମୂଳ ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଦଳର ନେତାମାନେ ଥିଲେ। ପଦଯାତ୍ରା ପରେ ମମତା ଏକ ସମାବେଶକୁ ମଧ୍ୟ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ନାହିଁ ସେମାନଙ୍କୁ ଜେଲ ପଠାଯିବ। ତୃଣମୂଳ କଂଗ୍ରେସ ଦ୍ୱାରା ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେବା ସମୟରେ ମମତା ଭାଜପା ଏବଂ କେନ୍ଦ୍ର ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ ଏବଂ କହିଥିଲେ ଯେ ମୁଁ ବଙ୍ଗାଳୀମାନଙ୍କ ଉପରେ ଅତ୍ୟାଚାର ସହ୍ୟ କରିବି ନାହିଁ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ପଶ୍ଚିମବଙ୍ଗ କ'ଣ ଭାରତରେ ନାହିଁ? ଏହା କ'ଣ ଦେଶର ଏକ ଅଂଶ ନୁହେଁ? ଏପରି ଅନେକ ରାଜ୍ୟ ଅଛି ଯେଉଁଠାରେ କେବଳ ଗୋଟିଏ ଭାଷା କୁହାଯାଏ।

# ରାଜନୈତିକ ପ୍ରତିବଦ୍ଧତାରୁ ଉପରକୁ ଉଠି ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦିଅ : ରାଜ୍ୟପାଳ

ରାୟପୁର: ଛତିଶଗଡ ରାଜ୍ୟପାଳ ରମଣ ଡେକା ବୁଧବାର ଛତିଶଗଡ ବିଧାନସଭା ପରିସରରେ ଆୟୋଜିତ ଉତ୍କୃଷ୍ଟତା ଅଳଂକରଣ ସମାରୋହରେ ଯୋଗଦେଇ କହିଥିଲେ ଯେ ରାଜନୈତିକ ପ୍ରତିବଦ୍ଧତାରୁ ଉପରକୁ ଉଠି ଲୋକଙ୍କ ସେବାକୁ ପ୍ରାଥମିକତା ଦେବା ଜରୁରୀ। ଏହି ଅବସରରେ ଛତିଶଗଡ ବିଧାନସଭା ବାଚସ୍ପତି ଡ. ରମଣ ସିଂ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ବିରୋଧଦଳ ନେତା ଚରଣଦାସ ମହନ୍ତ ବିଶିଷ୍ଟ ଅତିଥି ରୂପେ ସମାରୋହରେ ସାମିଲ ହୋଇଥିଲେ। ଏହି ଅବସରରେ ଭାବନାବୋହରା ଏବଂ ଲକ୍ଷେଶ୍ୱର



ବାଘେଲଙ୍କୁ ଉତ୍କୃଷ୍ଟ ବିଧାୟକଭାବେ ସମ୍ମାନୀତ କରାଯାଇଥିଲା। ସେହିପରି ଉତ୍କୃଷ୍ଟ ସଂସଦୀୟ ରିପୋର୍ଟ ପାଇଁ ଦୈନିକ ଭାସ୍କରର ବିଶେଷ ପ୍ରତିନିଧି ରାକେଶ କୁମାର ପାଣ୍ଡେୟ, ସୁଦର୍ଶନ ନ୍ୟୁଜ୍ ଚ୍ୟାନେଲର ରାଜ୍ୟ ବ୍ୟୁରୋ ମୁଖ୍ୟ ଯୋଗେଶ ମିଶ୍ରା ଏବଂ କ୍ୟାମେରା ମ୍ୟାନ୍ ବିଶ୍ୱପ୍ରକାଶ ପୁରେନାଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ସଂସଦୀୟ ବ୍ୟାପାର ମନ୍ତ୍ରୀ କେଦାର କାଶ୍ୟପ, ସାଂସଦ ଜ୍ୟୋତ୍ସ୍ନା ମହନ୍ତ, ବ୍ରଜମୋହନ ଅଗ୍ରୱାଲ, ବିଜୟ ବାଘେଲ, ବାଚସ୍ପତିଙ୍କ ଧର୍ମପତ୍ନି ବୀଣା ସିଂ,ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନି କୌଶଲ୍ୟା ସାଏ, ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ବିଧାୟକଗଣ ସାମିଲ ହୋଇଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଏଚ୍‌ପି ପକ୍ଷରୁ ଭାରତରେ ନୂଆ ଏଚ୍‌ପି ଲେଜର ଏମ୍‌୩୦୦ ସିରିଜର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଲେଜର ପ୍ରିଂଟର୍ ରେଞ୍ଜୁ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ଏମବି, ସ୍ଥାନୀୟ ବ୍ୟବସାୟ ଓ ପ୍ରିଂଟିଙ୍ଗ ସର୍ଭିସ ଦୋକାନଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ସିରିଜରେ ୫ଟି ମଡେଲ ଯଥା ଲେଜର ଏମଏଫପି ୩୨୩ଏସ୍‌ଡିଏନଡବ୍ଲ୍ୟୁ, ୩୨୩ଡିଏନଡବ୍ଲ୍ୟୁ, ୩୨୩ଡି, ୩୦୩ଡିଡବ୍ଲ୍ୟୁ ଓ ୩୦୩ଡି ସାମିଲ ରହିଛି ଯାହା ସୁଲଭ ମୂଲ୍ୟ ବର୍ଗରେ ଦ୍ରୁତ ଅଟୋ-ଡୁପ୍ଲେକ୍ସ ପ୍ରିଂଟିଙ୍ଗ, ଉନ୍ନତ ପ୍ରିଂଟ୍ ଗୁଣବତା ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି। ନୂଆ ଏଚ୍‌ପି ଲେଜର ଏମ୍‌୩୦୦ ସିରିଜକୁ ଭାରତୀୟ ବ୍ୟବସାୟଗୁଡିକ ପାଇଁ ନିର୍ମାଣ କରାଯାଇଛି ଯାହା ବେଗ, ମଜବୁତ ଡିଜାଇନ, କମ୍ ରକ୍ଷଣାବେକ୍ଷଣ ଓ ପରିବେଶ ଅନୁକୂଳ ପ୍ରିଂଟିଙ୍ଗ ଆବଶ୍ୟକ କରିଥାଏ।ଏ ସମ୍ପର୍କରେ ଏଚପି ଇଣ୍ଡିଆର ଇଣ୍ଡିଆ ବିଡିଏସଏଲ ମାର୍କେଟର ପ୍ରିଂଟ କ୍ୟାଟାଗୋରୀ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ସତିଶ କୁମାର କହିଛନ୍ତି, 'ଏଚ୍‌ପି ଲେଜର ଏମ୍‌୩୦୦ ସିରିଜ କମ୍ ରକ୍ଷଣାବେକ୍ଷଣ ସହିତ ଦ୍ରୁତ, ଉଚ୍ଚମାନର ଡୁପ୍ଲେକ୍ସ ପ୍ରିଂଟିଙ୍ଗ ପ୍ରଦାନ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନିର୍ମିତ, ଯାହା ଭାରତର ଗତିଶୀଳ ବ୍ୟବସାୟ ପରିଦୃଶ୍ୟରେ ବ୍ୟବସାୟଗୁଡିକୁ ବୃଦ୍ଧି ଏବଂ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ।

# ମଣ୍ଡି ମଜଦୁରଙ୍କ ପୁଅ ହେବେ ଡାକ୍ତର

ALLEN CAREER INSTITUTE
KOTA (RAJASTHAN)
path to success



କୋଟା: ରାଜସ୍ଥାନର ବାର୍ମେର ଚୋହଟନ ଅଞ୍ଚଳର ସୋଡିଆର ଗାଁର ବାସିନ୍ଦା ଡେରାଜରାମ ନିଟ୍ ୨୦୨୫ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଛନ୍ତି। ଡେରାଜରାମ ୭୨୦ରୁ ୬୨୮ ମାର୍କ ପାଇ ଅଲ୍ ଇଣ୍ଡିଆ ରାଙ୍କ ୨୮୫ ହାସଲ କରିଛନ୍ତି। ଡେରାଜରାମଙ୍କ ବାପା ଘେଭରରାମ ମଣ୍ଡିରେ ପାଲଲଦାଳି କାମ କରି ପରିବାର ପ୍ରତିପାଳନ କରନ୍ତି। ସୀମିତ ସମ୍ବଳ ଏବଂ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ, ଡେରାଜରାମ ହାର ମାନି ନଥିଲେ ଏବଂ ନିରନ୍ତର ଚେଷ୍ଟା ଜାରି ରଖିଥିଲେ। ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର ନିୟମିତ ଶ୍ରେଣୀଗୃହର ଛାତ୍ର ଡେରାଜରାମ ଜଣେ ଡାକ୍ତର ହୋଇ ତାଙ୍କ ଗ୍ରାମ ଏବଂ ଅଞ୍ଚଳର ଲୋକଙ୍କ ସେବା କରିବାକୁ ଚାହାଁନ୍ତି। ଡେରାଜରାମଙ୍କ ସଫଳତା ସେହି ସମସ୍ତ ଯୁବକଙ୍କ ପାଇଁ ପ୍ରେରଣା, ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜ ଲକ୍ଷ୍ୟ ପାଇଁ କଠିନ ପରିଶ୍ରମ କରିବା ବନ୍ଦ କରନ୍ତି ନାହିଁ। ଡେରାଜରାମ କହିଥିଲେ ଯେ ମୋ ବାପା ଶାରୀରିକ ଭାବରେ ସକ୍ଷମ ନୁହଁନ୍ତି। ତାଙ୍କୁ ଥରେ ୧୧ କେଭି ଲାଇନରେ ବିଦ୍ୟୁତ ଆଘାତ ଲାଗିଛି, ଯାହା ଯୋଗୁଁ ତାଙ୍କ ପାଦରେ ଥିବା ତଳି କ୍ଷତିଗ୍ରସ୍ତ ହୋଇଛି ଏବଂ ଆଙ୍ଗୁଠି ମଧ୍ୟ ବଙ୍କା ହୋଇଯାଇଛି, ଯାହା ଯୋଗୁଁ ସେ ଅଧିକ ସମୟ ପାଇଁ କାମ କରିପାରନ୍ତି ନାହିଁ। ଯଦି ସେ ଗୋଟିଏ ମାସ କାମ କରନ୍ତି, ତେବେ ତାଙ୍କୁ ପ୍ରାୟ ଗୋଟିଏ ମାସ ବିଶ୍ରାମ ନେବାକୁ ପଡ଼ିଥାଏ। ଡେରାଜରାମ କହିଥିଲେ ଯେ ମୁଁ ଡାକ୍ତର ହେବାକୁ ଚାହୁଁଥିଲି କିନ୍ତୁ ପରିବାରର ଅବସ୍ଥା ଏପରି ନଥିଲା ଯେ ମୁଁ କୋଚିଂ ପାଇପାରିବି। ମୁଁ ୨୦୨୧ ମସିହାରେ ଦ୍ୱାଦଶ ଶ୍ରେଣୀ ସହିତ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିଲି, ଯେଉଁଥିରେ ମୁଁ ୧୪୮ ମାର୍କ ପାଇଥିଲି। ଏହା ପରେ ମୁଁ ଘରକୁ ଫେରି ଆସିଲି ଏବଂ ଆଉ କଲେଜ ଗଲି ନାହିଁ। ମୁଁ ମୋ ପରିବାରକୁ କହିଲି ଯେ ମୁଁ ଡାକ୍ତର ହେବାକୁ ଚାହୁଁଛି। ମୁଁ ନିଟ୍ ୨୦୨୨ ଦେଇଥିଲି ଏବଂ ଏଥର ମୁଁ ୩୮୦ ମାର୍କ ପାଇଲି, ମୋର ଆତ୍ମବିଶ୍ୱାସ ଦୃଢ଼ ହେଲା। ମୁଁ ନିଷ୍ପତ୍ତି ନେଲି ଯେ ମୁଁ କୋଟା ଯାଇ କୌଣସି ପ୍ରକାରେ ପ୍ରସ୍ତୁତି କରିବି । ନିଟ୍ ପ୍ରସ୍ତୁତି ସମୟରେ ଡେରାଜରାମଙ୍କ ପ୍ରଦର୍ଶନ ଏବଂ ଆର୍ଥିକ ଅବସ୍ଥା ଦେଖି ଆଲେନ୍ ଫିସ୍‌ରେ ରିହାତି ଦେଇଥିଲେ। ୨୦୨୪-୨୫ ବର୍ଷରେ ଆଲେନ୍ ଫିସ୍‌ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେଇଥିଲେ। ଡେରାଜରାମ କହିଥିଲେ ଯେ ୧୯ ଜୁଲାଇ ୨୦୨୨ରେ ଘରେ ବହୁତ ଝଗଡ଼ା ହୋଇଥିଲା। ମୁଁ କୋଟା ଆସିବାକୁ ଚାହୁଁଥିଲି। ମୁଁ ବାପାଙ୍କୁ କହିଲି ଯେ କାହାଠାରୁ ଟଙ୍କା ଉଧାର ନେଇ ମୋତେ କୋଟାରେ କୋଚିଂ କରାଅ କିନ୍ତୁ ସେ ରାଜି ହେଲେ ନାହିଁ। ତା'ପରେ ମୁଁ କହିଲି ଯେ ତୁମେ ଯିବା ପାଇଁ ଭଡ଼ା ଦିଅ। ସେଠାରେ କିଛି କୋଚିଂ ହେବ ଯାହା ମୋର ସମସ୍ୟା ବୁଝିବ। ମୁଁ ୨ ହଜାର ଟଙ୍କା ନେଇ କୋଟା ଆସିଥିଲି। ଏଠାରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ରେ, ଯେତେବେଳେ ମୁଁ ବିପିଏଲ୍ କାର୍ଡ, ମନରେଗା ଜବ୍ କାର୍ଡ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଦେଖାଇଲି, ମୋତେ ଫିସ୍‌ରେ ରିହାତି ମିଳିଲା। ଏହା ପରେ ମୁଁ ମୋ ବାପାଙ୍କୁ ଫୋନ୍ କରି ମୋତେ ଗୋଟିଏ ବର୍ଷ ସମୟ ଦେବାକୁ କହିଲି। କୌଣସି ପ୍ରକାରେ ଟଙ୍କା ବ୍ୟବସ୍ଥା କର। ଠିକାଦାର କାଗାରାମ ଜୀ ଆମ ଘର ପାଖରେ ରୁହନ୍ତି। ସେ ସାହାଯ୍ୟ କରିବାକୁ ରାଜି ହେଲେ। ସେ ତିନି ବର୍ଷ ପାଇଁ ଫିସ୍ ସମେତ ଖାଦ୍ୟ ଏବଂ ରହିବାର ସମସ୍ତ ଖର୍ଚ୍ଚ ବହନ କଲେ। ମୁଁ ନିଟ୍ ୨୦୨୩ ରେ ୫୭୫ ମାର୍କ ପାଇଲି ଏବଂ ଏୟାର ୪୫୦୯୯ ମାର୍କ ପାଇଲି କିନ୍ତୁ ମେଡିକାଲ୍ କଲେଜ ପାଇପାରିଲି ନାହିଁ। ମୁଁ ସାହସ ହରାଇ ନଥିଲି ଏବଂ ପୁଣି ଥରେ ନିଟ୍ ୨୦୨୪ ଦେଇଥିଲି। ଏଥର ମୁଁ ୬୫୦ ମାର୍କ ଏବଂ ଇଓଜ ୨୬୩୫୧ ପାଇଲି। ମାର୍କ ଏବଂ ରାଙ୍କରେ ନିରନ୍ତର ଉନ୍ନତି ହେଉଥିଲା, କେବଳ ଏହି କାରଣରୁ ମୁଁ ବିଶ୍ୱାସ କରିଥିଲି ଯେ ସଫଳତା ବହୁତ ଦୂରରେ ନାହିଁ। ଆଲେନ୍‌ର ନିର୍ଦ୍ଦେଶକ ଡକ୍ଟର ନବୀନ ମାହେଶ୍ୱରୀ କହିଛନ୍ତି ଯେ ଆମର ପ୍ରୟାସ ହେଉଛି ଦାରିଦ୍ର୍ୟ ଏବଂ ଅନ୍ୟାନ୍ୟ ଶିକ୍ଷାର ଅଭାବ କୌଣସି ପ୍ରତିଭାବାନ ଛାତ୍ରଙ୍କ ଶିକ୍ଷା ପଥରେ ପ୍ରତିବନ୍ଧକ ନହେବା ଉଚିତ୍। ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଡେରାଜରାମ ଏବଂ ଅନ୍ୟାନ୍ୟ ପ୍ରତିଭାଙ୍କ ପାଇଁ ସର୍ବଦା ପ୍ରସ୍ତୁତ। ସମାଜରେ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଏପରି ଛାତ୍ରମାନଙ୍କୁ ସାହାଯ୍ୟ କରାଯାଉଛି। ଗାଁର ପିଲାମାନେ ଏବଂ ସେମାନଙ୍କ ପରିବାରର ସ୍ୱପ୍ନ ପୂରଣ ହୋଇପାରିବ।

## ସିଲଭରଟନ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ସିଲଭରଟନ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଲିଖନ ଓ ଛାପା କାଗଜ, କ୍ରାଫ୍ଟକାଗଜ, କପଷ୍ଟକ କାଗଜଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଧରଣର କାଗଜ ପ୍ରସ୍ତୁତ କରାଯାଉଛି। କମ୍ପାନିର କାଗଜ ଉତ୍ପାଦଗୁଡ଼ିକ ରିଟେଲ୍, କର୍ପୋରେଟ, ଶିକ୍ଷାନୁଷ୍ଠାନ, ସରକାରୀକ୍ଷେତ୍ର, ପ୍ୟାକେଜିଂ, ଏଫ୍‌ଏମସିଜି, ଖାଦ୍ୟ ଓ ପାନୀୟ ପ୍ୟାକେଜିଂ, କ୍ୱିକସର୍ଭିସ ରେଷ୍ଟୋରାଁର ତରଳ ପ୍ୟାକେଜିଂ, ଲାବେଲ ଓ ଷ୍ଟେସନାରି ସମାଧାନ ଏବଂ ଫାର୍ମା ପ୍ୟାକେଜିଂକ୍ଷେତ୍ରର ଆବଶ୍ୟକତା ପୂରଣ କରୁଛି। ସିଲଭରଟନ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ଇକ୍ୱିଟି ସେୟାର ଜାରି କରି ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। ନୂଆ ଇକ୍ୱିଟି ସେୟାର ଜାରି କରି ୩୦୦ କୋଟି ଟଙ୍କା ସଂଗ୍ରହ କରାଯିବ ଏବଂ ଅଫର ଫର ସେଲରେ ୩୨,୨୦୦,୦୦୦ ଇକ୍ୱିଟି ସେୟାର ବିକ୍ରି କରାଯିବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୧୭୭.୫୦ କୋଟି ଟଙ୍କାକୁ କମ୍ପାନି ୧୪ ମେଗାୱାଟର ବର୍ଜ୍ୟରୁ ଶକ୍ତି କ୍ୟାପଟିଭ ପାୱାର ପ୍ଲାଂଟ ଏବଂ କମ୍ପ୍ରେସଡ ବାୟୋଗ୍ୟାସ ପ୍ଲାଂଟ ସ୍ଥାପନ କରିବାରେ, ୩୪.୬୩ କୋଟି ଟଙ୍କାକୁ କାରଖାନାର ରିୱାଇଣ୍ଡର ଓ ସିଟର ଦକ୍ଷତାରେ ଉନ୍ନତି ଆଣିବା ଓ ନିଜସ୍ୱ ଗୋଦାମ ଘର ନିର୍ମାଣ କରିବାରେ, ୭୨ କୋଟି ଟଙ୍କାକୁ କମ୍ପାନି ଆଣିଥିବା ବିଭିନ୍ନ ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବାରେଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବା ପ୍ରସ୍ତାବ ଦେଇଛି। କମ୍ପାନିର ଇକ୍ୱିଟି ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଂଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ)ରେ ତାଲିକାଭୁକ୍ତ କରିବା ଲାଗି ରେଡହେରିଂ ପ୍ରୋସପେକ୍ଟସରେ ପ୍ରସ୍ତାବ ଦିଆଯାଇଛି।

## ଭୁବନେଶ୍ୱର ଲାଇଫ୍ ହୋଟେଲ୍‌ରେ 'ପାର୍‌ସୀ ଖାଦ୍ୟ ଉତ୍ସବ'

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଗ୍ରାହକଙ୍କ ଚାହିଦା ଓ ଅନୁରୋଧକୁ ଧ୍ୟାନରେ ରଖି ଭୁବନେଶ୍ୱର ଭୁବନେଶ୍ୱର ଲାଇଫ୍ ହୋଟେଲ୍‌ରେ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ହେଉଛି 'ପାରସୀ ଖାଦ୍ୟ ଉତ୍ସବ ଯାହା ୧୧ ଜୁଲାଇରୁ ୧୬ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହା ହେଉଛି ଏକ ସ୍ୱାଦ ଯାତ୍ରା – ଯେଉଁଥିରେ ଆପଣ ପାଇପାରିବେ ପାରସୀ ଖାଦ୍ୟର ଐତିହ୍ୟ, ପରିଚୟ ରୁଚି ଏବଂ ଆତ୍ମାର ସ୍ୱାଦ। ଏହି ଉତ୍ସବର ଖାସ ଆକର୍ଷଣ ହେଉଛି ବିଖ୍ୟାତ ସେଫ୍ ଡାଉଗ୍‌ଡୋ ରାଗିନା, ଯିଏ ପାରସୀ ଖାଦ୍ୟକୁ ଦେଇଛନ୍ତି ତାଙ୍କର ବିଶେଷ ସ୍ପର୍ଶ। ଚିକେନ୍ କୋକୋନଟ୍ କାରିର କ୍ରିମି ମଧୁରତା, ମଟନ୍ ଧନ୍ସାକ୍ ସହିତ ମଟନ୍ ମିନ୍ସ କବାବ୍, ଅଥବା ଚିକେନ୍ ଧନ୍ସାକ୍ ସହିତ କବାବ୍ – ପ୍ରତ୍ୟେକ ଡିସ୍ ଅଦ୍ଭୁତ ମିଶ୍ରଣ ଅତୁଟ ରୁଚିର ଦାବି କରେ। ତିକ୍ତା-ଟମାଟୋ ରସ ଭରିତ ପ୍ରନ୍ସ ପାଟିଓ ଓ ଫିଶ୍ ପାଟିଓ, ସେପରି ଜାରଦାଲୁ ମା ଚିକେନ୍ ଓ ଜାରଦାଲୁ ମା ଗୋଷ୍ତ – ଯେଉଁଠାରେ ମସୁରି ମାଂସ ଏବଂ କଜୁରୀର ମିଶ୍ରଣ ହୃଦୟକୁ ଛୁଇଁଯାଏ। ପାରସୀ ଖାଦ୍ୟ ହେଉଛି ପାରସିଆ ମୂଳ ଓ ଭାରତୀୟ ଆତ୍ମାର ଏକ ସୁନ୍ଦର ମିଶ୍ରଣ – ପ୍ରତ୍ୟେକ ଖାଦ୍ୟ ରେ ଅଛି ଏକ କାହାଣୀ, ଏକ ଅନୁଭୂତି। ଯଦି ଆପଣ ପାରସୀ ଖାଦ୍ୟ ପ୍ରେମୀ କିମ୍ବା ପ୍ରଥମ ଥର ପାଇଁ ଚାଖିବାକୁ ଚାହୁଁଛନ୍ତି, ତେବେ ଏହି ଉତ୍ସବ ଅପୂର୍ବ ଅବସର।

With Best Complime-ts from :

A Well Wisher



# ଖେଳ ଖବର



ମୁମ୍ବାଇ ; ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ସାଇନା ନେହୱାଲ । ତାଙ୍କ ସ୍ୱାମୀ ପାରୁପଲ୍ଲୀ କଶ୍ୟପ। ସାତ ବର୍ଷର ବୈବାହିକ ଜୀବନ ପରେ ବିବାହ ବିଚ୍ଛେଦ ହୋଇଛି। ସାଇନା ନେହୱାଲ ବାର୍ଷିକ ପ୍ରାୟ ୫ କୋଟି ଟଙ୍କା ରୋଜଗାର କରନ୍ତି। ବର୍ତ୍ତମାନ ତାଙ୍କ ନେଟ୍ ୱର୍ଥ ୩୬ କୋଟି ଟଙ୍କା ବୋଲି କୁହାଯାଉଛି। ସାଇନା ବିଶ୍ୱର ତୃତୀୟ ସବୁଠାରୁ ଧନୀ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅଟନ୍ତି। ସେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି, ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ, ବିଜ୍ଞାପନ ଓ ବ୍ୟକ୍ତିଗତ ନିବେଶ ଜରିଆରେ ରୋଜଗାର କରନ୍ତି। ଏହା ସହିତ ସାଇନାଙ୍କର 'ନାରିକ' ନାମକ ଏକ ବ୍ରାଣ୍ଡ ରହିଛି। ଯେଉଁଥିରେ ସେ ନିଜେ ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ହରିୟାଣାର ହିସାରରେ ଜନ୍ମଗ୍ରହଣ କରିଥିବା ସାଇନା ଛୋଟବେଳୁ ହାଇଦ୍ରାବାଦରେ ରହୁଛନ୍ତି। ୨୦୧୫ରେ ସେ ଏହି ସହରରେ ୫ କୋଟି ଟଙ୍କାର ଏକ ଆଲିଶାନ ଘର କିଣିଥିଲେ, ଯେଉଁଥିରେ ସମସ୍ତ ଆଧୁନିକ ସୁବିଧା ଉପଲବ୍ଧ। ଷ୍ଟାର ଖେଳାଳି ସାଇନାଙ୍କ ପାଖରେ ମର୍ସିଡିଜ ଏଏମଜି ଜିଏଲଇ ୬୩ କାର ରହିଛି। ଯାହାକୁ ସେ ୨୦୨୩ରେ ୨ କୋଟି ଟଙ୍କାରେ କିଣିଥିଲେ। ଏହା ସହିତ ତାଙ୍କ ପାଖରେ ୪୦ରୁ ୫୦ ଲକ୍ଷ ଟଙ୍କା ମୂଲ୍ୟର ମିନି କୁପର କାର ମଧ୍ୟ ରହିଛି। ଏହା ଛଡ଼ା ସାଇନାଙ୍କ ପାଖରେ ୫୦ ଲକ୍ଷ ଟଙ୍କା ମୂଲ୍ୟର ବିଏମଡବ୍ଲୁ ଓ ମର୍ସିଡିଜ ବେଞ୍ଜ କାର ମଧ୍ୟ ଅଛି। ୨୦୧୨ ଲଣ୍ଡନ ଓଲିମ୍ପିକ୍ସରେ ସିଲଭର ପଦକ ଜିତିଥିବା ସାଇନାଙ୍କୁ ଅର୍ଜୁନ ପୁରସ୍କାର, ପଦ୍ମଶ୍ରୀ ଓ ଭାରତ ସରକାରଙ୍କ ତରଫରୁ ଖେଳ ରତ୍ନ ସମ୍ମାନ ମିଳିଛି। ସାଇନାଙ୍କ ଏହି ସଫଳତା ଓ ଆଲିଶାନ ଜୀବନଶୈଳୀ ତାଙ୍କୁ କ୍ରୀଡ଼ା ଜଗତରେ ଏକ ଅନନ୍ୟ ପରିଚୟ ଦେଇଛି।

### ଟେଷ୍ଟ ମ୍ୟାଚ୍ ପରାଜୟ ପରେ ପ୍ରତିକ୍ରିୟା

## ଅତ୍ୟଧିକ ଆତ୍ମବିଶ୍ୱାସ ପାଇଁ ପରାଜୟ: ଗିଲ୍




ଲଣ୍ଡନ: ଲର୍ଡସରେ ତୃତୀୟ ଟେଷ୍ଟରେ ଭାରତ ୨୨ ରନରେ ପରାଜିତ ହୋଇଛି। ଏହି ପରାଜୟ ସହ ଭାରତୀୟ ଦଳ ଶୃଙ୍ଖଳାରେ ୧-୨ରେ ପଛୁଆ ରହିଛି। ଭାରତକୁ ଶୃଙ୍ଖଳା ଜିତିବାକୁ ହେଲେ ଶେଷ ଦୁଇଟି ଯାକ ଟେଷ୍ଟକୁ ଜିତିବାକୁ ପଡ଼ିବ। ଲର୍ଡସ ଟେଷ୍ଟକୁ ଭାରତ ହାତରୁ ଇଂଲଣ୍ଡ ଛଡ଼ାଇ ନେଇଥିଲା। ମ୍ୟାଚ୍ ପରେ ଅଧିନାୟକ ଶୁଭମନ ଗିଲ୍ କହିଥିଲେ; ଲର୍ଡସ ଟେଷ୍ଟରେ ଭାରତୀୟ ଦଳ ଉତ୍କର୍ଷ ପ୍ରଦର୍ଶନ କରିଥିଲା ଏବଂ ବିଜୟଠାରୁ ୨୨ ରନ ପଛରେ ରହି ଯାଇଥିଲା। ଚତୁର୍ଥ ଇନିଂସରେ ୧୯୩ ରନ୍ ଲକ୍ଷ୍ୟକୁ ହାସଲ କରିବା ନେଇ ଆମେ ନିଶ୍ଚିତ ଥିଲୁ। କିନ୍ତୁ ଦଳ ବ୍ୟାଟିଂ ବିଫଳତା ଭୋଗି ୧୭୦ ରନରେ ଅଲଆଉଟ୍ ହୋଇ ଯାଇଥିଲୁ ବୋଲି ଗିଲ୍ କହିଛନ୍ତି। ମ୍ୟାଚ୍ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗିଲ୍ କହିଛନ୍ତି, ୫ ଦିନର କଠିନ କ୍ରିକେଟ ପରେ ଶେଷ ଅଧିବେଶନ, ଶେଷ ୱିକେଟ ପର୍ଯ୍ୟନ୍ତ ଆମେ ଲଢେଇ କରିଥିଲୁ। ଲକ୍ଷ୍ୟ ବହୁତ ବଡ଼ ନଥିଲା। ଅଧିକ ଆତ୍ମବିଶ୍ୱାସ ପାଇଁ ଆମେ ପରାଜିତ ହେଲୁ। ଶୀର୍ଷ କ୍ରମ ବ୍ୟାଟିଂ ବିଫଳତା ଓ ବଡ଼ ଭାଗିଦାରୀ କରିବାରେ ଆମେ ବିଫଳ ହୋଇଥିଲୁ ବୋଲି ଗିଲ୍ କହିଛନ୍ତି। ବୋଲରମାନେ ବିଜୟ ସୁଯୋଗ ଦେଇଥିଲେ ମଧ୍ୟ ବ୍ୟାଟିଂ ବିଫଳତା ପାଇଁ ଆମେ ଏହା ହାସଲ କରିପାରିଲୁ ନାହିଁ । ଇଂଲଣ୍ଡ ବୋଲରମାନେ ଭଲ ବୋଲିଂ କରିଥିଲେ। ଶେଷ ଦୁଇ ମ୍ୟାଚରେ ଆମେ ଏହାଠାରୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ଗିଲ୍ କହିଛନ୍ତି।

### ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ

## ଜୋ ରୁଟ୍ ଏକ ନମ୍ବର



ନୂଆଦିଲ୍ଲୀ: ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ଇଂଲଣ୍ଡର ଷ୍ଟାର ବ୍ୟାଟ୍ସମ୍ୟାନ ଜୋ ରୁଟ। ସେ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଏକ ନମ୍ବର ବ୍ୟାଟ୍ସମ୍ୟାନ ହୋଇଛନ୍ତି । ଲର୍ଡସ ଟେଷ୍ଟରେ ଶତକ ହାସଲ କରିବା ରୁଟଙ୍କୁ ଫାଇଦାରେ ରଖିଥିଲା । ରୁଟ ୮୮୮ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟ୍ସମ୍ୟାନ କେନ ୱିଲିୟମସନ ୮୬୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଭାରତର ଶୁଭମନ ଗିଲ ଓ ଯଶସ୍ୱୀ ଜୈସୱାଲଙ୍କ ର୍ୟାଙ୍କିଙ୍ଗରେ ଅବନ୍ନତି ଘଟିଛି। ଯଶସ୍ୱୀ ୫ମ ଏବଂ ଗିଲ ୧୦ମ ସ୍ଥାନ ବଜାୟ ରଖିବା ପାଇଁ ସଂଘର୍ଷ କରୁଛନ୍ତି । ଗିଲ ୩ଟି ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ରହିଥିବା ବେଳେ ରିଷଭ ପନ୍ତ ୭ମରୁ ୮ମ ସ୍ଥାନକୁ ଆସି ଯାଇଛନ୍ତି । ଭାରତର ଏହି ୩ଜଣ ବ୍ୟାଟ୍ସମ୍ୟାନଙ୍କ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିବା ପାଇଁ ଏବେ ଭଲ ପ୍ରଦର୍ଶନ କରିବାକୁ ପଡିବ । ଅପରପକ୍ଷରେ ଯଶସ୍ୱୀଙ୍କୁ ପଛରେ ପକାଇ ଅଷ୍ଟ୍ରେଲିଆର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ ୪ ନମ୍ବର ସ୍ଥାନ ହାତେଇଛନ୍ତି।

### ୱେଷ୍ଟଇଣ୍ଡିଜ କ୍ରିକେଟ୍‌ର ଉନ୍ନତି ପାଇଁ ବୋର୍ଡ ପକ୍ଷରୁ ତତ୍ପର

## ୩ ମହାନ ଖେଳାଳିଙ୍କ ସଙ୍ଗେ କଲେ ପରାମର୍ଶ



କିଙ୍ଗଷ୍ଟନ: ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୨୭ ରନରେ ଅଲଆଉଟ ହେବା ୱେଷ୍ଟଇଣ୍ଡିଜ କ୍ରିକେଟରେ ହଇଚଇ ସୃଷ୍ଟି କରିଛି । ବିଶ୍ୱ କ୍ରିକେଟରେ ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର । ଏହା ପରେ କ୍ରିକେଟ ୱେଷ୍ଟଇଣ୍ଡିଜ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି । ୱେଷ୍ଟଇଣ୍ଡିଜ କ୍ରିକେଟର ୩ ମହାନ ଖେଳାଳି କ୍ଲାଇଭ ଲୟଡ, ଭିଭିଆନ ରିଚାର୍ଡ୍ସ ଓ ବ୍ରାଏନ ଲାରାଙ୍କୁ ବୋର୍ଡ ଡକାଇଛି । ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କରିବା ପରେ ବୋର୍ଡ ତାର ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ। ବୋର୍ଡ ଅଧକ୍ଷ କିଶୋର ଶୈଲେ କହିଛନ୍ତି ଏହା ଏକ ଔପଚାରିକତା ପଦକ୍ଷେପ ନୁହେଁ । ପୂର୍ବ ଭଳି କ୍ରିକେଟର ଉନ୍ନତି ପାଇଁ ଆମେ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛୁ । ଏହି ବୈଠକରେ ଶିବନାରିନଏନ ଚନ୍ଦରପାଲ, ଡେସମଣ୍ଡ ହେନ୍ସ ଓ ଇୟାନ ବ୍ରେଡଶେ ମଧ୍ୟ ଉପସ୍ଥିତ ରହିବେ । ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କ ବୋଲିଂ ସମସ୍ୟା ଏତେଟା ଖରାପ ନାହିଁ । ଭଲ ବ୍ୟାଟ୍ସମ୍ୟାନ ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ୨ଥର ଦିନିକିଆ ଓ ଟି୨୦ ବିଶ୍ୱକପ ଜିତିଥିବା ଟିମର ସଂଘର୍ଷକୁ ପ୍ରଶଂସକମାନେ ଗ୍ରହଣ କରିପାରୁ ନାହାନ୍ତି ।

## ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍‌ଆର ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ସିଏସଆର ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଭାରତରେ ରୱାଣ୍ଡା ଗଣରାଜ୍ୟର ହାଇକମିଶନର ଜ୍ୟାକଲିନ୍ ମୁକାଙ୍ଗିରା ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱାଦଶ ସିଏସଆର ସମ୍ମିଳନୀରେ ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର) ପ୍ରଶାନ୍ତ ହୋତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭାରତରେ ଭିଏତନାମର ରାଷ୍ଟ୍ରଦୂତ ମାନ୍ୟବର ଗୁୟେନ ଥାନ ହାଇ, ମହିଳା ଏବଂ ଶିଶୁ ବିକାଶ ବିଭାଗ ସଚିବ ଡକ୍ଟର ରଶ୍ମି ସିଂହ (ଆଇଏଏସ୍), ରାଷ୍ଟ୍ରିୟ ରକ୍ଷା ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ମେଜର ଜେନେରାଲ୍ (ଡ.) ରମେଶ କେ ରାଇନା (ଅବସର ପ୍ରାପ୍ତ), ଦି ଆୱେର କଞ୍ଜ୍ୟୁମରର ପ୍ରକାଶକ ଏବଂ ସମ୍ପାଦକ ପ୍ରଫେସର ବେଜନ୍ ମିଶ୍ର, ଏବଂ ଜୁରି ସଦସ୍ୟ ଏୟାର ମାର୍ଶାଲ ଶ୍ରୀ ଭି.ପି.ଏସ. ରାଣା, (ଅବସର ପ୍ରାପ୍ତ), ଜୁରି ସଦସ୍ୟ, ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଶୁ, ତୀରନ୍ଦାଜୀ, ଫୁଟବଲ୍, କ୍ରିକେଟ୍, କବାଡି, ହକି, ଖୋ ଖୋ ଏବଂ ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ଅବଦାନ ନିମନ୍ତେ ଜିନ୍ଦଲ ଫାଉଣ୍ଡେସନକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡ଼ା ଭିତ୍ତିଭୂମିର ସାମଗ୍ରିକ ବିକାଶ ଏବଂ ତୃଣମୂଳ ସ୍ତରର ପ୍ରତିଭାକୁ ଖୋଜିବା ସହିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ କ୍ରୀଡ଼ାବିତ ମାନଙ୍କୁ ବୃତ୍ତିଗତ କ୍ରୀଡା ତାଲିମ, ପୁଷ୍ଟିସାର ଖାଦ୍ୟ ସହାୟତା ଏବଂ ପରାମର୍ଶ ପ୍ରଦାନ କରାଯାଉଛି। ଏହି ପୁରସ୍କାର ପାଇଁ ଜୁରିଙ୍କୁ ଧନ୍ୟବାଦ ଜଣାଇ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଯୁବକଙ୍କୁ ନିଜ କ୍ରୀଡା କୌଶଳ ଦେଖାଇବାର ସୁଯୋଗ ମିଳିବା ଉଚିତ । କ୍ରୀଡା କେବଳ ଶାରୀରିକ ଉତ୍କର୍ଷତା ପାଇଁ ଏକ ପ୍ଲାଟଫର୍ମ ନୁହେଁ – ଏହା ସଶକ୍ତିକରଣ, ଶୃଙ୍ଖଳା ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ । ସମାଜିକ ଓ ପାରିବାରିକ ପରିସ୍ଥିତିବାହାରକୁ ଯାଇ ସ୍ୱପ୍ନ ଦେଖୁଥିବା ଗ୍ରାମୀଣ ଭାରତର ଯୁବପିଢ଼ିଙ୍କ ପ୍ରତି ଆମେ ଏହି ପୁରସ୍କାରକୁ ଉତ୍ସର୍ଗ କରୁଛୁ। ଏହି ପୁରସ୍କାର ଗ୍ରହଣ କରି, ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର) ପ୍ରଶାନ୍ତ ହୋତା କହିଛନ୍ତି, ଜିନ୍ଦଲ ଫାଉଣ୍ଡେସନ, ଏହାର ଆଦର୍ଶ ନବୀନ ଜିନ୍ଦଲ ଜୀଙ୍କ ଦୃଷ୍ଟିକୋଣରେ ଅନୁପ୍ରାଣିତ ହୋଇ ଏବଂ ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ପ୍ରେରଣାଦାୟକ ନେତୃତ୍ୱରେ, ଅଲିମ୍ପିକ୍ସରେ ପଦକ ଜିତିବା ଲକ୍ଷ୍ୟରେ ଭବିଷ୍ୟତ ପାଇଁ କ୍ରୀଡ଼ାବିତଙ୍କୁ ପ୍ରସ୍ତୁତ କରୁଛି। କ୍ରୀଡାବିତ୍ ତଥା ସାଂସଦ ଏବଂ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ, ଜିନ୍ଦଲ ଫାଉଣ୍ଡେସନର କ୍ରୀଡା ପଦକ୍ଷେପଗୁଡ଼ିକ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଅନ୍ୟାନ୍ୟ ଅଞ୍ଚଳର ୪୦,୦୦୦ ରୁ ଅଧିକ ଯୁବକ ଯୁବତୀଙ୍କ ନିକଟରେ ପହଞ୍ଚି ପାରିଛି। ଫାଉଣ୍ଡେସନ ଦ୍ୱାରା ପ୍ରୋତ୍ସାହିତ କ୍ରୀଡାବିତ ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଛନ୍ତି । ଜିନ୍ଦଲ ଫାଉଣ୍ଡେସନ କୋଡ଼ିଏରୁ ଅଧିକ ଖେଳ ପଡ଼ିଆ, ତିନୋଟି କ୍ରୀଡା କମ୍ପ୍ଲେକ୍ସ ଏବଂ ପନ୍ଦରଟି ଗ୍ରାମୀଣ ଜିମ୍ ବିକାଶରେ ସହାୟତା କରିଛି । ଓଡ଼ିଶାର ବଡବିଲରେ ଆଦିବାସୀ ପିଲାମାନଙ୍କ ପାଇଁ ଏକ କ୍ରୀଡା ଛାତ୍ରାବାସ ମଧ୍ୟ ପ୍ରତିଷ୍ଠା କରିଛି । ଏହି ଛାତ୍ରାବାସର ଅନେକ ଖେଳାଳି ଜାତୀୟ ଏବଂ ଅନ୍ତର୍ଜାତୀୟ ଉଶୁ ଟୁର୍ଣ୍ଣାମେଣ୍ଟରେ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜିନ୍ଦଲ ଫାଉଣ୍ଡେସନ ହେଉଛି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ସାମାଜିକ ବିକାଶ ଶାଖା, ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ କ୍ରୀଡା ଭଳି କ୍ଷେତ୍ରରେ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ବିକାଶ ପାଇଁ କାର୍ଯ୍ୟ କରୁଛି । ଏହାର ସାମଗ୍ରିକ ବିକାଶ ଲକ୍ଷ୍ୟରେ, ଫାଉଣ୍ଡେସନ ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚି ପାରିଛି ।

## ଚତୁର୍ଥ ଟେଷ୍ଟ: କରୁଣ ନାୟାରଙ୍କ ସ୍ଥାନ ନେବେ ସାଇ ସୁଦର୍ଶନ!



ମାଞ୍ଚେଷ୍ଟର: ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରି କରୁଣ ନାୟାର ଚୟନ କମିଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସେ ୮ ବର୍ଷ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୩ଟି ଟେଷ୍ଟ ଖେଳା ଯାଇଥିବା ବେଳେ କରୁଣ ସେଭଳି ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ଲର୍ଡସ ଟେଷ୍ଟର ଦ୍ୱିତୀୟ ଇନିଂସରେ ସେ ଧୈର୍ଯ୍ୟ ସହକାରେ ବ୍ୟାଟିଂ କରିବା ପରିବର୍ତ୍ତେ ଦାୟିତ୍ୱହୀନ ଶଟ ଖେଳି ଆଉଟ ହୋଇଥିଲେ । କୋଚ ଗୌତମ ଗମ୍ଭୀର ଏ ନେଇ ଅସନ୍ତୁଷ୍ଟ ଅଛନ୍ତି। ରିପୋର୍ଟ ମୁତାବକ ମାଂଚେଷ୍ଟର ଟେଷ୍ଟରେ କରୁଣଙ୍କ ସ୍ଥାନରେ ସାଇ ସୁଦର୍ଶନଙ୍କୁ ସୁଯୋଗ ମିଳିପାରେ। ଯଦି ଏହା ହୁଏ ତେବେ କରୁଣଙ୍କ ଟେଷ୍ଟ କ୍ୟାରିୟରର ପ୍ରାୟତଃ ଅନ୍ତ ଘଟିବ। ଡବ୍ଲ୍ୟୁ ଭି ରମଣଙ୍କ ପରି ପୂର୍ବତନ ଖେଳାଳିମାନେ ମଧ୍ୟ ଏବେ ସାଇଙ୍କୁ ସୁଯୋଗ ଦେବା ବୁଦ୍ଧିମାନର କାମ ହେବ ବୋଲି କହିଛନ୍ତି। କରୁଣ ୩ଟି ଟେଷ୍ଟରେ ୨୧.୮୩ ଆଭରେଜରେ ୧୩୧ ରନ ସଂଗ୍ରହ କରିଛନ୍ତି । ୪୦ ତାଙ୍କର ସର୍ବାଧିକ ସ୍କୋର ରହିଛି । ରମଣଙ୍କ ମତରେ ସାଇ ଏବଂ ଅଭିମନ୍ୟୁ ଇଶ୍ୱରନଙ୍କ ପରି ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ମିଳିଲେ ସେମାନଙ୍କ ଦକ୍ଷତା ପରଖି ହେବ।

## ରେସ୍‌ଲର ଦିବ୍ୟା କାକରନଙ୍କ ଛାଡ଼ପତ୍ର



ନୂଆଦିଲ୍ଲୀ: ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କ ପରେ ଏବେ ଆନ୍ତର୍ଜାତୀୟ ରେସଲର ଦିବ୍ୟା କାକରନ ତାଙ୍କ ପତିଙ୍କଠାରୁ ବିଧିବଦ୍ଧ ଭାବେ ଅଲଗା ହୋଇଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରି ଦିବ୍ୟା ଏ ସମ୍ପର୍କରେ ଜଣାଇଛନ୍ତି। ଏହା ମୋ ଜୀବନର ଏକ କଠିନ ନିଷ୍ପତ୍ତି ଥିଲା । ଭାବନାତ୍ମକ ଭାବେ ଜଡିତ ହେବା ପରେ ଅଲଗା ହେବା କଷ୍ଟକର ବୋଲି ସେ କହିଛନ୍ତି । ଜୀବନରେ ବେଳେ ବେଳେ ଆମେ ଏମିତି ପରିସ୍ଥିତିରେ ପଂହଚିଥାଏ ଯାହା କେବେ ପୂର୍ବରୁ ଭାବି ନ ଥିବୁ। ମୋର ପ୍ରତ୍ୟେକ ନିଷ୍ପତିରେ ମାତା, ପିତା ଓ ପରିବାର ଲୋକ ସମର୍ଥନ କରିଥିବାରୁ ସେମାନଙ୍କ ପାଖରେ ଋଣୀ ବୋଲି ଦିବ୍ୟା କହିଛନ୍ତି । ୨୧ ଫେବୃୟାରୀ ୨୦୨୩ରେ ସେ ମେରଠର ଜିମ ଟ୍ରେନର ସଚିନ ପ୍ରତାପ ସିଂଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟ ପରସ୍ପରକୁ ଭଲ ପାଉଥିଲେ। ୨୦୨୪ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିବାରୁ ରାଜ୍ୟ ସରକାର ତାଙ୍କୁ ତହସିଲଦାର ପଦରେ ନିଯୁକ୍ତ କରିଥିଲେ। ଏହା ପୂର୍ବରୁ ସେ ରେଲୱେରେ ଟିଟି ଭାବେ କାର୍ଯ୍ୟରତ ଥିଲେ। ୨୦୧୮ ଏସିଆନ ଗେମ୍ସ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡାରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ଟୋକିଓ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଇ କରିଥିଲେ ମଧ୍ୟ କୌଣସି କାରଣ ବଶତଃ ସୁଯୋଗ ପାଇ ନ ଥିଲେ। ୨୦୨୩ରେ ତାଙ୍କୁ ଅର୍ଜୁନ ପୁରସ୍କାର ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ୩୪ ବର୍ଷର ରେକର୍ଡ ଭାଙ୍ଗିଲେ ବୈଭବ ସୂର୍ଯ୍ୟବଂଶୀ

ଲଣ୍ଡନ: ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଇତିହାସ ରଚିଛନ୍ତି। ଏଥର ସେ ୩୪ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିବାର ସାକ୍ଷୀ ହୋଇଛନ୍ତି। ଭାରତର ୧୯ ବର୍ଷରୁ କମ ଦଳ ୫ ଟି ଦିନିକିଆ ସିରିଜ ୩-୨ ରେ ଜିତିଥିଲା, ଯେଉଁଥିରେ ବୈଭବ ସୂର୍ଯ୍ୟବଂଶୀ ୧୪୩ ରନର ବିସ୍ଫୋରକ ଇନିଂସ ସହିତ ସର୍ବାଧିକ ରନ କରିଥିଲେ। ବର୍ତ୍ତମାନ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ଟି ଟେଷ୍ଟ ସିରିଜ ଖେଳାଯାଉଛି। ବେକେନହାମରେ ଖେଳାଯାଇଥିବା ପ୍ରଥମ ୪ ଦିନିଆ ଯୁବ ଟେଷ୍ଟ ଡ୍ର ଥିଲା, କିନ୍ତୁ ଏଥିରେ ହୋଇଥିବା ରନ ୩୪ ବର୍ଷର ପୁରୁଣା ବିଶ୍ୱରେକର୍ଡ ଭାଙ୍ଗିଛି। ବୈଭବ ସୂର୍ଯ୍ୟବଂଶୀ ଏହାର ସାକ୍ଷୀ ହୋଇଛନ୍ତି। ବେକେନହାମରେ ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଯୁବ ଟେଷ୍ଟରେ, ଉଭୟ ଦଳ ମିଶି ୧୫ ଛକା ସହିତ ମୋଟ ୧୪୯୭ ରନ କରିଥିଲେ, ଯାହା ଏକ ନୂତନ ବିଶ୍ୱ ରେକର୍ଡ। ଏଥିରେ ଭାରତର ୧୯ ବର୍ଷରୁ କମ ଦଳ ଉଭୟ ଇନିଂସରେ ୧୦ଟି ଛକା ସହିତ ୭୪୮ ରନ କରିଥିଲା। ଇଂଲଣ୍ଡ ୭୦୯ ରନ କରିଥିଲା। ଭାରତ ଏବଂ ଇଂଲଣ୍ଡର ୧୯ ବର୍ଷରୁ କମ ଦଳ ଏକ ଯୁବ ଟେଷ୍ଟରେ ୧୪୯୭ ରନ କରି ୩୪ ବର୍ଷ ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛି, ଯାହା ୧୯୯୧ ମସିହାରେ ଚେମସଫୋର୍ଡରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ କରାଯାଇଥିଲା। ଉଭୟ ଦଳ ମିଶି ୧୪୩୦ ରନ କରିଥିଲେ।

### ସାହାଣୀ କପ୍ ଫୁଟବଲ୍

## ଆର୍‌ଏସ୍‌ପି ଏବଂ ଅନୁଗୋଳ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝରର ଷ୍ଟାଡିୟମ ପଡିଆ ଠାରେ ବୁଧବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଲିଗ କମ ଆଉଟ ପଦ୍ଧତିରେ ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ଯାଜପୁର ଜିଲ୍ଲା ବିପକ୍ଷରେ ୪-୧ ଗୋଲରେ ଏକ ସହଜ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୮ ତମ ମିନିଟରେ ରାଉରକେଲାର ୨୦ ନମ୍ବର ଖେଳାଳି ରୋହିତ ବାଦାୟାକ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରି ଦଳର ଆତ୍ମବିଶ୍ୱାସ ବୃଦ୍ଧି କରିଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲ ଅଗ୍ରଣୀ ରହିବାପରେ ଦ୍ୱିତୀୟକ୍ଷର୍ଦ୍ଧର ୫୪ତମ ମିନିଟରେ ରାଉରକେଲାର ଷ୍ଟ୍ରାଇକର ରମେଶ ଓରାମ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପୁନଶ୍ଚ ୭୦ତମ ମିନିଟରେ ରାଉରକେଲାର ମିଡ଼ ଫିଲଡର ପ୍ରଦୀପ ବରୁଆ ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିବା ବେଳେ ଏହାର ଠିକ ୫ ମିନିଟ ପରେ ଯାଜପୁର ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ କ୍ଷ ଖେଳ ସରିବାର ୧୧ ମିନିଟ ପୂର୍ବରୁ ରାଉରକେଲାର ୩ ନମ୍ବର ଖେଳାଳି ଅଶୋକ ଖଡ଼ିଆ ଦଳ ପକ୍ଷରୁ ଅନ୍ତିମ ଗୋଲଟି ସ୍କୋର କରି ବିଜୟ ବ୍ୟବଧାନ ୪-୧କୁ ବୃଦ୍ଧି କରିଥିଲେ। ଆଜି ଅନୁଷ୍ଠିତ ସାହାଣୀ କପର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଖେଳରେ ଘରୋଇ କେନ୍ଦୁଝର ଦଳ ଅନୁଗୋଳ ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟରେ କେନ୍ଦୁଝରର ମିଡ଼ ଫିଲଡର ଅଭିମନ୍ୟୁ ମହାକୁଡ଼ ଏକ ଦର୍ଶନୀୟ ଗୋଲ ଜରିଆରେ ଦଳକୁ ବିଜୟୀ କରି ସମସ୍ତଙ୍କ ମନ କିଣି ନେଇଥିଲେ। ଜିଲ୍ଲା ଅଥଲେଟିକ ଆସୋସିଏସନର ସମ୍ପାଦକ ତଥା ରାଜ୍ୟ ଉପସଭାପତି ଡ଼ଃ ଜନାର୍ଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସ୍ଥାର ସଭାପତି ଜିଲ୍ଲାପାଳ ବିଶାଳ ସିଂହ ଏବଂ ଉପସଭାପତି ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଆଇ.ଏ.ଏସ ପ୍ରଭେସନର ପବନ କୁମାର, ଓଡିଶା ଅଥଲେଟିକ ଆସୋସିଏସନର ରାଜ୍ୟ ଉପସଭାପତି ଡ଼ଃ ଗୌରଗୋବିନ୍ଦ ସାମନ୍ତ,ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂଘ ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସହସମ୍ପାଦକ ରବୀନ୍ଦ୍ର ପାଢି, ପୂର୍ବତନ ଜାତୀୟ ସ୍ତରୀୟ ଫୁଟବଲ ଖେଳାଳି ରାମ ଚନ୍ଦ୍ର ଦାଶ,ଜାତୀୟ ସ୍ତରୀୟ ଫୁଟବଲ ରେଫରୀ ଜଗନ୍ନାଥ ଲାୟକ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଫୁଟବଲ ପ୍ରତି କେନ୍ଦୁଝର ଜିଲ୍ଲାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କୋଷାଧକ୍ଷ ସରୋଜ କୁମାର ରଣା, କାଉନସିଲ ସଦସ୍ୟ ସନ୍ଦୀପ କୁମାର ବେହେରା, ସୁରେଶ ଚନ୍ଦ୍ର ରଣା ଓ ସନାତନ ବେହେରା, ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ମାର୍କଣ୍ଡ ସାମଲ, ବସନ୍ତ କୁମାର ସାହୁ, ରାଜକୁମାର ମିଶ୍ର, ବୀରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜିର ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ବାପୁନ ମହାନ୍ତ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟକ୍ଷର। ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର। ଚତୁର୍ଥ ରେଫରୀ ଥିଲେ ମହେଶ ପ୍ରଧାନ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

**Office of the Executive Engineer,**
**R.C.D, Road Division, Garhwa**
**CORRIGENDUM**

In partial modification of Tender Reference No.-RCD/Garhwa/758/2025-26 Date:-11.07.2025 [PR 357098 Road (25-26)_D under Road Division, Garhwa may be read as follows :-

| | |
|---|---|
| Name of Work | Widening And Srengthening/Reconsstruction Of Barwadih-Mandal-Bhandariya Road (Part -II, Ch. 25.00 km. to Ch. 45.00 km.) (Total Length = 20 km) for the year 2025-26 Under R.C.D.Road Division, Garhwa |
| Corrigendum Title | Changes in Following Dates |
| Corrigendum Detail | Please read the following date instead of the previous published date |

| | |
|---|---|
| Date of Publication of Tender on website | 22-07-2025, 10.30 A.M. |
| Last date/Time for receipt of bids | 11-08-2025, 12.00 Noon |

Executive Engineer
R.C.D,Road Division,Garhwa
PR 357442 Road(25-26)D

**ई0 प्रोक्यूरमेंट सेल,**
**कार्यपालक अभियंता का कार्यालय,**
**भवन निर्माण विभाग, भवन प्रमंडल, सिमडेगा**
**Email Id :- eengbcdsimdega@gmail.com**

**अल्पकालिन ई-प्रोक्योरमेन्ट नोटिस**

ई-टेन्डर रेफरेंस नं0– 06/2025-26/EE/BCD/BD,SIMDEGA. दिनांक–16-07-2025

| | | |
|---|---|---|
| 1. | कार्य का नाम | Renovation of Civil Court Main Building (8-Court) in Simdega District. |
| 2. | प्राक्कलित राशि (रू0) | रुपया 1,49,09,154.00 (एक करोड़ उनचास लाख नौ हजार एक सौ चौवन) रुपये मात्र। |
| 3. | कार्य पूर्ण करने की अवधि | 08 (आठ) माह। |
| 4. | वेबसाईड पर निविदा प्रकाशन की तिथि | 01.08.2025 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 08.08.2025 को दोपहर 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, भवन निर्माण विभाग, भवन प्रमंडल, सिमडेगा–835223 |
| 7. | निविदा खोलने की तिथि/समय एवं स्थान | 11.08.2025 के अपराह्न 11:30 बजे तक नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 86748–35234 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 86748–35234 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेंस विभाग, झारखण्ड सरकार के आदेश ज्ञापांक 120 दिनांक 03-10-2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06-10-2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा SOP के तहत अग्रधन की राशि उसी खाते में वापस होगी। अगर खातों को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।
13. अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

**Note :- UCAN Registration is mandatory for the Bidders.**

कार्यपालक अभियंता, भवन निर्माण विभाग,
भवन प्रमंडल, सिमडेगा
PR 357435 Simdega(25-26)#D

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



गुमशुदा महिला सरस्वती कुम्भकार, पुत्र प्रकाश कुम्भकार तथा पुत्री आशा कुम्भकार।

सर्व साधारण को सूचित किया जाता है कि आवेदक मुकेश कुम्भकार के द्वारा अपनी 1. पत्नी सरस्वती कुम्भकार, 2. पुत्र प्रकाश कुम्भकार, तथा 3. पुत्री आशा कुम्भकार, की गुमशुदगी के संबंध में बोड़ाम थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा 1. पत्नी लारू कुम्भकार, उम्र–22 वर्ष, पति–मुकेश कुम्भकार, 2. पुत्र प्रकाश कुम्भकार, उम्र–05 वर्ष तथा 3. पुत्री आशा कुम्भकार, उम्र–02 वर्ष 05 माह, पता–ग्राम–रूपसान, थाना–बोड़ाम, जिला– पूर्वी सिंहभूम, जमशेदपुर जो दिनांक–21.06.2025 को सुबह समय करीब 07:00 बजे अपने घर से बोड़ाम ब्लॉक जाने के लिए निकली थी लेकिन अभी तक वापस नहीं लौटी है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है:–1. पत्नी उम्र–22 वर्ष, कद–करीब 04 फीट 05 इंच, रंग–सांवला, बाल–काला, पहनावा–गुलाबी रंग का साड़ी, पैर में हवाई चप्पल, 02. पुत्र उम्र–05 वर्ष, कद–03 फीट 06 इंच, रंग–सांवला, माथा में टिकिक, पहनावा–जींस हाफ पैन्ट तथा 3. पुत्री उम्र–02 वर्ष 05 माह, कद–02 फीट 06 इंच, रंग–गोरा, बाल–काला, पहनावा–हरा रंग का दु पीस तीनों का भाषा–बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, पटमदा : 9431706496
थाना प्रभारी, बोड़ाम : 9430774617

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 357425 Police(25-26)#D

**कार्यालय, जिला परिषद, राँची**
**(अभियंत्रण शाखा)**

**अति अल्पकालीन ई-निविदा आमंत्रण सूचना**
टेन्डर रिफ्रेन्स नम्बर– DOPR/DE/Ranchi/08/2025-26

| S.No | योजना का नाम | स्वीकृत राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | राँची जिलान्तर्गत गेतलसूद में Community Centre का निर्माण सहित अन्य विकास कार्य। | 7,05,24,000.00 | 14,10,500.00 | 10,000.00 | 18 माह |

नोट :– केवल ई–टेण्डर ही स्वीकार होगें।

1. अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि – 24.07.2025
3. ई–निविदा की प्राप्ति की तिथि एवं समय–25.07.2025 से 31.07.2025 अपराह्न 5.00 बजे तक।
4. निविदा खोलने की तिथि–01.08.2025 को 5.00 बजे अपराह्न।
5. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची। ई–निविदा प्रकोष्ट का दुरभाष नं0– 7739519093
6. परिमाण विपत्र की राशि घट बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
8. Form of Bid एवं Bill of Quauntity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
9. निविदा डबल बीड प्रद्वति से होगा।
10. इस निविदा में जिला परिषद, राँची/भवन निर्माण विभाग में निबंधित समुचित श्रेणी के संवेदक ही भाग लेगें।

जिला अभियंता,
जिला परिषद, राँची
PR 357497 Panchayati Raj (25-26)_D

# ବିବିଧବର୍ଣ୍ଣ





ସନ୍ତୁଳିତ ଖାଦ୍ୟ ଆମ ଶରୀର ପାଇଁ କେତେ ଉପକାରୀ ତାହା ପ୍ରାୟ ଅନେକେ ଜାଣନ୍ତି। ହେଲେ ଏଭଳି ଖାଦ୍ୟର ସୁପ୍ରଭାବ ମାନସିକତା ଉପରେ ମଧ୍ୟ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। 'ସନ୍ତୁଳିତ ଖାଦ୍ୟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହୁଥିଲା। କେବଳ ସନ୍ତୁଳିତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ କଲେ ମଧ୍ୟ ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ।



## ପିତାମାତା ହେଲେ କିଆରା-ସିଦ୍ଧାର୍ଥ ପରିବାରରେ ଖୁସିର ଲହରୀ

ବଲିଉଡରୁ ଆସିଲା ଖୁସିର ଖବର। ମାତାପିତା ହେଲେ ଲୋକପ୍ରିୟ ଦମ୍ପତି କିଆରା ଆଡଭାନୀ ଏବଂ ସିଦ୍ଧାର୍ଥ ମାଲହୋତ୍ରା। ଗତକାଲି ଏହି ଦମ୍ପତି ଏକ ଶିଶୁ କନ୍ୟାକୁ ଏ ଦୁନିଆକୁ ସ୍ୱାଗତ କରିଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଦୁହିଁଙ୍କ ପ୍ରଶଂସକ ଏବଂ ଅନେକ ସେଲିବ୍ରିଟି କିଆରା ଏବଂ ସିଦ୍ଧାର୍ଥଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଛନ୍ତି। ଏହି ଦୁଇ କଳାକାର ଇନଷ୍ଟାଗ୍ରାମରେ ପୋଷ୍ଟ କରି ଶିଶୁକନ୍ୟାର ମାତାପିତା ହୋଇଥିବା ଜଣାଇଛନ୍ତି। ପୋଷ୍ଟର କ୍ୟାପସନରେ ଲେଖାଯାଇଛି ଯେ, 'ଆମର ହୃଦୟ ଆଜି ଖୁସିରେ ଭରିଯାଇଛି। ଆମର ଦୁନିଆ ସମ୍ପୂର୍ଣ୍ଣ ବଦଳି ଯାଇଛି। ଆମେ ଏକ ଶିଶୁକନ୍ୟାର ମାତାପିତା ହୋଇଛୁ। ଉଲ୍ଲେଖଯୋଗ୍ୟ, କିଆରା ଏବଂ ସିଦ୍ଧାର୍ଥଙ୍କର ଦେଖା ୨୦୨୧ ମସିହାରେ ନିର୍ମିତ ଫିଲ୍ମ 'ଶେରଶାହ'ର ସୁଟିଂ ସେଟରେ ହୋଇଥିଲା। ଏହି ଫିଲ୍ମରେ ସିଦ୍ଧାର୍ଥ, ପରମ ବୀର ଚକ୍ର ପାଇଥିବା ସ୍ୱର୍ଗତଃ କ୍ୟାପଟେନ ବିକ୍ରମ ବାତ୍ରାଙ୍କ ଭୂମିକାରେ ଅଭିନୟ କରିଥିଲେ। ଏଥିସହ କିଆରା ତାଙ୍କ ପ୍ରେମିକା ଡିମ୍ପଲ ଚିମାଙ୍କ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମର ସୁଟିଂ ସମୟରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଥିଲା ଏବଂ ପରେ ସେମାନେ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିଲେ। ଏହା ପରେ ୨୦୨୩ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଚଳିତ ବର୍ଷ ଫେବ୍ରୁଆରିରେ ଦୁହେଁ ମାତାପିତା ହେବାକୁ ଯାଉଥିବା ବିଷୟରେ ଏକ ପୋଷ୍ଟ କରି ଜଣାଇଥିଲେ।






## ଚାଲିଗଲେ ଅଭିନେତ୍ରୀ ବି. ସରୋଜା ଦେବୀ

ଭାରତୀୟ ସିନେମାର ଉଜ୍ଜ୍ୱଳ ନକ୍ଷତ୍ର ବି.ସରୋଜା ଦେବୀଙ୍କର ସୋମବାର ବେଙ୍ଗାଲୁରୁ ମଲ୍ଲେଶ୍ୱରମରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ନା କେବଳ କର୍ଣ୍ଣାଟକ ସାରା ଦେଶରେ ଶୋକର ଲହରି ଖେଳି ଯାଇଛି। ସିନେମା ଜଗତ ନା କେବଳ ଜଣେ ଅଭିନେତ୍ରୀଙ୍କୁ ହରାଇଛି ବରଂ ଏକ ଯୁଗକୁ ବିଦାୟ ଦେଇଛି। ଅଭିନୟ ସରସ୍ୱତୀ ଓ କନ୍ନଡଥୁ ପ୍ୟାଙ୍ଗିଲୀ ଭଳି ନାମରେ ପ୍ରସିଦ୍ଧ ସେ ଦକ୍ଷିଣ ଭାରତୀୟ ସିନେମାର ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ସେ କନ୍ନଡ, ତାମିଲ, ତେଲଗୁ ସମେତ ହିନ୍ଦୀ ଭାଷାରେ ୨୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସରୋଜା ଦେବୀ ୧୭ ବର୍ଷ ବୟସରେ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ ଓ ୧୯୫୫ରେ





ମୁକ୍ତିଲାଭ କରିଥିବା ଫିଲ୍ମ 'ମହାକବି କାଳି ଦାସ'ରେ ତାଙ୍କୁ ଦେଖାଯାଇଥିଲା। ତେବେ ୧୯୫୮ ମସିହାରେ ମୁକ୍ତିଲାଭ କରିଥିବା 'ନଦୋଦୀ ମନନ' ଫିଲ୍ମରେ ପରିଚୟ ମିଳିଥିଲା। ଏହି ଫିଲ୍ମରେ ସେ ଏମ.ଜି.ରାମଚନ୍ଦ୍ରନଙ୍କ ବିପକ୍ଷରେ ଅଭିନୟ କରିଥିଲେ। ବି. ସରୋଜାଙ୍କ ଜନ୍ମ ୭ ଜାନୁୟାରୀ ୧୯୩୮ରେ କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ। ବୋକ୍କାଲିଗା ପରିବାରରେ ଜନ୍ମିତ ସରୋଜା ଦେବୀଙ୍କ ପିତା ଭୈରପ୍ପା ପୋଲିସ ଅଫିସର ଥିଲେ ଓ ତାଙ୍କ ମା' ରୁଦ୍ରାମ୍ମା ଗୃହିଣୀ ଥିଲେ। ପିତାମାତାଙ୍କ ଚତୁର୍ଥ ସନ୍ତାନ ଥିଲେ ବି. ସରୋଜା। କୁହାଯାଏ ତାଙ୍କ ପିତା ତାଙ୍କୁ ନୃତ୍ୟ ଶିକ୍ଷା କରିବାକୁ କହିଥିଲେ ଓ ଅଭିନୟରେ କ୍ୟାରିୟର କରିବାକୁ ପ୍ରୋତ୍ସାହିତ କରୁଥିଲେ। ଅନ୍ୟପକ୍ଷେ ତାଙ୍କ ମା' ଅତ୍ୟନ୍ତ ରକ୍ଷଣଶୀଳ ଥିଲେ। ବି.ସରୋଜା ଦେବୀ କନ୍ନଡ ଫିଲ୍ମର ପ୍ରଥମ ସୁପରଷ୍ଟାର ଥିଲେ। ୧୯୫୯ରେ ମୁକ୍ତିଲାଭ କରିଥିବା 'ପୈଗାମ' ଫିଲ୍ମ ମାଧ୍ୟମରେ ସେ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ପାଦ ଥାପିଥିଲେ। ୧୯୫୫ରୁ ୧୯୮୪ ମଧ୍ୟରେ ସରୋଜା ଦେବୀ ଲଗାତାର ୧୬୧ଟି ଫିଲ୍ମରେ ଅଭିନୟ କରିଥିଲେ। ସେ ତାଙ୍କର ପୁରା କ୍ୟାରିୟରରେ ୨୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି।

## କେଶ ଝଡ଼ିବା ନେଇ ଚିନ୍ତିତ ଅଛନ୍ତି କି ?



ଦୀର୍ଘ ଓ ଘନ କେଶ ଉଭୟ ମହିଳା ଓ ପୁରୁଷ ସମସ୍ତଙ୍କ ପସନ୍ଦ। ମାତ୍ର ଯଦି କେଶ ଝଡ଼ିବା ଆରମ୍ଭ କରେ ତେବେ ମନରେ ଚିନ୍ତା ବଢ଼ିଯାଏ। ଉତ୍ତମ କେଶ ମନକୁ ମନ ହୋଇଯାଏନି। ସେଥିପାଇଁ ଆମକୁ କିଛି ଘରୋଇ ଉପଚାର କରିବାକୁ ପଡ଼ିଥାଏ। ଆଜିକାଲି ଲୋକ ଅନେକ ଘରୋଇ ଉପଚାର ଆପଣାଉଛନ୍ତି ମଧ୍ୟ। କେଶକୁ ବଢ଼ାଇବା ପାଇଁ ଲୋକ ସବୁଜ ଚା' ଓ ନିମ୍ବ ପତ୍ରକୁ ପ୍ରୟୋଗ କରିଥାନ୍ତି। ମାତ୍ର ଏହି ଦୁଇଟି ପତ୍ର ମଧ୍ୟରୁ କେଉଁଠି ଆପଣଙ୍କ କେଶ ପାଇଁ ଅଧିକ ଲାଭକାରୀ ଜାଣନ୍ତି କି ? ଏହି କଥା ଅଧିକାଂଶ ଲୋକ ଜାଣନ୍ତି ନାହିଁ। ଚାଲନ୍ତୁ ଜାଣିବା ଉତ୍ତମ କେଶ ପାଇଁ କ'ଣ କରିବେ। ସବୁଜ ଚା' ପତ୍ର ଏ ଦୃଷ୍ଟିରୁ ବହୁତ ଭଲ। ସବୁଜ ଚା' ପିଇବା ଯେପରି ଭଲ ତାହାକୁ ବାଟିକି ମୁଣ୍ଡରେ ଲେପ ଦେବା ବି ଭଲ ହୋଇଥାଏ। ନିମ୍ବ ପତ୍ରକୁ ବି ଲେପ କରି କେଶରେ ଲଗାଇବା ଭଲ। ଏହି ନିମ୍ବ ପତ୍ର କେଶରୁ ରୁପି ସମସ୍ୟା ବି ଦୂର କରିଥାଏ। ସବୁଜ ଚା' ଓ ନିମ୍ବ ପତ୍ରର ସ୍ପ୍ରେ ବି ସପ୍ତାହକୁ ଥରେ ଦୁଇ ଥର କରିବା ଭଲ। ସବୁଜ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କେଶର ବୃଦ୍ଧି ପାଇଁ ଖୁବ୍ ଭଲ କାମ କରେ। ସେହିପରି ନିମ୍ବରେ ରହିଛି ଆଣ୍ଟି ବାକ୍ଟେରିୟାଲ୍ ଏବଂ ଆଣ୍ଟି ଫଙ୍ଗଲ ଗୁଣ। ଯାହାକି କେଶ ଝଡ଼ିବା ସହ ରୂପି ସମସ୍ୟାରୁ ରକ୍ଷା କରେ।



## 'ମେଟ୍ରୋ ଇନ ଦିନୋ'ରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି ଆଦିତ୍ୟ

ଇତିମଧ୍ୟରେ ବିତିଯାଇଛି ୧୮ ବର୍ଷ । ୨୦୦୭ ମସିହାରେ 'ଲାଇଫ୍ ଇନ୍ ଏ ମେଟ୍ରୋ' ଫିଲ୍ମଟିକୁ ଚଳଚ୍ଚିତ୍ରପ୍ରେମୀ ଯଥେଷ୍ଟ ଭଲପାଇବା ଦେଇଥିଲେ। ଦୀର୍ଘ ବର୍ଷ ଅତିକ୍ରମ କଲା ପରେ ପୁଣି ଥରେ ସେହି ଫିଲ୍ମର ସିକ୍ୟୁଏଲ୍ ? 'ମେଟ୍ରୋ ଇନ ଦିନୋ' ମୁକ୍ତି ପାଇଛି। ପ୍ରଥମ ସିନେମା ସହିତ ଯୁକ୍ତ ଗାୟକ କେକେ ଏବଂ ଅଭିନେତା ଇରଫାନ ଖାନ ଦୁଇଜଣ ଏବେ ଏ ଦୁନିଆରେ ନାହାନ୍ତି। ତେବେ ତାରକାଖଚିତ ଏହି ନୂଆ ସିନେମାଟିରେ ବଲିଉଡର ବହୁ ନାମୀ ଅଭିନେତା-ଅଭିନେତ୍ରୀଙ୍କୁ ଦେଖିବାକୁ ମିଳିଛି। ୨୦୦୭ ମସିହାରେ ଅନୁରାଗ ବସୁଙ୍କ ନିର୍ଦ୍ଦେଶନାରେ ମୁକ୍ତି ପାଇଥିବା 'ଲାଇଫ୍ ଇନ୍ ଏ ମେଟ୍ରୋ'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ପ୍ରୀତମ ଚକ୍ରବର୍ତ୍ତୀ। ୧୮ ବର୍ଷ ପରେ ମୁକ୍ତିପ୍ରାପ୍ତ ସିକ୍ୟୁଏଲ୍‌ରେ ବି ଏହି ଦୁଇଜଣ ସମାନ ଦାୟିତ୍ୱ ନେଇଛନ୍ତି। ତେବେ ଅଭିନେତାମାନଙ୍କ ତାଲିକାରେ ପ୍ରାୟ ନୂଆ ଚେହେରା ଦେଖିବାକୁ ମିଳିଛି। ଅର୍ଥାତ ୧୮ବର୍ଷ ତଳର 'ଲାଇଫ୍ ଇନ୍ ଏ ମେଟ୍ରୋ' ସିନେମାର ଅଭିନେତା, ଅଭିନେତ୍ରୀମାନଙ୍କ ମଧ୍ୟରୁ କେହି ସିକ୍ୟୁଏଲରେ ଦେଖିବାକୁ ମିଳିନାହାନ୍ତି। କେବଳ ଜଣେ ଅଭିନେତ୍ରୀ ଭାବେ କୋଙ୍କନା ଶର୍ମା ସିକ୍ୟୁଏଲରେ ଅଭିନୟ କରିଛନ୍ତି। ଏହି ନୂଆ ଫିଲ୍ମରେ ପାରିଶ୍ରମିକ ଦୃଷ୍ଟିରୁ କିଏ ଆଗରେ କିଏ ପଛରେ ଆସନ୍ତୁ ନଜର ପକାଇବା। ବିଭିନ୍ନ ସର୍ବଭାରତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପାରିଶ୍ରମିକ ଦୃଷ୍ଟିରୁ ପଙ୍କଜ ତ୍ରିପାଠୀଙ୍କ ଅପେକ୍ଷା ଅନେକ ପଛରେ ଅଛନ୍ତି କୋଙ୍କନା। 'ମେଟ୍ରୋ ଇନ ଦିନୋ' ଫିଲ୍ମରେ ଅଭିନୟ କରିବାକୁ ଆନୁମାନିକ ଭାବେ ୭୫ରୁ ୧ କୋଟି ଟଙ୍କା ନେଇଛନ୍ତି କୋଙ୍କନା। ବଲିଉଡର ଏକାଂଶ ଦାବି କରନ୍ତି, ଏହି ସିନେମାରେ ଅଭିନୟ କରିବା ପାଇଁ ପଙ୍କଜ ତ୍ରିପାଠୀଙ୍କୁ ମିଳିଛି ୪ କୋଟି ଟଙ୍କା । ଅର୍ଥାତ୍ କୋଙ୍କନାଙ୍କ ତୁଳନାରେ ୪ଗୁଣ ଅଧିକ ପାରିଶ୍ରମିକ ପାଇଛନ୍ତି ପଙ୍କଜ। ଏହି ଫିଲ୍ମ ଜରିଆରେ ବହୁ ବର୍ଷ ପରେ ଆଦିତ୍ୟ ରୟ କପୁରଙ୍କୁ ରୋମାଣ୍ଟିକ୍ ଚରିତ୍ରରେ ଦେଖିବାକୁ ମିଳିଛି । 'ଆସିକି ୨'ରେ ଅଭିନୟ ପରେ ରୋମାଣ୍ଟିକ ଚରିତ୍ରରେ ଦର୍ଶକମାନେ ତାଙ୍କୁ ପସନ୍ଦ କରିଥିଲେ। କୁହାଯାଉଛି 'ମେଟ୍ରୋ ଇନ ଦିନୋ' ଫିଲ୍ମରେ ଅଭିନୟ କରିବାକୁ ୫ରୁ ୬ କୋଟି ଟଙ୍କାର ପାରିଶ୍ରମିକ ନେଇଛନ୍ତି ଆଦିତ୍ୟ। ଏହି ଫିଲ୍ମରେ ଆଦିତ୍ୟଙ୍କ ବିପକ୍ଷରେ ଦେଖିବାକୁ ମିଳିଛନ୍ତି ସାରା ଅଲ୍ଲୀ ଖାନ। ତେବେ ପାରିଶ୍ରମିକ ଦୃଷ୍ଟିରୁ ଆଦିତ୍ୟଙ୍କ ତୁଳନାରେ ପଛରେ ରହିଛନ୍ତି ସାରା। 'ମେଟ୍ରୋ ଇନ ଦିନୋ'ରେ ଅଭିନୟ କରି ସାରା ପାଇଛନ୍ତି ୩ କୋଟି ଟଙ୍କା। ଏହି ଫିଲ୍ମରେ ଗାୟକ ଚରିତ୍ରରେ ଅଭିନୟ କରିଛନ୍ତି ଅଲ୍ଲୀ ଫଜଲ ଯାହାଙ୍କୁ ମିଳିଛି ୩୦ ଲକ୍ଷ ଟଙ୍କା। ଅଲ୍ଲୀଙ୍କ ବିପକ୍ଷରେ ନାୟିକା ସାଜିଥିବା ସନା ଫାତିମା ଶେଖଙ୍କୁ ମିଳିଛି ୧ କୋଟି ଟଙ୍କା। ଅନୁରାଗ ବାସୁଙ୍କ ଏହି ସିକ୍ୟୁଏଲରେ ଅଭିନୟ କରିଛନ୍ତି ଅନୁପମ ଖେର। ଜାଣିବାକୁ ମିଳିଛି ଏହି ଫିଲ୍ମ ପାଇଁ ପ୍ରଯୋଜନା ସଂସ୍ଥା ତରଫରୁ ଅନୁପମଙ୍କୁ ୫ କୋଟି ଟଙ୍କା ପାରିଶ୍ରମିକ ଦିଆଯାଇଥିଲା। ତେବେ ଏଥିରେ ଅଭିନୟ କରିଥିବା ନୀନା ଗୁପ୍ତାଙ୍କୁ ଯଥେଷ୍ଟ କମ୍ ପାରିଶ୍ରମିକ ମିଳିଛି। ତାଙ୍କୁ ମାତ୍ର ୨୦ ଲକ୍ଷ ଟଙ୍କାରେ ସନ୍ତୁଷ୍ଟ ରହିବାକୁ ହୋଇଛି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ନରଣପୁର(ଭାସ୍କର ନ୍ୟୁଜ): କେନ୍ଦୁଝର ସହରର ଗୋପାଳପୁର ନିକଟରେ ଥିବା ମୁଣ୍ଡା ସାହିକୁ ସବୁଦିନିଆ ରାସ୍ତା ନଥିବା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଠାରେ ବର୍ଷାଦିନେ ଯିବାଆସିବା କରିବା ପାଇଁ ଲୋକଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ଏହି ଅଞ୍ଚଳ ବଣ ଜଙ୍ଗଲ ଘେରା ଭିତରେ ରହିଥିବାରୁ ଏଠାରେ ଅନେକ ସମୟରେ ହାତୀ ଆତଙ୍କ ଲାଗି ରହୁଛି । ସେଥିପାଇଁ ଲୋକେ ସଂଧ୍ୟାପୂର୍ବରୁ ଖରାପ ରାସ୍ତା ଯୋଗୁ ଘରକୁ ଫେରି ଆସିବାକୁ ଶ୍ରେୟ ମଣୁଛନ୍ତି । ରାସ୍ତା ଖରାପ ଥିବା କାରଣରୁ ଅନେକ ସମୟରେ ଭୟଙ୍କର ଦୁର୍ଘଟଣା ମାନ ଘଟୁଥିବା ଜଣା ପଡ଼ିଛି । ଏହି ଅଞ୍ଚଳ ଜଙ୍ଗଲ ପରିବେଷ୍ଟିତ ହୋଇଥିବାରୁ ଏଠାରେ ବିଷାକ୍ତ ତଥା ଭୟଙ୍କର ଲୋକଙ୍କ ମନରେ ସାପ ଭୟ ଲାଗି ରହୁଛି । ଜିଲାପ୍ରଶାସନ ପକ୍ଷରୁ ଏହି ଗ୍ରାମକୁ ସବୁଦିନିଆ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ମାନେ ଦାବି ଜଣାଇଛନ୍ତି ।



## ସମସ୍ୟା ଘେରରେ ବାଳକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟ

# ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ନାନା ସମସ୍ୟା ଘେରରେ ରହିଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କଟକ ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ଏହାର ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ଫାଟକ ସମ୍ମୁଖରେ ତାଲା ପକାଇ ଧାରଣା ଦେବା ସହ ନାରାବାଜି କରିଥିଲେ । ତେବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଘଟଣାସ୍ଥଳରେ ମାସକ ମଧ୍ୟରେ ବିଦ୍ୟାଳୟର ସମସ୍ୟା ସମାଧାନ କରାଯିବାର ନିର୍ଭର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଜିଗ୍ନିପୁର ବାଳକୃଷ୍ଣ ସରକାର ଉଚ୍ଚ ବିଦ୍ୟାଳୟ ଗତ ୧୯୭୧ ମସିହାରେ ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଛି । ଏହି ୫ଟି ଶ୍ରେଣୀରେ ୧୮୫ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି । ୫ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ ନିମନ୍ତେ ୧୧ଟି ଶିକ୍ଷକ ପଦବୀ ମଞ୍ଜୁର କରାଯାଇଥିଲା । ତେବେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଗତ ଜୁନ ୩୦ତାରିଖ ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ବଦଳରେ କୌଣସି ନୂତନ ଶିକ୍ଷକ ଯୋଗାଇ ଦିଆଯାଇନାହିଁ । ଫଳରେ ଛାତ୍ର ଛାତ୍ରୀମାନେ ବିଜ୍ଞାନ ଶିକ୍ଷାରୁ ବଂଚିତ ହେଉଥିବାରୁ ଅଭିଯୋଗ ହୋଇଛି । ସରକାର ରାଷ୍ଟ୍ରଭାଷା ହିନ୍ଦୀ ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନିରଞ୍ଜନ ପୃଷ୍ଟିଙ୍କୁ ସ୍ଥାନୀୟ ଆରୋ ହାଇସ୍କୁଲକୁ ଡେପୁଟେସନରେ ପଠାଯାଇଛି । ଶ୍ରୀ ପୃଷ୍ଟି ସପ୍ତାହରେ ୪ଦିନ ବିଦ୍ୟାଳୟରେ ଓ ଆରୋ ହାଇସ୍କୁଲରେ ୨ ଦିନ ଶିକ୍ଷା ପ୍ରଦାନ କରୁଛନ୍ତି । ସେହିପରି ଭାବେ କ୍ରୀଡା ଶିକ୍ଷକ ରାଜଗୋପାଳ ନାୟକଙ୍କୁ ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିବା କାରଣରୁ ଛାତ୍ର ଛାତ୍ରୀମାନେ ଶାରିରୀକ କ୍ରୀଡା କୌଶଳରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ବିଦ୍ୟାଳୟର କିରାଣୀ ବିରଜା ପ୍ରସାଦ ରାଉତରାୟ ଗତ ୨୦୨୪ ଜୁନ ୩୦ତାରିଖରୁ ଅବସର ଗ୍ରହଣ କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ବଦଳରେ କୌଣସି ନୂତନ କିରାଣୀ ଯୋଗାଇ ଦିଆଯାଇନଥିବା କାରଣରୁ ବିଦ୍ୟାଳୟର ସରକାରୀ କାଗଜପତ୍ର ପ୍ରସ୍ତୁତିରେ ବହୁ ସମସ୍ୟା ସୃଷ୍ଟି ହେଉଛି । ସେହିପରି ଭାବେ ବିଦ୍ୟାଳୟରେ ୨ଟି ପିଅନ ପଦବୀ ଖାଲି ପଡିଛି । ବିଦ୍ୟାଳୟର କୌଣସି ସମ୍ମିଳନୀ କକ୍ଷ ନଥିଲା ବେଳେ ଶ୍ରେଣୀ ଗୃହର ଅଭାବ ରହିଛି । ଏପରିକି ଗୋଟିଏ ଶ୍ରେଣୀ ଗୃହରୁ ପାଣି ଝରୁଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ କୌଣସି ଗୃହ ନାହିଁ । ଫଳରେ ବର୍ଷାଦିନେ ମଧ୍ୟାହ୍ନ ଭୋଜନ ରୋଷେଇ ନିମନ୍ତେ ବହୁ ସମସ୍ୟା ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀ ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ କୌଣସି ପରିସ୍ରାଗାର କିମ୍ବା ଶୌଚାଳୟ ନାହିଁ । ଏହି ସମସ୍ୟା ଗୁଡିକ ସମାଧାନ ନିମନ୍ତେ ବାରମ୍ବାର ଦାବି କରାଯାଇ ଆସୁଥିଲେ ମଧ୍ୟ କଟକ ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ପ୍ରତିବାଦରେ ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ ।

## ଝାଡାବାନ୍ତି ରୋଗୀଙ୍କୁ ଭେଟିଲେ ପ୍ରୟାସ ପ୍ରତିନିଧି ଦଳ



କଣାସ(ଭାସ୍କର ନ୍ୟୁଜ): ସଂପର୍ଣ୍ଣ କଣାସ ଅଂଚଳରେ ୧୫ଦିନ ଉର୍ଦ୍ଧ ହେଲା ବହୁ ଗ୍ରାମରେ ଝାଡାବାନ୍ତି ଲାଗିରହିବା ଦ୍ୱାରା ଶତାଧିକ ଲୋକ ଆକ୍ରାନ୍ତ ହେବା ଫଳରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ପ୍ରୟାସ ଅନୁଷ୍ଠାନର ସାଧାରଣ ସଂପାଦକ ଯୁବନେତା କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନୀଧି ମଣ୍ଡଳି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡାବାନ୍ତି ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ପ୍ରୟାସର ସଭାପତି ବରିଷ୍ଠ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଏବଂ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି କୌଣସି ଅବହେଳା କରାଗଲେ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରମୁଖ ସଂଗଠକ ବିଶ୍ୱଜିତ୍ ବଡଜେନା, ମେନକ୍ଷା ପ୍ରଧାନ, ୫ନଂ ଜୋନର ସଭାପତି ରାମଚନ୍ଦ୍ର ପରିଡା, ୩ନଂ ଜୋନର ସଭାପତି କିଶୋର ମାର୍ଥୀ, କଣାସ ପଞ୍ଚାୟତର ଯୁବ ସଂଗଠକ କାଳୁଚରଣ ଭୋଳ, ୪ନଂ ଯୋଜନର ସଂଯୋଜକ ପ୍ରଫୁଲ ପାଇକରାୟ, ବିଷ୍ଣୁଜୟ ମତଗଜସିଂହ ଉପସ୍ଥିତ ଥିଲେ । ପ୍ରଭାବିତ କ୍ଷେତ୍ରରେ ତୁରନ୍ତ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ସହିତ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ କରିବାପାଇଁ ପ୍ରୟାସ ପକ୍ଷରୁ ସରକାରଙ୍କ ନିକଟରେ ଦବିକରାଯାଇଛି । ଆଜି ବିଭିନ୍ନ ଗ୍ରାମରୁ ୪ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

## ୭୨ ଲି. ଦେଶି ମଦ ସହ ୨ ବାଇକ୍ ଜବତ: ୪ ଗିରଫ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆରେ ଦିନକୁ ଦିନ ବୃଦ୍ଧି ପାଉଛି ଚୋରା ମଦ ଚାଲାଣ, ସେ ଦେଶୀ ମଦ ହେଉ କିମ୍ବା ବିଦେଶୀ ମଦ ହେଉ କରଞ୍ଜିଆ ଉପଖଣ୍ଡର ଅଧିକାଂଶ ଗାଁରେ ଖୁଲମ୍ ଖୋଲ୍ଲା ଚାଲିଛି ମଦ ବେପାର । ଏହାକୁ ରୋକିବା ପାଇଁ କରଞ୍ଜିଆ ଅବକାରୀ ବିଭାଗ କରଞ୍ଜିଆ ସମେତ ଉପଖଣ୍ଡର ସମସ୍ତ ବ୍ଲକ ଓ ଏନଏସିର ସମସ୍ତ ଅଞ୍ଚଳରେ ନିଶାଦ୍ରବ୍ୟ ଓ ମାଫିଆ ମାନଙ୍କୁ ଧରିବା ପାଇଁ ଧରପକଡ ଜାରିରଖିଥିବା ରଖିଛି । ଆଜି ବିଭାଗ ପକ୍ଷରୁ କରଞ୍ଜିଆ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଦେଶି ମହୁଲି ମଦ ଚରା ବିକ୍ରି ହୋଉଥିବା କୌଣସି ବିଶେଷ ସୂତ୍ରରୁ ଖବର ପାଇ କରଞ୍ଜିଆ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଅତର୍କିତ ଭାବେ ଚଢ଼ାଉ କରି ୭୨ ଲିଟର ଦେଶି ମହୁଲି ମଦ ଜବତ କରିବା ସହ ଦୁଇଟି ବାଇକ୍ ଜବତ କରିଛି ଅବକାରୀ ବିଭାଗ । ଅଭିଯୁକ୍ତ ମାନେ ହେଲେ ଶରତ ଚନ୍ଦ୍ର ମହାନ୍ତ ନୂଆଗାଁ ତାଙ୍କ ପାଖରୁ ୨୨ ଲିଟର, ବିର୍ ସିଂ ମୁଣ୍ଡା ତାଙ୍କ ପାଖରୁ ୧୦ ଲିଟର ମହୁଲି ମଦ ସହିତ ଏକ ବାଇକ୍ ଜବତ କରାଯାଇଥିବା ବେଳେ ଅନ୍ୟ ଜଣେ କୁହନ୍ତି ହୋ ସରାସ୍ ପୋଷିଙ୍କ ପାଖରୁ ୧୫ ଲିଟର ଏବଂ ଅନ୍ୟ ସହକାମ ସୋରେନଙ୍କୁ କରଞ୍ଜିଆ ବାଇପାସ୍ ଛକ ନିକଟରେ ଧରିବା ସହିତ ୨୫ଲିଟର ଦେଶୀ ମହୁଲି ମଦ ଓ ଏକ ସ୍କୁଟିକୁ ଧରିବାରେ ସଫଳ ହୋଇଛି ଅବକାରୀ ବିଭାଗ । ଏ ନେଇ ଅବକାରୀ ଥାନାରେ କେଶ୍ ନମ୍ବର୍ ୭୮-୭୯-୮୦-୮୧/୨୫-୨ ୬ରେ ମାମଲା ରୁଜୁ କରାଯାଇଥିବା ଅବକାରୀ ଓଆଇସି ରଶ୍ମି ରଞ୍ଜନ ନାୟକ ସୂଚନା ଦେଇଛନ୍ତଶ । ଏହି ଚଢାଉ ଆଗକୁ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି । ଆଜିର ଚଢାଉରେ ଇନ୍ସପେକ୍ଟର ବିନୟ କୁମାର ତିର୍କୀ, ଓଆଇସି ରଶ୍ମି ରଞ୍ଜନ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ୍ ହୋଇଥିଲେ ।

## ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା

# ଛାତ୍ର ବିଜେଡିର ବିକ୍ଷୋଭ ଓ ପ୍ରତିବାଦ ସଭା



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ ପରିସରରେ ବୁଧବାର ପୂର୍ବାହ୍ନ ୧୧ଟାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି କ୍ଷ ବାଲେଶ୍ୱରସ୍ଥିତ ଏଫଏମ କଲେଜ ଛାତ୍ରୀଙ୍କ ମୃତ୍ୟୁ ପରି ଏକ ସମ୍ବେଦନଶୀଳ ଘଟଣାର ପ୍ରତିବାଦ ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଧାମନଗର ବିଜେଡ଼ି ଯୁବମୋର୍ଚ୍ଚା ସଭାପତି ସୁଧନ୍ୱା ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଧାମନଗର ବିଜେଡ଼ିର ବରିଷ୍ଠ ନେତା ଡା. ସଞ୍ଜୟ କୁମାର ଦାସ, ବିଜେଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ଓ ରୁଜାତା ପଣ୍ଡା, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ବିଜେଡି ନେତା ନବକିଶୋର ମଲ୍ଲିକ, ଗଣେଶ ପ୍ରସାଦ ନାୟକ, ଧନଞ୍ଜୟ ନାୟକ, ଅନ୍ନପୂର୍ଣ୍ଣା ପରିଡ଼ା, ବିଷ୍ଣୁ ଚରଣ ଜେନା, ପ୍ରଶାନ୍ତ ବେହେରା, ତାପସ ଦାସ, ଭରତ ସାହୁ, କ୍ଷୀରୋଦ ଶତପତି, ସରୋଜ ଦାସ, ପ୍ରଶାନ୍ତ ମଲ୍ଲିକ, ଛାତ୍ରୀ ଆଇଲିପସା ପଣ୍ଡା, ଶୁଭଶ୍ରୀ ପହ୍ଲାର, ଶାଶ୍ୱତୀ ନାୟକ, ସୋନାଲି ସାହୁ, ସଂଘମିତ୍ରା ନାଥ, ଇତିଶ୍ରୀ ସ୍ୱାଇଁ, ଛାତ୍ର ଗୌରାଙ୍ଗ ବଳ ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ମୃତା ଛାତ୍ରୀଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ ।

## ରଘୁନାଥପୁରରେ ନୂତନ ତହସିଲଦାରଙ୍କ କାର୍ଯ୍ୟରେ ଯୋଗଦାନ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ତହସିଲରେ ବୁଧବାର ନୂତନ ତହସିଲଦାର ଭାବେ ରାଜଲକ୍ଷ୍ମୀ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଅତିରିକ୍ତ ତହସିଲଦାର ତପନ କୁମାର ପରିଡାଙ୍କ ସହ ସମସ୍ତ ଆରଆଇ ଓ ତହସିଲ କର୍ମଚାରୀମାନେ ଫୁଲତୋଡ଼ା ଦେଇ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ତହସିଲଦାର ନାୟକ ପୂର୍ବରୁ ଭୁବନେଶ୍ୱର ମ୍ୟୁନିସପାଲିଟି କର୍ପୋରେସନରେ ଡେପୁଟୀ କମିଶନର ଭାବେ କାର୍ଯ୍ୟରତ ଥିଲେ । ଅଞ୍ଚଳବାସୀଙ୍କ ସହଯୋଗରେ କର୍ମଚାରୀଙ୍କ ସହ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ନାୟକ ପ୍ରକାଶ କରିଛନ୍ତି ।

## ଏଫ୍‌ଏମ୍ କଲେଜ ଛାତ୍ରୀ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଦାବି



ରାଜନଗର(ଭାସ୍କର ନ୍ୟୁଜ): ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଛାତ୍ରୀର ଆତ୍ମହତ୍ୟାର ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଫାଶି ଦିଆଯାଉ । ଏପରି ଦାବୀ କରି ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ । ଏହି ଅବସରରେ କଲେଜ ଗେଟ୍ ସମ୍ମୁଖରେ ଏବିଭିପିର ପ୍ରାୟ ୨୦/୨୫ ଜଣ ଛାତ୍ରୀ ବ୍ୟାନର ଧରି ବିଭିନ୍ନ ନାରାବାଜିରେ ପିଡିତାର ହତ୍ୟାକାରୀକୁ ଫାଶି ଦାବି କରିଛନ୍ତି । ଏହିପରି ବିଜୁ ଛାତ୍ର ଜନତାର କେଇଜଣ ଅଣଛାତ୍ରଙ୍କ ସହିତ ମିଶି ପିଡିତାଙ୍କୁ ନ୍ୟାୟଦାବି କରି କଲେଜ ଗେଟ୍ ସମ୍ମୁଖରେ ନାରାବାଜୀ କରୁଥିବା ଦେଖିବାକୁ ମିଳିଛି ।

## ବିଜେପିରେ ମିଶିଲେ ବିଭିନ୍ନ ଦଳର ଶତାଧିକ କର୍ମୀ

ନିଆଳି(ଭାସ୍କର ନ୍ୟୁଜ): ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଏବେଠୁ ନିଆଳି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ନିଆଳି ବିଧାୟକ ଛବି ମଲିକ, ବିଭିନ୍ନ ରାଜନୀତିକ ଦଳର କର୍ମୀଙ୍କୁ ଆଣି ବିଜେପିରେ ମିଶିବା ଆରମ୍ଭ କଲେଣି । ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ଅଲଣା ପଞ୍ଚାୟତ ପ୍ରସଙ୍ଗ ଗ୍ରାମରେ ଥିବା ମହାଦେବଙ୍କ ପୀଠରେ ୧୨ ଗୋଟି ଗ୍ରାମରୁ ବିଭିନ୍ନ ଦଳର ଶତାଧିକ କର୍ମୀଙ୍କୁ ନେଇ ନିଆଳି ବିଧାୟକ ଶ୍ରୀ ମଲିକଙ୍କ ଉପସ୍ଥିତିରେ ମୁନା ପାଢ଼ୀ ଓ ପ୍ରଦୀପ୍ ମହାନ୍ତିଙ୍କ ତତ୍ୱାବଧାନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି ମିଶ୍ରଣ ପର୍ବରେ ସରପଞ୍ଚ ପ୍ରତିମା ମଲିକ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ବିଶ୍ୱାଳ, ବିଜେପି ନେତା ଶଶିକାନ୍ତ ଲେଙ୍କା, ଅରାକ୍ଷିତ ମଲିକ, ମକରା ସାହୁଙ୍କ ସମେତ ଅନେକ ଆଗ ଧାଡ଼ିର ବିଜେପି କର୍ମୀ ଉପସ୍ଥିତ ଥିବା ବେଳେ ଭାରତୀୟ ଜନତା ପାଟି ଉପରେ ବିଶ୍ୱାସ ରଖି ବିଭିନ୍ନ ଦଳର ଶତାଧିକ କର୍ମୀ ମିଶିଥିବା କହିଛନ୍ତି ।



## ରଷିକୂଲ୍ୟା କୂଳଘାଇରେ ପାହାଚ ନିର୍ମାଣ ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



ଛତ୍ରପୁର(ଭାସ୍କର ନ୍ୟୁଜ): ପୁରୁଷୋତ୍ତମପୁର ବ୍ଲକ ହୁଣ୍ଡତ ଗାଁ ନିକଟ ରଷିକୂଲ୍ୟା ନଦୀରେ କୂଳଘାଇ ନିର୍ମାଣ ହୋଇଛି । ଉକ୍ତ ନଦୀକୁ ଯିବାଆସିବା ରାସ୍ତା ବହୁତ ଉଚ୍ଚ ରହିଛି ଏବଂ ବର୍ଷା ଦିନେ ଏହି ରାସ୍ତା ବହୁତ ଖରାପ ରହୁଛି । ଉକ୍ତ କୂଳଘାଇରେ ନଦୀକୁ ଯିବା ପାଇଁ ପାହାଚ ନିର୍ମାଣ ହୋଇନି । ଏହି ପାହାଚ ନିର୍ମାଣ ପାଇଁ ୨୦୨୩ ଓ ୨୦୨୪ରେ ୨ ଥର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଯାଇଥିଲେ । ମାତ୍ର ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇନି, ଗତ ୧୪ରେ ପଦ୍ମା ସେଠି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ଗୋଡ ଖସି କଚାଡି ହୋଇ ପଡ଼ିଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହା ନିର୍ମାଣ ଲାଗି ବୁଧବାର ଗ୍ରାମବାସୀ ଛତ୍ରପୁର ଆସି ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଅନୁରୋଧ କରିଥିଲେ । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀ କହିଛନ୍ତି ।

## ଦିବ୍ୟାତ୍ମାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସନ୍ଥ ଓ ଗୁରୁ ପୂଜନ



କଣ୍ଡାପଡ଼ା(ଭାସ୍କର ନ୍ୟୁଜ): କଣ୍ଡାପଡ଼ା ବ୍ଲକ୍ ଅନ୍ତର୍ଗତ ଭୋଦଳ ଗ୍ରାମରେ ଦିବ୍ୟାତ୍ମା ଧ୍ରୁବ ଚରଣ ଭୋଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ଆନୁକୂଲ୍ୟରେ ଗୁରୁ ପୂଜନ ଓ ସନ୍ଥ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରାଚୀ ଆଶ୍ରମରୁ ଆସିଥିବା ଗୁରୁ ଦେବ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ବିଗ୍ରହଙ୍କୁ ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମ ସଙ୍କୀର୍ତ୍ତନ ସହିତ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ, ମଧୁ ନିର୍ମାଲ୍ୟ ବାସ ଭବନରେ ଅଣାଯାଇଥିଲା । ପରେ ପରେ ଗୁରୁ ଦେବଙ୍କ ବିଗ୍ରହଙ୍କୁ ଅଷ୍ଟସଖୀ ବନ୍ଦାପନା ସହ ଗୁରୁ ପୂଜନ ଓ ସନ୍ଥ ସେବା କରାଯାଇଥିଲା । ଜୀବନରେ ମାନବ ଶରୀର ପାଇଁ ଖାଦ୍ୟ ଯେପରି ଆବଶ୍ୟକ । ସେହିପରି ଭାବେ ନିୟମିତ ପ୍ରାର୍ଥନା ମାନବର ମନକୁ ଶାନ୍ତ ଓ ଶୃଙ୍ଖଳିତ ଜୀବନଯାପନ ପାଇଁ ନିତାନ୍ତ ଆବଶ୍ୟକ । ତେବେ ଗୁରୁ ଆଜ୍ଞା ବଳବାନ ମନେ କରି ସମାଜର ହିତସାଧନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରାଚୀ ଆଶ୍ରମର ମଠାଧୀଶ ଦାମୋଦର ଦାସ ମହାରାଜ ବକ୍ତବ୍ୟ ପ୍ରଦାନ କରିବା ସହିତ ଶ୍ରୀ ଭୋଇଙ୍କ ସ୍ମୃତିଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦୁର ଭାଇ,ବ୍ରଜ ଭାଇ, ପାଗଳ ଭାଇ, ପ୍ରବୀର ଭାଇ, ଟୁଲୁ ଭାଇ, ବିଚ ଭାଇ, ଧୋବେଇ ଭାଇ ଓ ଟୁନିଆ ଭାଇ ପ୍ରମୁଖ ପରିଚାଳନା କରିଥିଲେ ।

## ବିଏଲ୍‌ଓ-ସୁପରଭାଇଜରଙ୍କ ଜାତୀୟସ୍ତରୀୟ ଭୋଟର ତାଲିମ ଶିବିର




କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ସଭା ଗୃହାରେ ବିଏଲଓ -୧୦୨ ଓ ସୁପରଭାଇଜର-୧୧ଙ୍କୁ ନେଇ ଆଗାମୀ ଭୋଟର ସଂଯୁକ୍ତ କାର୍ଯ୍ୟ ପାଇଁ ଜାତୀୟ ସ୍ତରୀୟ ଭୋଟର ତାଲିମ୍ ପ୍ରଶିକ୍ଷଣ ବ୍ଲକ ସଭାଗୃହରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଟରମାନଙ୍କୁ ଯୋଗ, ବାଦ, ସଂଶୋଧନ, ଆଧାର ସଂଯୋଗ, ପ୍ରବାସୀ ଭାରତୀୟଙ୍କୁ ଯୋଗ, ପ୍ରଭୃତି ଫର୍ମର ପୂରଣ ସଂକ୍ରାନ୍ତୀୟ ତାଲିମ୍ ଦେବା ସହିତ ଗୃହରୁ ଗୃହ ବୁଲି ଭୋଟର ଓ ପ୍ରବାସୀ, ବିଦେଶୀ, ଅନୁପସ୍ଥିତ, ଦୋହରା ଭୋଟରଙ୍କୁ ଚିହ୍ନଟ ଓ ପଦକ୍ଷେପ ନେବା ପାଇଁ ପ୍ରଶିକ୍ଷଣ କରାଯାଇଥିଲା । ଅନଲାଇନରେ ବିଏଲଓ ଆପ, ଭୋଟର ହେଲ୍ପ ଲାଇନ, ଏନଭିଏସପି ଆପ, ଇସିଆଇ ୱେବ ସାଇଡ୍ ମାଧ୍ୟମରେ ପୂର୍ଣ୍ଣାଙ୍ଗ ଭୋଟର ତାଲିକା - ୨୦୨୫-୨୬ ପ୍ରସ୍ତୁତ ପାଇଁ ଆଲୋକପାତ କରିଥିଲେ । ବିଡିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନନ୍ଦିତା, ବିଇଓ ରବୀନ୍ଦ୍ର ନାଥ ନନ୍ଦ ଯୋଗଦେଇ ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଭାଗିଦାରୀତାରେ ସ୍ୱଚ୍ଛ, ନିର୍ଭୁଲ, ସୁସ୍ଥ, ସାର୍ବଜନୀନ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ । କିଛି ବାହାର ଦେଶ ବା ରାଜ୍ୟ ଭୋଟରମାନେ ଏଠାରେ ନ ରହି ତାଙ୍କର ଅନୁପସ୍ଥିତିକୁ ନିର୍ବାଚନ ସମୟରେ ଉପସ୍ଥିତ ହେବାର ଧୃଷ୍ଟତା କରୁଥିବାରୁ ଏହାକୁ ଅନୁଧାନ କରି ଅଗ୍ରାଧିକାର ଭିତିରେ ପଦକ୍ଷେପ ନେବା ପାଇଁ ଆଲୋଚନା କରିଥିଲେ । ତ୍ରିଲୋଚନ ବିଶ୍ୱାଳ ପ୍ରଶିକ୍ଷକ ଭାବେ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ପରିଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ତାଲିମ୍ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର




ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଭିନ୍ନ ଦାବି ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ୨ଟି ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ସଭାପତି ବାଲାରାଜୁ ପାଢ଼ୀ ଓ ସାଧାରଣ ସମ୍ପାଦକ ଅଶୋକ କୁମାର ସାମଲଙ୍କ ନେତୃତ୍ୱରେ ୮୦ରୁ ଉର୍ଦ୍ଧ ସଦସ୍ୟ ସଂଘ କାର୍ଯ୍ୟାଳୟରୁ ନୀରବ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଭେଟି ଦୁଇଟି ଦାବିପତ୍ର ପ୍ରଦାନ କରିଥଲେ । ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଅର୍ଥ ଆଇନ ୨୦୨୫ର ସଂଶୋଧିତ ଚତୁର୍ଥ ପରିଚ୍ଛେଦକୁ ପ୍ରତ୍ୟାହାର, ଅଷ୍ଟମ ବେତନ କମିଶନ ତୁରନ୍ତ ଗଠନ କରାଯାଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନରେ ସଂଶୋଧନ, କ୍ୟାଶଲେସ୍ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ, ଦେଶର ସମସ୍ତ ଚିକିତ୍ସାଳୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ବ୍ୟବସ୍ଥା, ଶ୍ରମିକ ଓ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ବିବିଏଫ୍ ଆର୍ଡି ଏ ଆଇନ ପ୍ରତ୍ୟାହାର,ଏନ୍‌ପିଏସ୍ ଓ ୟୁପିଏସ୍ ଯୋଜନାକୁ ତୁରନ୍ତ ବାତିଲ କରାଯିବା ସହ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯିବାକୁ ଦାବି ହୋଇଛି । ସେହିପରି କରୋନା ସମୟରେ ବନ୍ଦଥିବା ୧୮ ମାସର ମହଙ୍ଗା ଭତ୍ତା ତୁରନ୍ତ ପ୍ରଦାନ, ପୂର୍ବଭଳି ବରିଷ୍ଠ ନାଗରିକ, ପେନ୍‌ସନରଙ୍କ ନିମନ୍ତେ ରେଳଯାତ୍ରାରେ ଥିବା ରିହାତି ଲାଗୁ କରାଯାଉ, କମ୍ୟୁଟେସନ ଅବଧି ୧୨ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ମାସକୁ ହ୍ରାସ କରାଯାଉ ବୋଲି ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ପାତ୍ର, ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର କୁମାର ମଲ୍ଲିକ, ବାବାଜୀ ଚରଣ ସ୍ୱାଇଁ, ଜୟଦେବ ରାଉଳ, ଶିବପ୍ରସାଦ ପାତ୍ର, ଜନାର୍ଦ୍ଦନ ରାଓ, ଦିନବନ୍ଧୁ ଜେନା, ଜଗନ୍ନାଥ ତିଆଡି, ନାରୁ ପାଟଲା, କେ.ଶିବଶଙ୍କର ପାତ୍ର, ଧବଳେଶ୍ୱର ରାଓ, ଭି. ଲକ୍ଷ୍ମୀନାରାୟଣ , ଏସ୍. ଏରାସ୍ୱାମୀ ଗଙ୍ଗା ପ୍ରସାଦ ଖିଲ, ନବକିଶୋର ସାହୁ, ରବିନ୍ଦ୍ର ପାଣିଗ୍ରାହୀ, କାଳୁଚରଣ ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ସୀତାରାମ ଗୌଡ, ବିଚିତ୍ରାନନ୍ଦ ରାଉତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ (ଭାସ୍କର ନ୍ୟୁଜ୍): ସିଡ଼ିଏ ସେକ୍ଟର-୬ସ୍ଥିତ ସଭାଗୃହ ଠାରେ ସଂଗଠନର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆବାସିକ ସଂଘର ପ୍ରତିଷ୍ଠାତା ସଦସ୍ୟ ୪ ସଚିତ୍ର କୁମାର ବିଶ୍ୱାଳଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ଶୋକସଭାରେ ସଭାପତି ଆଇନଜିବୀ ଦୟାନିଧି ଲେଙ୍କା, ପୂର୍ବତନ ସିଡ଼ିଏମଓ ଡ଼ଃ ସଂଜିତ କୁମାର ପଟ୍ଟନାୟକ, ରାଜ୍ୟ ଆଇନ କମିଶନର ସଦସ୍ୟ ବରିଷ୍ଠ ଆଇନଜିବୀ ସୌରଚନ୍ଦ୍ର ମହାପାତ୍ର, ସମାଜସେବୀ ପ୍ରତାପ ଚନ୍ଦ୍ର ରଥ, ଯୁଗ୍ମ ସମ୍ପାଦକ ବଂକିମ ଚନ୍ଦ୍ର ମହାନ୍ତି, ଆଇନଜିବୀ ଗଦାଧର ସାହୁ, ଶିକ୍ଷାବିତ ଅକ୍ଷୟ କୁମାର ଆଚାର୍ଯ୍ୟ, ବିଭୂ ପ୍ରସାଦ ପୃଷ୍ଟି, ପ୍ରଦୀପ କୁମାର ସାହୁ ଓ ସରୋଜ କୁମାର ଲେଙ୍କା, ପ୍ରଭୃତି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ ।



## ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି । ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି । ଏଥି ସହିତ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ- ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି । ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ ।

## ଯୁବ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବୁଧବାର ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ୧ ଘଣ୍ଟାର ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୋଲିସ ବାରିକେଟ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଗିରଫ କରିଥିଲା । ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ଯେଭଳି ତତ୍ପରତା ଦେଖାଉଛନ୍ତି ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତି ନେଇନଥାନ୍ତା ।

## ଏସ୍‌ସିବିରେ ଜ୍ୟୋତି ପ୍ରକାଶଙ୍କୁ ଭେଟିଲେ ଅଲକା ଲାମ୍ବା



କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଆତ୍ମଦାହ ଉଦ୍ୟମ କରିବା ବେଳେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଜ୍ୟୋତି ପ୍ରକାଶଙ୍କୁ ବୁଧବାର ଅଖିଳ ଭାରତୀୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବା ଓ ବିଧାୟିକା ସୋଫିଆ ଫିରଦୋସ ଏବଂ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଏସସିବି ମେଡିକାଲରେ ଭେଟିଛନ୍ତି । ତାଙ୍କର ବାପା ଓ ମାଙ୍କୁ ଭେଟି ତାଙ୍କ ପୁଅର ସାହାସିକତା ପାଇଁ ତାଙ୍କୁ ସାଧୁବାଦ ଜଣାଇବା ସହିତ ପୁଅର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ ଅଲକା ଲାମ୍ବା ସିଏଲପି ଲିଡର କାଡାମ ଏବଂ ବିଧାୟିକା ସୋଫିଆ । ଜ୍ୟୋତି ପ୍ରକାଶଙ୍କ ତାଙ୍କ ଶୀଘ୍ର ଆରୋଗ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ଜେ କାମେଶ୍ୱର ରାଓ ଓ ବଟକୃଷ୍ଣ ସାହୁ, କଂଗ୍ରେସ ନେତା ନିକୁଞ୍ଜ ପସାୟତ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ୧୨ ଘଣ୍ଟା ପାଇଁ ରାଜ୍ୟର ସବୁ ପେଟ୍ରୋଲ ପମ୍ପ ରହିବ ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତାକାଲି ସମଗ୍ର ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ । ଗୁରୁବାର କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ଥିବାରୁ ସୁରକ୍ଷା ଦୃଷ୍ଟିରୁ ସକାଳ ୬ ରୁ ସନ୍ଧ୍ୟା ୬ ଯାଏଁ ପେଟ୍ରୋଲ ପମ୍ପ ବନ୍ଦ ରଖିବାକୁ ନିଷ୍ପତି ହୋଇଛି । ୩ଟି ଡିପୋ ସହ ରାଜ୍ୟରେ ଥିବା ୩ ହଜାରରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ ରହିବ । ରାଜ୍ୟ ପେଟ୍ରୋଲ ଡିଲର ଆସୋସିଏସନ ସଭାପତି ଶଶାଙ୍କ ଶେଖର ସାହୁ ଏହି ସୂଚନା ଦେଇଛନ୍ତି ।

## ଓଡ଼ିଶା ବନ୍ଦ ଡାକରାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ସମର୍ଥନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନ୍ୟାୟ ପାଇଁ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅସହାୟ ଛାତ୍ରୀଜଣଙ୍କ ଆତ୍ମାହୁତି କରିଥିଲେ ଓ ଭୁବନେଶ୍ୱର ଏମ୍ସ୍ ଠାରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖିବୁଜିଲେ । ମୃତା ଛାତ୍ରୀ ନ୍ୟାୟ ପାଇଁ ୬ ମାସ କାଳ ବିଭିନ୍ନ କର୍ତୃପକ୍ଷ ଯଥା କଲେଜର ଅଧ୍ୟକ୍ଷ, ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରର ଶିକ୍ଷାମନ୍ତ୍ରୀ, ଜାତୀୟ ମହିଳା ଅୟୋଗ, ଶିକ୍ଷାମନ୍ତ୍ରୀ, ପୁଲିସ ପ୍ରଶାସନଙ୍କୁ ତା'ର ନିର୍ଯ୍ୟାତନା ବିରୁଦ୍ଧରେ ଜଣାଇଥିଲେ ସୁଧା କେହି ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିନଥିଲେ । ଏହା ଏକ ଆନୁଷ୍ଠାନିକ ବର୍ବରଚିତ ହତ୍ୟାକାଣ୍ଡ ।ତେଣୁ ଆସନ୍ତାକାଲି କଂଗ୍ରେସ ଓ ବାମପନ୍ଥି ଦଳ ସମେତ ସମସ୍ତ ସମଭାବାପର୍ଣ୍ଣ ଧର୍ମନିରପକ୍ଷେ ଧର୍ମଗୁଡ଼ିକୁ ନେଇ ଦିଆଯାଇଥିବା ବନ୍ଦ ଡାକରାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫ୍ ଏହି ବନ୍ଦକୁ ସମର୍ଥନ ଜଣାଇଛନ୍ତି ଓ ବିଭିନ୍ନ ଶ୍ରମିକ ସଂଗଠନମାନେ ନିଜ ନିଜ ଅଂଚଳରେ ବନ୍ଦରେ ସାମିଲ ହେବାକୁ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦ, କିଶୋର ଜେନା,ମହେନ୍ଦ୍ର ପରିଡ଼ା, ବିଜୟ ଜେନା, ଜୟନ୍ତ ଦାସ, ଦୁଷ୍ମନ୍ତ ଦାସ, ବିଷ୍ଣୁ ମହାନ୍ତି, ପ୍ରଭାତ ତ୍ରିପାଠୀ, ବି.ଏନ୍. ମହାପାତ୍ର, ନିରଞ୍ଜନ ମହାନ୍ତି, ଜୟସେନ ମେହେର, ରାଧାକାନ୍ତ ସେଠୀ, ଜ୍ୟୋତିରଞ୍ଜନ ମହାପାତ୍ର ଓ ବି.ପି. ଦାସ ପ୍ରମୁଖ ବନ୍ଦକୁ ସଫଳ କରିବା ପାଇଁ ଅନୁରୋଧ କରିବା ସହିତ ଦିବଙ୍ଗତା ଛାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସମସ୍ତ ଶ୍ରମିକ ଭାଇମାନେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଏହି ବନ୍ଦରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି ।

## ସୌମ୍ୟାଶ୍ରୀଙ୍କ ଉଦ୍ଧାର ବେଳେ ଆହତ ଛାତ୍ରଙ୍କ ପରିବାର ସହ କଥା ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫକିର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଘଟିଥିବା ଅଘଟଣରେ ଛାତ୍ରୀଙ୍କୁ ଉଦ୍ଧାର କରିବା ସମୟରେ ମହାବିଦ୍ୟାଳୟର ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଆହତ ହୋଇ ଏସସିବି ମେଡିକାଲର ବର୍ଣ୍ଣ ୟୁନିଟରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ମା'ଙ୍କ ସହିତ ଫୋନ ଯୋଗେ କଥା ହୋଇ ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ବ୍ୟସ୍ତ ନହେବା ପାଇଁ ସାନ୍ତ୍ୱନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ତାଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥିପ୍ରତି ବିଶେଷ ଧ୍ୟାନ ଦେବା ନିମନ୍ତେ ବର୍ଣ୍ଣ ୟୁନିଟର ଡାକ୍ତରୀ ଦଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମହାପ୍ରଭୁଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛନ୍ତି ମନ୍ତ୍ରୀ ।

## ବିଜେଡ଼ି ଆନ୍ଦୋଳନକାରୀଙ୍କ ଉପରେ ସରକାରର ନିର୍ମମ ଆକ୍ରମଣକୁ ଦୃଢ଼ ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱରସ୍ଥ ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କର ବ୍ୟବସ୍ଥିତ ହତ୍ୟାକାଣ୍ଡର ପ୍ରତିବାଦ କରି ବିଜେଡ଼ି ଦଳ ପକ୍ଷରୁ ରାଜ୍ୟ ଲୋକସେବା ଭବନକୁ ଘେରାଉ କରିବାକୁ ଆସିଥିବା ବିଜେଡ଼ି ନେତୃବୃନ୍ଦ ଓ କର୍ମୀଙ୍କ ଉପରେ ବିଜେପି ସରକାର ଯେଭଳି ପୋଲିସ୍ ଦ୍ୱାରା ନିର୍ମମ ଆକ୍ରମଣ କଲେ ତାହା ଗଣତାନ୍ତ୍ରିକ ସଭ୍ୟ ସମାଜରେ ଘଟେନାହିଁ । ଲୁହବୁହା ବାଷ୍ପ ପ୍ରୟୋଗ, ପାଣି ଓ ରବର ବୁଲେଟ୍ ମାଡ଼ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଜନଗଣଙ୍କର ସ୍ୱରକୁ ବନ୍ଦ କରି ଦେବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ ଚଳାଇଛନ୍ତି । ଫାଶିବାଦୀ କାଇଦାରେ ଜନଗଣଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ଏହା ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛି । ପୋଲିସ୍‌ର ଆକ୍ରମଣ ଫଳରେ ବିଜେଡ଼ି ନେତୃତ୍ୱଙ୍କ ସହ ଶହଶହ କର୍ମୀ ଆହତ ହୋଇଛନ୍ତି । ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହାର ଦୃଢ଼ ନିନ୍ଦା କରିବା ସହ ସୌମ୍ୟାଶ୍ରୀ ବିଶିର ମୃତ୍ୟୁ ପାଇଁ ରାଜ୍ୟ ସରକାର ତୁରନ୍ତ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ, କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କାରଣରୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱରର ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ଇସ୍ତଫା, କଲେଜ ଅଧ୍ୟକ୍ଷ, ବିଭାଗୀୟ ମୁଖ୍ୟ, ଜିଲ୍ଲା ଓ ପୋଲିସ୍ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି ।

## ସୌମ୍ୟଶ୍ରୀଙ୍କ ପିତା ସହ କଥା ହେଲେ ରାହୁଲ ଗାନ୍ଧୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ସ୍ଥିତ ଫକୀର ମୋହନ ଅଟୋନୋମସ୍ କଲେଜର ୨୦ ବର୍ଷୀୟ ଛାତ୍ରୀ ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ପିତାଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତ୍ତା କରିଛନ୍ତି ଓ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ପାଇଁ ଭରସା ଦେଇଛନ୍ତି । ଶିକ୍ଷକଙ୍କ ଦ୍ୱାରା ମାନସିକ ଓ ଯୌନ ଉତ୍ପୀଡନରେ ଅତିଶୟ ଦୁଃଖୀ ହୋଇ ସୌମ୍ୟଶ୍ରୀ ଆତ୍ମଦାହ କରିଥିଲେ । ରାହୁଲ ଗାନ୍ଧୀ ଏହି ଦୁଃଖଦ ଘଟଣାକୁ 'ଅମାନବିକ ଓ ଲଜ୍ଜାଜନକ' ବୋଲି କହି ତାହାର ତୀବ୍ର ନିନ୍ଦା କରିଛନ୍ତି । ଅନ୍ୟ ପକ୍ଷରେ ଏହି ଘଟଣାର ବିରୋଧରେ କଂଗ୍ରେସ ପାର୍ଟି ଗୁରୁବାର ଓଡ଼ିଶା ବନ୍ଦ ଘୋଷଣା କରିଛି । ଦଳ ରାଜ୍ୟ ସରକାର ସମ୍ମୁଖରେ ମାମଲାର ନିଷ୍ପକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

**୨୦୨୫-୨୬ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ**

## ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ କରିପାରିବେ ପଞ୍ଜିକରଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ବୁଧବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସର ଅଡିଟରିୟମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୫-୨୬ର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହି ଯୋଜନା ସମ୍ବନ୍ଧୀୟ ସମସ୍ତ ବିବରଣୀ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ଆଇଆରସିଟିସିର ଯୁଗ୍ମ ସାଧାରଣ ପରିଚାଳକ ଶ୍ରୀମତୀ କ୍ରାନ୍ତି ସବରକର ମଧ୍ୟ ଉପସ୍ଥିତ ଥିଲେ । ଆସନ୍ତାକାଲି ଜୁଲାଇ ୧୭ ତାରିଖରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ହିତାଧିକାରୀମାନେ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଅନଲାଇନରେ ଏବଂ ଅଫଲାଇନରେ ବ୍ଲକ ଓ ଜିଲ୍ଲା ପ୍ରଶାସନରେ ଆବେଦନ ପତ୍ର ଦାଖଲ କରିପାରିବେ । ଜିଲ୍ଲା ପ୍ରଶାସନ ଦ୍ୱାରା ଗଠିତ ଜିଲ୍ଲାସ୍ତରୀୟ ଯାଂଚ କମିଟି ଆବେଦନପତ୍ର ଗୁଡିକୁ ଯାଞ୍ଚ କରାଯିବ । ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକ ମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି ।

## ଆରମ୍ଭ ହେବ ଉତ୍ତମ ପ୍ରଶାସନିକ ଅଭ୍ୟାସ ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତମ ପ୍ରଶାସନିକ ଅଭ୍ୟାସ ବିଷୟବସ୍ତୁ ଉପରେ ଗୁରୁବାର ଠାରୁ ଭୁବନେଶ୍ୱରରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ (ଡିଏଆରପିଜି) ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ୧୭-୧୮ ତାରିଖ ଦୁଇ ଦିନ ଧରି ଆୟୋଜନ କରାଯିବ । କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତ ଭାବେ ଏହି ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବା ସହିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବେ । 'ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର' ଦ୍ୱାରା ସ୍ୱୀକୃତି ଲାଭ କରିଥିବା ବିଭିନ୍ନ ପ୍ରୟାସଗୁଡ଼ିକୁ ଉପସ୍ଥାପନ କରିବା ଏବଂ ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଉତମ ପ୍ରଶାସନିକ ଅଭ୍ୟାସ ବିଷୟବସ୍ତୁକୁ ନେଇ ସମ୍ମିଳନୀ ଆୟୋଜନ କରାଯାଉଛି । ଡିଏଆରପିଜି ସଚିବ ଭି. ଶ୍ରୀନିବାସ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିବେ । ଏହି ଜାତୀୟ ସମ୍ମିଳନୀରେ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ୫ଟି ପୂର୍ଣ୍ଣାଙ୍ଗ ଅଧିବେଶନ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ ୨୦୨୪ - (ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶ) ଶୀର୍ଷକ ପ୍ରଥମ ଅଧିବେଶନ ଡିଏଆରପିଜିର ଅତିରିକ୍ତ ସଚିବ ପୁନିତ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଡିଏଆରପିଜି ଯୁଗ୍ମ ସଚିବ ସରିତା ଚୌହାନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ପ୍ରୟାସ -୨୦୨୪ (ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ବିଷୟ ଉପରେ ଆଉ ଏକ ଅଧିବେଶନରେ ଅଧ୍ୟକ୍ଷତା କରିବେ ।

## ବିରୋଧୀ ଦଳ ନିଜ ଭୂମିକା ନିଭାନ୍ତୁ: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳ ନିଜ ଭୂମିକା ନିଭାନ୍ତୁ । ବାଲେଶ୍ୱର ଏଫ୍‌ଏମ୍ କଲେଜରେ ସମ୍ବେଦନଶୀଳ ଘଟଣା ଘଟିଲା ସରକାର ପ୍ରୋଆକ୍ଟିଭ ହୋଇ ସବୁ ପଦକ୍ଷେପ ନେଲେ । ୨ ଜଣ ନିଲମ୍ବନ ହେଲେ ଓ ଗିରଫ ହେଲେ । ଆଗକୁ ଆହୁରି କଠୋର କାର୍ଯ୍ୟନୁଷ୍ଠାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣ କରି ସାରିଛନ୍ତି । ସବୁ କଥାରେ ରାଜନୈତିକ ରୁଟି ନ ସେକିବା ସୁସ୍ଥ ମାନସିକତା । କିନ୍ତୁ ବିରୋଧୀ ସବୁ ଘଟଣାରେ ଶାଗୁଣା ପରି ଝାମ୍ପି ପଡିବା ସେଥିରୁ ନିବୃତ ରହିବା ଆବଶ୍ୟକତା ଅଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦ କହିଛନ୍ତି । ସେ କହିଛନ୍ତିମୃତା ଛାତ୍ରୀଙ୍କ ବାପା ମାଙ୍କ ବାରଣ ସତ୍ତ୍ୱେ ବିରୋଧୀ ଦଳ ଏହାକୁ ରାଜନୀତି କରଣ କରିବା , ଝିଅ ବଂଚିଥିବା ବେଳେ ତାକୁ ଅପମାନିତ କଥା କହି ଏବେ ନ୍ୟାୟ ଭିକ୍ଷା କରିବା ଅତ୍ୟନ୍ତ ଅପ୍ରାସଙ୍ଗିକ ଓ ଗ୍ରହଣୀୟ ନୁହେଁ । ସେ ଝିଅର କଷ୍ଟକୁ ବଢାଇବାରେ ଯାହାର ବି ସାମାନ୍ୟ ଲିଙ୍କ ଅଛି ସମସ୍ତଙ୍କୁ ତଦନ୍ତ ପରିସରକୁ ଅଣାଯିବ । ମାମଲାକୁ ବିରୋଧୀ ଦଳ ଭୁଲ ବାଟରେ ଟାଣିବାକୁ ଚେଷ୍ଟା କରୁଛନ୍ତି । ସାରୁ ଖୋଳୁ ଖୋଳୁ ମହାଦେବ ଭଳି ଦୁନିଆ କଥା ଆସିବ । କିଏ କେଉଁ ଦଳ ସହ ସମ୍ପୃକ୍ତ ଥିଲେ । ସମସ୍ତ କ୍ୟାମ୍ପସର ସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ସବୁ କ୍ୟାମ୍ପସ କମିଟିକୁ ପୁନଃ ଗଠନ କରାଯିବ ।

## ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ରାଜଭବନ ଛକସ୍ଥିତ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ,ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ବିପ୍ଳବୀଙ୍କ ଦାୟାଦ ସ୍ୱପ୍ନଶ୍ରୀ ମାହୁନ୍ତ, ସୁରେନ୍ଦ୍ର କୁମାର ମାହୁନ୍ତ, ଦିଲ୍ଲୀପ କୁମାର ଦାସ,ସାହିତ୍ୟିକ ଗୌରହରୀ ଦାସ, ସମାଜସେବୀ ଭାସ୍କର ଚନ୍ଦ୍ର ସେଠୀ, ପ୍ରଭାକର ପରିଡା, ଲକ୍ଷ୍ମୀଧର ବେହେରା, ଦିଲୀପ କୁମାର ଦାସ, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ଷୟ କୁମାର ସାହୁ ବିପ୍ଳବୀଙ୍କ ସ୍ମୃତିରେ କବିତା ପାଠ କରିଥିଲେ ।

## ଛାତ୍ରୀ ମୃତ୍ୟୁକୁ ନେଇ ରାଜନୀତି କରୁଛି ଛାତ୍ର ବିଜେଡି ଓ କଂଗ୍ରେସ: ଏବିଭିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୌମ୍ୟଶ୍ରୀ ବିଶି ମୃତ୍ୟୁକୁ ନେଇ ରାଜନୀତି କରୁଛି ଛାତ୍ର ବିଜେଡି ଓ କଂଗ୍ରେସ ବୋଲି ଅଭିଯୋଗ ଆଣିଛି ଏବିଭିପି । ବୁଧବାର ଏବିଭିପି ବାଣୀବିହାର କ୍ୟାମ୍ପସରୁ ନେଇ ବାଣୀବିହାର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରାଲି କରିଥିଲା । ଏହା ସହ ଦୀର୍ଘ ୧ ଘଣ୍ଟା ଧରି ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲା । ଏବିଭିପି ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ସୌମ୍ୟଶ୍ରୀ ଲଢେଇ କରିବା ଦିନରୁ ହିଁ ଏବିଭିପି ତା ସହିତ ଥିଲା । ଦୁଃଖର ବିଷୟ ସେ ସମୟରେ ଛାତ୍ର ବିଜେଡି ଓ କଂଗ୍ରେସ ସୋସିଆଲ ମିଡିଆରେ ଝିଅକୁ ଅଶାଳୀନ ମନ୍ତବ୍ୟ ଦେଉଥିଲେ । ଏମିତିକି ଚରିତ୍ର ସଂହାର କରିବାକୁ ପଛେଇ ନଥିଲେ । ଆଜି ସେ ଝିଅର ମୃତ୍ୟୁକୁ ନେଇ ହିନ ରାଜନୀତି କରୁଛନ୍ତି । ସେମାନେ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ନେଉ । ସେ ଝିଅକୁ ମାନସିକ ଚାପ ପକେଇଛନ୍ତି । ତାକୁ ମୃତ୍ୟୁ ପାଇଁ ସୋସିଆଲ ମିଡିଆରେ କହିଛନ୍ତି । ଆଉ ଏବେ ମିଛ କାନ୍ଦଣା କାନ୍ଦୁଛନ୍ତି । କଲେଜ କ୍ୟାମ୍ପସରେ ଆଇସିସି ଗଠନ କେବଳ ନୁହେଁ କମିଟି ସବୁ ଅଭିଯୋଗକୁ ଗୁରୁତ୍ୱର ସହ ନେଉ ବୋଲି ଦାବି ରଖିଛନ୍ତି । ସେପଟେ ଛାତ୍ରୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଧକ୍ଷ ଓ ଅଧ୍ୟାପକଙ୍କ ଉପରେ ଆହୁରି କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛି ଏବିଭିପି ।

## ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ଅଫିସିଆଲ୍ ଫେସ୍ ଏବଂ ବ୍ରାଣ୍ଡ ଆମ୍ବାସଡ଼ର ହେଲେ ଡାକ୍ତର ସାଇପ୍ରସନ୍ନା ବେହେରା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୁଣିଥରେ ବିଦେଶ ମାଟିରେ ଓଡିଶାର ଟେକ ରଖିଛନ୍ତି ଓଡିଶା ବୋହୂ ଡାକ୍ତର ସାଇପ୍ରସନ୍ନା ବେହେରା । ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲରେ ପ୍ରତିଯୋଗୀରୁ ଯାତ୍ରା ଆରମ୍ଭ କରି ମୁକୁଟ ଧାରଣ କରିବା ସହ ପ୍ରଥମ ଭାରତୀୟ ଭାବେ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ଅଫିସିଆଲ୍ ଫେସ୍ ଏବଂ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ ହୋଇଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା । ୨୦୨୩-୨୪ ରେ ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ପ୍ରତିଯୋଗୀତାରେ ଜଣେ ପ୍ରତିଯୋଗୀ ଭାବେ ନିଜର ଯାତ୍ରା ଆରମ୍ଭ କରିଥିଲେ ସାଇ । ସେହି ବର୍ଷ ବିଜେତା ହେବା ପରେ ଉତ୍କର୍ଷତା ଏବଂ ସୌନ୍ଦର୍ଯ୍ୟରେ ନୂତନ ମାନଦଣ୍ଡ ସ୍ଥାପନ କରିଥିଲେ । ଏହାସହ ପ୍ରଥମଥର ପାଇଁ ଡାକ୍ତର ସାଇପ୍ରସନ୍ନା ବେହେରା ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୪-୨୫ ଭାବରେ ପୁନଃ ମୁକୁଟ ଧାରଣ କରି ଓଡିଶା ପାଇଁ ଗର୍ବ ଗୌରବ ଆଣିଥିଲା । ଏବେ ତାଙ୍କ ଯାତ୍ରାରେ ଆଉ ଏକ ପାଦ ଆଗେଇ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି । ଏହି ଅଭୂତପୂର୍ବ ସମ୍ମାନ ଲାଭ କରିବା ସହିତ ପ୍ରତିଯୋଗୀରୁ ବିଜେତା ହୋଇ ପ୍ରତିନିଧତ୍ୱ କରିବାରେ ସେ ପ୍ରଥମ ବ୍ୟକ୍ତିତ୍ୱ ପାଲଟିଛନ୍ତି । ଏହି ସମ୍ମାନଜନକ ଉପାଧିରେ ସମ୍ମାନିତ ହୋଇଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ । ତାଙ୍କର ସଫଳତା ବିଶ୍ୱ ସ୍ତରରେ ପ୍ରତିନିଧିତ୍ୱ, ଦୃଢ଼ତା ଏବଂ ଉତ୍କର୍ଷତାର ଏକ ଶକ୍ତିଶାଳୀ ପ୍ରତୀକ । ନାରୀ ସଶକ୍ତିକରଣ ଏବଂ ସୌନ୍ଦର୍ଯ୍ୟର ଏକ ପ୍ରକୃତ ପ୍ରେରଣାଦାୟକ ପ୍ରତିଛବି ପାଲଟିଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା ।

## ଓଡିଶୀ ନୃତ୍ୟର ମହାକୁମ୍ଭ : ସରିଲା ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ତ୍ରିଧାରା ଦ୍ୱାରା ଓ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ୨୦୨୫ ବୁଧବାର ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଉଦଯାପିତ ହୋଇଯାଇଛି । ଏହି ଉଦ୍‌ଯାପନି ସମାରୋହରେ ଓଡିଶୀ ନୃତ୍ୟର ମହାକୁମ୍ଭ ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୯ଟା ସମୟରେ ଉପସ୍ଥିତ ଗୁରୁ, ବିଶିଷ୍ଟ ଅତିଥି, ଶିଷ୍ୟ ଏବଂ ଶୁଭେଚ୍ଛୁମାନଙ୍କ ଦ୍ୱାରା ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ଦେବପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପଗୁଚ୍ଛ ସହିତ ପୁଷ୍ପାଞ୍ଜଳି ପ୍ରଦାନ କରଯାଇଥିଲା ଏବଂ ୯.୩୦ ସମୟରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଠାରୁ ରବିନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଏକ ବିଶାଳ କଳା ପ୍ରଦର୍ଶନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ଅଧିବେଶନରେ ଅଂଶଗ୍ରହଣ କରିଥିବା ନୃତ୍ୟଶିଳ୍ପୀ ତଥା ନୃତ୍ୟ ଅନୁଷ୍ଠାନଗୁଡ଼ିକ ହେଉଛନ୍ତି ଛତ୍ରପୁରର ସମୀର ନୃତ୍ୟ କେନ୍ଦ୍ର ଦ୍ୱାରା ବାଘ ନାଚ/ କାଠ ପାଦ ନୃତ୍ୟ, ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଉଦ୍‌ଯାପନି ଅଧିବେଶନ ଗୁରୁ ଦେବପ୍ରସାଦ ନୃତ୍ୟ ରତ୍ନ ୨୦୨୫ପୁରସ୍କାର ବିତରଣ ସମାରୋହରୁ ଆରମ୍ଭ ହୋଇଥିଲା । ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ଗୁରୁ ଏବଂ ବରିଷ୍ଠ କଳାକାରମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ଭାଷାବିତ, ସାହିତ୍ୟକ, ଗବେଷକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଶିଷ୍ଟ ସ୍ଥପତି ସଂରକ୍ଷକ ପ୍ରଭାକର ମହାରଣା, ବିଶିଷ୍ଟ ନାଟ୍ୟକାର ତଥା ଇଂରାଜୀ ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ତ୍ରିଧାରାର କାର୍ଯ୍ୟକାରୀ ସଭାପତ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପୂଣ୍ୟ ଦର୍ଶନ ସାହୁ ।



# ଆମ କଳାହାଣ୍ଡି



## ଉପୁଜିଲା ଗଜା ମରୁଡି ଆଶଙ୍କା

# ବର୍ଷା ଅଭାବରୁ ଧାନ ଗଛ ପୋଡିବା ଆରମ୍ଭ

**ଚିନ୍ତାରେ ଚାଷୀ**

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଅଚାନକ ବର୍ଷା ଗାଏବ। ଅଟକି ରହିଛି ଚାଷ। ଏଣେ ଜମିରେ ରୁଆ ଲଗେଇବା ଧାନ ଗଛ ସବୁରେ ପତ୍ର ପୋଡିବା ଆରମ୍ଭ ହେଲାଣି। ଏପରିକି ବର୍ଷା ଅଭାବରେ ବୁଣା ଧାନ ଜମିରେ ବେଉସା ଯାଉନି। ଅନ୍ୟପଟେ ଶୁଖିଲା ଜମିରେ ଧାନ ଗଛ ସବୁ ହଳଦିଆ ହେବାକୁ ବସିଲାଣି। ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ବିଶେଷ ଭାବେ ଚାଷ କାମରେ ପ୍ରଭାବିତ ହୋଇ ଥିବା ଜଣାପଡିଛି। ଲୋକେ ହଳ ଲଙ୍ଗଳ ସଜାଡି ବସିଥିବା ବେଳେ ଅଚାନକ ବର୍ଷା ଗାଏବ ଦେଖା ଦେଇଛି। ବୁଣା ଧାନ ଓ ରୁଆ ଧାନ ଗଛ ଏବେ ତାର ପତ୍ର ପୋଡିବା ସାଙ୍ଗେ ହଳଦିଆ ଦେଖା ଯାଉଛି। ପର୍ଲା ପଞ୍ଚାୟତ ଚାଷୀଙ୍କ ପାଇଁ କୌଣସି ଜଳ ସେଚନ ବ୍ୟବସ୍ଥା ନ ଥିବା ବେଳେ ଉପରବାଲା ଭରସାରେ ଚାଷ ହୋଇଥାଏ। କେନାଲ ରହିଥିଲେ ବି ଭୁଲ ଖୋଲନ ଯୋଗୁ ନିର୍ମାଣ ଦିନରୁ ଚାଷ ଜମିରେ ପାଣି ଛୁଇଁ ପାରିନି। ବାରମ୍ବାର ପ୍ରଶାସନ ନେତା ମନ୍ତ୍ରୀଙ୍କୁ ଗ୍ରାମବାସୀ ଗୁହାରି କରି ଆସୁଥିଲେ ହିଁ ତାର ବ୍ୟବସ୍ଥା ଆଜିଯାଏ ହୋଇ ପାରି ନ ଥିବା ଅଭିଯୋଗ ହୁଏ। ନିର୍ବାଚନ ପରେ ନିର୍ବାଚନ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ନେତା ମନ୍ତ୍ରୀ ଅଜାଡି ଦେଇଥିଲେ ହିଁ ପାଣି ଫଟକା ପାଲଟିଛି। ବର୍ତ୍ତମାନ ଚାଷୀ ନିରାଶ ଓ ହତାଶ ହୋଇ ଉଠିଛି। ଲଘୁଚାପଜନିତ ବର୍ଷା ସବୁ ଆଶାକୁ ମଉଳି ପକାଇଛି। ଆଶା କରାଯାଉ ଥିଲା,ଏହି ଲଗାଣ ଲଘୁଚାପ ବର୍ଷାରେ ଚାଷ କାମ ଶେଷ ହେବ। ହେଲେ ସବୁ ଫିକା ପଡି ଯାଇଛି। ଚାଷୀ ମହାଜନ ବ୍ୟାଙ୍କ ଆଦି ସ୍ଥାନରୁ ଋଣ କରଜ କରି ଚାଷ ପ୍ରକ୍ରିୟା ଆରମ୍ଭ କରିଥିଲା। ହେଲେ ଶେଷରେ ବର୍ଷା ଅଭାବରେ ଗଜା ମରୁଡି ଆଶଙ୍କା ଉପୁଜିଥିବା ନେଇ ଭାଲେଣିରେ ହାତ ମାରି ବସି ରହିଛି।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଭବାନୀପାଟଣାର ଅନେକ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ସରକାରୀ ଆଇଟିଆଇ, ଭବାନୀପାଟଣା ଠାରେ 'ଏଆଇ ଏବଂ ଡିଜିଟାଲ୍ ଦକ୍ଷତା ମାଧ୍ୟମରେ ଯୁବ ସଶକ୍ତିକରଣ' ବିଷୟବସ୍ତୁ ଉପରେ କୁଇଜ୍, ପ୍ରବନ୍ଧ ରଚନା, ସଂଗୀତ ଓ ନୃତ୍ୟ ପ୍ରଦର୍ଶନ, ରଙ୍ଗୋଲି ଅଙ୍କନ, ପୋଷ୍ଟର ପ୍ରସ୍ତୁତି, ସ୍କ୍ରାପ୍ ସାମଗ୍ରୀରୁ ପ୍ରସ୍ତୁତ ଅଭିନବ ସୃଷ୍ଟି ପ୍ରଦର୍ଶନ କରୁଥିବା ବାଣିଜ୍ୟିକ ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଡିଏସଡିଇଓ ଦୁର୍ଗା ଚରଣ ଦାସ, ସମ୍ମାନିତ ଅତିଥି କଳାହାଣ୍ଡି ଡିଇଓ ସୁବିଦିତ ସାମନ୍ତରାୟ, ପ୍ରଧାନ ଶିକ୍ଷକ ଏ.ଡି. ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା, ସଚେତନତା ଓ ଦଳଗତ କାର୍ଯ୍ୟ ଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟ ପକ୍ଷରେ ମାଇଁ ଭାରତ କଳାହାଣ୍ଡି, ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଓ




ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଂଯୁକ୍ତ ପଦକ୍ଷେପରେ ସମ୍ପ୍ରସାରଣ ତାଲିମ କେନ୍ଦ୍ର, ଭବାନୀପାଟଣା ଠାରେ ବିଶ୍ୱ ଯୁବ ଦକ୍ଷତାଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଯୁବ ପିଢିକୁ ବୃତ୍ତିମୂଳକ କୌଶଳ ମାଧ୍ୟମରେ ସ୍ୱାବଲମ୍ବନ ଓ ନିଜ ଭବିଷ୍ୟତ ଗଢିବା ପାଇଁ ପ୍ରୋତ୍ସାହନ ଦେବା। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସିଆର୍‌ପିଏଫ ୬୪ବିଏନ୍‌ର ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ କୁମାର ତ୍ରିପାଠୀ ଓ ମାଇଁ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଯୋଗଦେଇ ଦିବସପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ୧୦୦ ଯୁବ ଲାଭାନ୍ୱିତଙ୍କୁ ତାଲିମ ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ସାର୍ଟିଫିକେଟ୍ ସେମାନଙ୍କୁ ଦକ୍ଷତା ଆଧାରିତ ଚାକିରି କିମ୍ବା ଉଦ୍ୟମିତା ଯାତ୍ରାରେ ଏକ ମଜବୁତ ସ୍ରୋତ ହେବ। ଶେଷରେ କ୍ଷୀରମଣୀ କୁମ୍ଭାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି କଳାହାଣ୍ଡି ଜିଲ୍ଲାରେ କଂଗ୍ରେସର ବନ୍ଦ ଡାକରା

## ଜିଲ୍ଲାସ୍ତରରେ ବ୍ୟାପକ ପଦକ୍ଷେପ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ କଂଗ୍ରେସ ଓ ବିଭିନ୍ନ ବାମପନ୍ଥୀ ଦଳକୁ ନେଇ ଆଜି ଦିଆ ଯାଇଥିବା ବନ୍ଦ ଡାକରାକୁ କଳାହାଣ୍ଡି ଜିଲ୍ଲାସ୍ତରରେ ବ୍ୟାପକ କରାଯିବା ପାଇଁ କିଭଳି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସୂଚନା ଦେବାପାଇଁ ଆଜି କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କରାଯାଇଥିଲା। ଦଳର ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପୂର୍ବତନ ସଭାପତି ଭାରତ ଭୂଷଣ ବେମାଲ, ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାକୁଡ଼, ମହିଳା ନେତ୍ରୀ ମାର୍ଜ୍ଜିନା ପ୍ରଧାନ, ରାଜୀବଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ରାଜ୍ୟ ସମ୍ପାଦକ ସରୋଜ ବାଗ, ଛାତ୍ରନେତା ସୁଶାନ୍ତ ପ୍ରଧାନୀ, ସିପିଆଇ ଦଳ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ଦାମୋଦର ବେହେରା, ସିପିଏମ ନେତା ନବ କିଶୋର ପଟ୍ଟନାୟକ, ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, କଂଗ୍ରେସ ଜିଲ୍ଲା ଉପସଭାପତି ପ୍ରୀତମ୍ ବେହେରା, ସୁବାସ ପ୍ରଧାନ, ଲିଙ୍ଗରାଜ ନାଏକ, ମହିଳା ନେତ୍ରୀ ସୁକାନ୍ତି ସରାଫ୍, ଆଇନଜୀବୀ ନିମାଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ରହି ବନ୍ଦ ପାଳନ ବିଷୟରେ ବିଶଦ୍ ସୂଚନା ସାମ୍ବାଦିକ ମାନଙ୍କୁ ଦେବାସହ ଆତ୍ମାହୁତି ଦେଇ ପ୍ରାଣ ହରାଇଥିବା ସୌମ୍ୟାଙ୍କୁ ପ୍ରକୃତ ନ୍ୟାୟ ଦେବାପାଇଁ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଆଜି ସକାଳ ୬ ଘଣ୍ଟା ଠାରୁ ସଂଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଏହି ବନ୍ଦ ନିମନ୍ତେ ସମସ୍ତ ଗାଡି ଚଳାଚଳ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ରହିବା ବେଳେ ଜରୁରୀ କାଳୀନ ବ୍ୟବହାର ପାଇଁ ଥିବା ଗାଡି ମଟର ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

## ଅଶାଳୀନ କମେଣ୍ଟକୁ ନେଇ କଙ୍ଗାରୁକୋର୍ଟ

# ୪ଯୁବତୀଙ୍କ ସହ ୨ଯୁବକଙ୍କୁ କୋର୍ଟଚାଲାଣ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ରାୟଗଡା -କୋରାପୁଟ ଜିଲ୍ଲା ପରେ ଏବେ କଳାହାଣ୍ଡି ଜିଲ୍ଲାରେ କଙ୍ଗାରୁ କୋର୍ଟ ଭଳି ଘଟଣା ଚର୍ଚ୍ଚାର ପରିସରକୁ ଆସିଛି। ସୋସିଆଲ ମିଡିଆରେ ଆଶ୍ଳୀଳ କମେଣ୍ଟକୁ ନେଇ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଜଣେ ଯୁବକକୁ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିଥିବା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ପଣ୍ଡି ଗାଁରେ। ରଜ ସମୟରେ କିଛି ଯୁବତୀ ମିଶି ଡାନ୍ସ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେହି ପୋଷ୍ଟରେ ପୀଡ଼ିତ ଯୁବକ ଅଶାଳୀନ କମେଣ୍ଟ କରିଥିବାକୁ ନେଇ ପୂର୍ବରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ହେଲେ ତାହା ବୁଝାମଣା ସହ ଘଟଣାର ପୂର୍ଣ୍ଣଛେଦ ପଡିଥିଲା। ତେବେ ଯୁବକ ଜଣକ ସେହି ଗାଁକୁ ଗଲା ବାଟରେ ଦୁଇ ଜଣ ଯୁବକ ଓ ୪ଯୁବତୀ ପୂର୍ବ ରାଗ ରଖି ଏକ ବିଦ୍ୟୁତ ଖୁଣ୍ଟରେ ଦୁଇ ଯୁବକ ଜାବୁଡ଼ି ଧରିଥିଲେ। ଆଉ ଦୁଇ ଝିଅ ନିର୍ଦ୍ଧୁମ ମାଡ଼ ମାରିଥିବା ଜଣାପଡ଼େ। ଯାହା ଭାଇରାଲ ଭିଡିଓରୁ ସ୍ପଷ୍ଟ ଭାବେ ଜଣାପଡୁଛି। ତେବେ ପରିବାର ଲୋକେ ଯୁବକକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କଲମପୁର ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ଜାରି ରହିଥିଲା। ତେବେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପରିବାର ଲୋକେ କଲମପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ ୪ ଜଣ ଝିଅ ଓ ଦୁଇ ପୁଅକୁ ଗିରଫ କରି ଡାକ୍ତରୀ ମଇନା କରିବା ସହ କୋର୍ଟ ଚାଲାଣ କରିଛି। ଏଭଳି ଆଇନକୁ ହାତକୁ ନେଇ ମାଡ଼ ମାରିବା ଘଟଣାକୁ ବୁଦ୍ଧିଜୀବୀ ମାନେ ନାପସନ୍ଦ କରିଛନ୍ତି। ତେବେ ଏହି ଘଟଣାରେ ୪ଜଣ ଯୁବତୀ ଓ ୨ଯୁବକ ସମ୍ପୃକ୍ତି ନା ଏହାର ପଛରେ ଆଉ କିଏ ଅଛି ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏଭଳି କଙ୍ଗାରୁ କୋର୍ଟ ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଧାୟକଙ୍କ ଦ୍ୱାରା ଷ୍ଟ୍ରିଟଲାଇଟର ଉଦ୍‌ଘାଟନ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ବିଜ୍ଞାପିତ ଅଞ୍ଚଳ ପରିଷଦ ଧର୍ମଗଡ ଆନୁକୂଲ୍ୟରେ ସୋମବାର ଦିନ ୱାର୍ଡ ନମ୍ବର-୧ ଭୀମଖୋଜପଡା ଠାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ କର କମଳରେ ଧର୍ମଗଡ ସହରରେ ସୌନ୍ଦର୍ଯ୍ୟ କରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଷ୍ଟ୍ରିଟ୍ ଲାଇଟର ଲୋକାର୍ପଣ ହୋଇଯାଇଛି। ବିଧାୟକ ଲୋକାର୍ପଣ କରି କେନ୍ଦ୍ର ସରକାର ଓ ରାଜ୍ୟସରକାରଙ୍କ ବିଭିନ୍ନ ବିକାଶ ମୂଳକ ଓ ଜନହିତକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ। ମହିଳା ମାନେ ବିକାଶ ଧାରାରେ ସକ୍ରିୟ ସାମିଲ ହେଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସମ୍ଭବ ବୋଲି ସେ ଉପସ୍ଥିତ ମହିଳାଙ୍କୁ ସମ୍ବୋଧନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାଉନସିଲର ନୀଳାମ୍ବର ଦାସ ସଭାପତିତ୍ୱ କରିଥିବା ବେଳେ ନଗରପାଳ ଅଶୋକ ମହାନ୍ତି ସଭା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ମନୀଷା ମିଶ୍ର, ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର, କାଉନସିଲର ଅଞ୍ଜନା ମାଝୀ, ନବୀନ ମହାନନ୍ଦ, ମୁନିରାମ ମାଝୀ, ମମତା ବାଗ, ଫକୀର ରାଉତ, ପ୍ରବୀଣ ପଣ୍ଡା, ଜ୍ୟୋତିର୍ମୟୀ ମହାନନ୍ଦ, ରତ୍ନ ପାତ୍ର, ସନ୍ତୋଷୀ ନାଏକ, ସୁଶୀଳା ନାଏକ ଏବଂ ଭୀମଖୋଜପଡାରେ ସମସ୍ତ ବୁଦ୍ଧିଜୀବୀ ଓ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସଭାମଞ୍ଚ ପରେ ସ୍ଥାନୀୟ ଲୋକେ ନିଜନିଜ ଆପତ୍ତି ଅଭିଯୋଗ ବିଧାୟକଙ୍କୁ ଜଣାଇ ଥିଲେ।

## ରଘୁନାଥ ଖମାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ବାଜା ବାଜିଲା, ହୁଳହୁଳି ସହ ଶଙ୍ଖ ଧ୍ୱନିରେ ଉଛୁଳି ପଡିଲା ପରିବେଶ। ସମସ୍ତଙ୍କ ଆଖିରେ ଲୁହ। ଏଭଳି ଦୃଶ୍ୟ ଜଣେ ସରକାରୀ ପ୍ରଶାସନ ଅଧିକାରୀଙ୍କ ଚାକିରୀ ଜୀବନର ଅବସର ବେଳର ମୁହୂର୍ତ୍ତ, ଯାହା ଏବେ ଚର୍ଚ୍ଚାର ପରିସରକୁ ଆସିଛି। ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁନାଥ ଖମାରି ଗତ ୩୦ତାରିଖ ଦିନ ଅବସର ଗ୍ରହଣ କରିଛନ୍ତି। ସେହି ଦିନ ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ହେଲେ କର୍ମ କ୍ଷେତ୍ର ସ୍ଥାନ ଜୟନ୍ତପୁର ଠାରେ ଗତ ୧୩ତାରିଖ ଦିନ ମହା ସମାରୋହରେ ଅବସରକାଳୀନ ସମ୍ବର୍ଦ୍ଧନା ସହ ବିଦାୟ ଦିଆଯାଇଛି। ପଞ୍ଚାୟତ ସରପଞ୍ଚ ଜୟନ୍ତୀ ବାଗଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମର ଶତାଧିକ ମହିଳା ପୁରୁଷ ଏକଜୁଟ ହୋଇ ଶ୍ରୀ ଖମାରିଙ୍କୁ ବନ୍ଦାପନା କରିବା ସହ ତାଙ୍କ ଜନ୍ମ ସ୍ଥାନ ଗାଁ ଡୁର୍କାଠେଙ୍ଗାକୁ ପାଛୋଟି ନେଇଥିଲେ। ସେଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଧଅରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଗୌରୀ ସେଠିଆ, ପୂର୍ବତନ ସରପଞ୍ଚ ଜାନକୀ ଜୁଏଡ଼, ସମିତି ସଭ୍ୟ ଥବିର ନାଗ, ପୂର୍ବତନ, ସରପଞ୍ଚ ରମଣୀ ଦୁରିଆ, ଟିକମନ ଯାଦବ ଜୟନ୍ତପୁର ନାଏବ ସରପଞ୍ଚ ସମେତ ସମସ୍ତ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତି ରହି ଶ୍ରୀ ଖମାରିଙ୍କ ଚାକିରୀ ଜୀବନରେ ଜଣେ ଦକ୍ଷ ଓ ନିଷ୍ଠା ସେବାକୁ ପଞ୍ଚାୟତ ମନେ ରଖିବ ବୋଲି କହିଥିଲେ। ଅନ୍ୟପଟେ ଶ୍ରୀ ଖମାରି ଜୟନ୍ତପୁର ଗ୍ରାମ ପଞ୍ଚାୟତ ସାଧାରଣ ଜନତାଙ୍କ ପ୍ରେମ, ସମ୍ମାନ ଓ ସହଯୋଗ ମୋର ବଡ଼ ଉପଲବ୍ଧି ହୋଇ ରହିବ ବୋଲି କହିଥିଲେ।

## ୯ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୬୦ ବର୍ଷ ବୟସରୁ ଅଧିକ ନାଗରିକଙ୍କୁ କେନ୍ଦ୍ର ସରକାରଙ୍କ ହିସାବରେ ମେଡ଼ିକାଲ ସୁବିଧା, ପେନ୍‌ସନ୍ ଅଭିଯୋଗ ବିଭାଗର ପୁନଃ କାର୍ଯ୍ୟକ୍ଷମ, ସରକାରୀ ଓ ବେସରକାରୀ ବସ୍‌ରେ ରିହାତି ପାସ ବ୍ୟବସ୍ଥା, ଅଷ୍ଟମ ବେତନ କମିଶନ ହିସାବରେ ପେନସନ ପ୍ରଦାନ, ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ କର୍ମଚାରୀ ଫେଡେରେସନ ଗଠନ କରି ସେଠାରେ ସମସ୍ତ ଅବସର ପ୍ରାପ୍ତ କର୍ମଚାରୀଙ୍କ ରହିବା ସୁବିଧା ସମେତ ୯ଦଫା ଦାବି ନେଇ ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ମାନେ ଏକ ଶୋଭାଯାତ୍ରାରେ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସଂଘର ସଭାପତି ସୁନିଲ କୁମାର ପାତ୍ର, ସମ୍ପାଦକ ରଘୁନାଥ ପଣ୍ଡା, ରାଜ୍ୟ ପରିଚାଳନା କମିଟି ସଦସ୍ୟ ବାସୁଦେବ ସାହୁ, ଉପ ସଭାପତି ନିରଞ୍ଜନ ମହାପାତ୍ର, ଲୋକନାଥ ବେହେରା, ଫୁଲେଶ୍ୱର୍ ସେନାପତି, ଲବରାମ ସରାଫ, ଅଜିତ କୁମାର ପଣ୍ଡା ପ୍ରମୁଖ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଚୋଡ଼ଗଙ୍ଗ ପ୍ରଧାନଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଓ ଓଡିଶା ମୂଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ୮ ପଞ୍ଚାୟତର ନାହିଁ ନିଜସ୍ୱ ଗୃହ

# ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି ଅଫିସ୍ କାମ




କୋକସରା, (ଭାସ୍କର ନ୍ୟୁଜ୍) : ପ୍ରଥମ ସୋପାନରେ ଯେଉଁଠାରେ ବିକାଶର ନକ୍ସା ତିଆରି କରାଯାଏ ତାହା ହେଉଛି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ। ଏହିଠାରୁ ହିଁ କାର୍ଯ୍ୟ ଖସଡ଼ା ତିଆରି ହୋଇ ଆଗକୁ ଯାଇଥାଏ, ଆଉ ବିକାଶର ରାସ୍ତା ଆଗକୁ ବଢ଼ିବାରେ ଲାଗେ। ହେଲେ ବିକାଶର ନକ୍ସା ତିଆରି କରୁଥିବା ଗ୍ରାମ ପଞ୍ଚାୟତର ନିଜସ୍ୱ ଅଫିସ ଗୃହ ନାହିଁ। ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଚାଲିଛି ଅଫିସ ଗୃହ। ଯାହା ବିକାଶ କେତେ ଆଗକୁ ବଢୁଛି ତାହା ଏଥିରୁ ଅନୁମେୟ। କୋକସରା ବ୍ଲକରେ ମୋଟ୍ ୨୨ ଗୋଟି ଗ୍ରାମ ପଞ୍ଚାୟତ ରହିଛି। ହେଲେ ସେଥିମଧ୍ୟରୁ ୧୪ଟି ଗ୍ରାମ ପଞ୍ଚାୟତ ଯଥା ଆମପାଣି, ବରାଡଙ୍ଗା, ଡହଗାଁ, ଗମ୍ଭାରୀଗୁଡା, ଗୋତମୁଣ୍ଡା, କାଶୀବାହାଲ, କାଉଡୋଲା, ଖୁଣ୍ଟିଆ, ଲଡୁଗାଁ, ମାଝୀଗୁଡା, ମହିମା, ମୁଷାପାଲି, ଫୁପଗାଁ ଓ ପୋଡାଗୁଡା ପଞ୍ଚାୟତର ଅଫିସ ଗୃହ ଭଲ ସ୍ଥିତିରେ ରହିଥିବାବେଳେ ନିଜସ୍ୱ ଗୃହରେ କାର୍ଯ୍ୟାଳୟ ଚାଲିଛି। ତେବେ ପାଞ୍ଚଟି ଗ୍ରାମ ପଞ୍ଚାୟତ ଯଥା ବଡ଼ପୋଡ଼ାଗୁଡ଼ା, ତାଲଗୁମା, ଡୁଡୁକାଠେଙ୍ଗା, କୋକସରା ଓ ମୋଟେର ଗ୍ରାମ ପଞ୍ଚାୟତର ଅଫିସ୍ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଦୁଇଟି ପଞ୍ଚାୟତ ରେଙ୍ଗାଲପାଲି ଓ ଟେମରା ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ଅଫିସ୍ ଗୃହ ନାହିଁ। ସେହିପରି କନ୍ଦାବୁଟୁରା ଗ୍ରାମ ପଞ୍ଚାୟତର ଅଫିସ୍ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ତେଣୁ ଏହି ସବୁ ପଞ୍ଚାୟତର ନିଜସ୍ୱ ଅଫିସ ଗୃହ ନଥିବାରୁ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ କାର୍ଯ୍ୟ ଚାଲିଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି। ଅନ୍ୟପଟେ ମନରେଗା ଯୋଜନାରେ ଶ୍ରମିକଙ୍କ ସୁବିଧା ସକାଶେ କରାଯାଇଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୁଡ଼ିକରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଥିବାରୁ ଏହା ଯେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାହା ପୂରଣ କରିପାରୁ ନାହିଁ। ଏଣେ ପ୍ରଶାସନିକ ଅବହେଳା ଓ ପଞ୍ଚାୟତିରାଜ ବିଭାଗର ଉଦାସୀନତା ଯୋଗୁଁ ବର୍ଷ ବର୍ଷ ଧରି ପଞ୍ଚାୟତ ଗୁଡ଼ିକର ନିଜସ୍ୱ ଅଫିସ ଗୃହ ନଥିବାରୁ ସମସ୍ୟା ଦେଇ ଗତି କରୁଛି। ଯାହା ପଞ୍ଚାୟତି ରାଜ ବିଭାଗର ନଗ୍ନ ଚିତ୍ରକୁ ପ୍ରଦର୍ଶିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

# ଭଙ୍ଗାଦଦରା ଅବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

- ସାମାନ୍ୟ ବର୍ଷାରେ ଛାତରୁ ଝରୁଛି ପାଣି
- ନିର୍ମାଣ ଓ ମରାମତି ଦାବି



ଲାଞ୍ଜିଗଡ଼, ( ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରାଜସ୍ୱ ପରିଚାଳନା ଓ ଜମିଜମା ସଂକ୍ରାନ୍ତୀୟ ବ୍ୟବସ୍ଥାର ତଦାରଖ ପାଇଁ ତହସିଲ କାର୍ଯ୍ୟାଳୟ ସହିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଲାଞ୍ଜିଗଡ ତହସିଲରେ ବିଶ୍ୱନାଥପୁର, ଲାଞ୍ଜିଗଡ, ବିଜେପୁର, ମୂଷାନାଳ, ଭଟାଙ୍ଗପଦର, ଲାଞ୍ଜିଗଡ ରୋଡ୍, କମର୍ଦ୍ଦା, ନଙ୍ଗଳବେଡ଼ା ଓ ବନ୍ଧପାରିଠାରେ ରହିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହ। ବ୍ଲକର ୨୬ ଗୋଟି ଗ୍ରାମପଞ୍ଚାୟତର ୪୭୩ ଗୋଟି ରାଜସ୍ୱ ଗାଁ ଓ ପଡ଼ା ଗାଁ ପାଇଁ ଏସବୁ କାର୍ଯ୍ୟାଳୟ ରାଜସ୍ୱ ଓ ଅନ୍ୟାନ୍ୟ ସେବା ଯୋଗାଇ ଦେଇଥାଆନ୍ତି। ଏସବୁ କାର୍ଯ୍ୟାଳୟରେ ସମସ୍ତ ଜମିଜମା ରେକର୍ଡ ସଂରକ୍ଷିତ ହୋଇରହିଛି। ସେହିପରି କାର୍ଯ୍ୟାଳୟ ଦାୟିତ୍ୱରେ ରାଜସ୍ୱ ନିରୀକ୍ଷକ ନିଯୁକ୍ତ ରହିବା କଥା। କିନ୍ତୁ ଲାଞ୍ଜିଗଡ଼ ତହସିଲର କମର୍ଦ୍ଦା ଓ ବିଜେପୁର କାର୍ଯ୍ୟାଳୟ ଏବେ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଭରସାରେ ଚାଲିଛି। ଅପରପକ୍ଷରେ, ଲାଞ୍ଜିଗଡ ତହସିଲ ଅନ୍ତର୍ଗତ ମୂଷାନାଳ ଓ ଭଟାଙ୍ଗପଦରକୁ ଛାଡ଼ିଦେଲେ ଲାଞ୍ଜିଗଡ଼ ରୋଡ଼, ବିଶ୍ୱନାଥପୁର, ଲାଞ୍ଜିଗଡ଼, ନଙ୍ଗଳବେଡା, ବିଜେପୁର ଆଦି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ହୋଇପଡିଛି। କାର୍ଯ୍ୟାଳୟଗୁଡିକ ଭଙ୍ଗାଦଦରା ହୋଇପଡ଼ିଥିବାବେଳେ ଛାତରୁ ପାଣି ଝରୁଛି। ତହସିଲ ଅନ୍ତର୍ଗତ ସାତଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡିଥିବାବେଳେ ଏସବୁର ନିର୍ମାଣ ଓ ମରାମତି ପାଇଁ ନା ଜିଲ୍ଲା ପ୍ରଶାସନ ନା ରାଜସ୍ୱ ବିଭାଗ କେହି ବି ଦୃଷ୍ଟିପାତ କରୁନାହାନ୍ତି। ଦୀର୍ଘ ବର୍ଷ ହେଲା ଏପରି ପରିସ୍ଥିତିରେ ଜମିଜମା ରେକର୍ଡ ଓ କାଗଜପତ୍ର ବିପଦ ସଂକୁଳ ଅବସ୍ଥାରେ ରହିଛି। ଏଣୁ ରାଜସ୍ୱ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଭଙ୍ଗାଦଦରା ହୋଇ ପଡ଼ିଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରାଶିଫଳ

**ଗୁରୁବାର, ୧୭ ଜୁଲାଇ ୨୦୨୫**



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।



**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ।



**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ଆୟ ରହିବ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ। ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ।



**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢ଼ିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୈଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯